R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୬୩
ତିଥି: ତୃତୀୟା
୦୭ ଡିସେମ୍ବର ୨୦୨୫, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 63
07 December 2025, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଟେଷ୍ଟ ପରାଜୟର ପ୍ରତିଶୋଧ ଦିନିକିଆରେ

# ଶୃଙ୍ଖଳା ଜିତିଲା ଭାରତ

ବିଶାଖାପଟନମ,୬ା୧୨(ଏଜେନ୍ସି): ଟେଷ୍ଟ ଶୃଙ୍ଖଳାରେ ଶୋଚନୀୟ ପରାଜୟର ପ୍ରତିଶୋଧ ନେଇଛି ଭାରତ । ଶନିବାର ବିଶାଖାପଟନମରେ ଅନୁଷ୍ଠିତ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ମ୍ୟାଚରେ ଭାରତ ୯ ୱିକେଟରେ ବିଜୟଲାଭ କରି ଶୃଙ୍ଖଳା ଝାମ୍ପି ନେଇଛି । ଯଶସ୍ୱୀ ଜୟସ୍ୱାଲଙ୍କ ଶତକ (୧୧୬), ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ (୭୫) ଏବଂ ବିରାଟ କୋହଲିଙ୍କ ଅପରାଜିତ ୬୫ ରନ୍ ଯୋଗୁଁ ଭାରତ ମ୍ୟାଚ ସହ ଶୃଙ୍ଖଳା ଜିତିବାକୁ ସକ୍ଷମ ହୋଇଛି । ପ୍ରଥମେ ବ୍ୟାଟିଂ କରି ଦ.ଆଫ୍ରିକା ୪୭.୫ ଓଭରରେ ୨୭୦ ରନ୍ କରି ଅଲଆଉଟ୍ ହୋଇଥିଲା । ଜବାବରେ ଭାରତ ୩୯.୫ ଓଭରରେ ୨୭୧/୧ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ଶତକୀୟ ଇନିଂସ ପାଇଁ ଜଶସ୍ୱୀ ଜୟଶ୍ୱାଲଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ଏବଂ ଶୃଙ୍ଖଳାରେ ଦୁଇଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ପାଇଁ ବିରାଟ କୋହଲିଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍ ବିବେଚିତ କରାଯାଇଛି । (୯ ପୃଷ୍ଠାରେ)




# ଇଣ୍ଡିଗୋ ସଙ୍କଟ : ହସ୍ତକ୍ଷେପ କଲା ପିଏମ୍‌ଓ




**ମନଇଚ୍ଛା ଭଡା ଉପରେ ଲାଗିଲା କଟକଣା**

**ଭଡା ଧାର୍ଯ୍ୟ କଲେ ସରକାର**

ନୂଆଦିଲ୍ଲୀ,୬ା୧୨: ଯାତ୍ରୀ ପରିବହନ ବିମାନ ସେବାରେ ଥିବା ପ୍ରମୁଖ ବିମାନ କମ୍ପାନୀ ଇଣ୍ଡିଗୋର ସଂକଟ ଯୋଗୁଁ ଏବେ ବିମାନ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଆଜି ମଧ୍ୟ ଇଣ୍ଡିଗୋ ପକ୍ଷରୁ ପ୍ରାୟ ୮୫୦ ବିମାନ ବାତିଲ ହୋଇଥିବା ସୂଚନା ମିଳିଛି । ତେବେ ଇତିମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ସମସ୍ୟା ଟାଳିବା ପାଇଁ ସାମ୍ନାକୁ ଆସିଛି । ପିଏମଓ ପକ୍ଷରୁ ଇଣ୍ଡିକୋ ସିଇଓ ପିଟର ଏଲବ୍ରସଙ୍କ ସହ ଯୋଗାଯୋଗ କରାଯାଇଛି । ଅନ୍ୟ ପକ୍ଷରେ ବେସାମରିକ ବିମାନ ମନ୍ତ୍ରଣାଳୟ ପକ୍ଷରୁ ଇଣ୍ଡିଗୋର ପ୍ରମୁଖ ଅଧିକାରୀମାନଙ୍କୁ ସମନ କରାଯାଇଛି । ରବିବାର ସୁଧା ବାତିଲ ହୋଇଥିବା ବିମାନର ଭଡା ସମ୍ପୃକ୍ତ ଯାତ୍ରୀଙ୍କୁ ଫେରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାଛଡା ଇଣ୍ଡିଗୋ ବିଭ୍ରାଟ ଲାଗି ଅନ୍ୟ ବିମାନ ପରିବହନ କମ୍ପାନୀ ଗୁଡିକର ଯାତ୍ରୀ ଭଡା ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି ସରକାର ଯାତ୍ରୀ ଭଡ଼ା ମଧ ଧାର୍ଯ୍ୟ କରିଛନ୍ତି ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପିଏମଓ ପକ୍ଷରୁ ଇଣ୍ଡିକୋର ସିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଇଣ୍ଡିଗୋ ସିଇଓ ୧୦ ଦିନ ମଧ୍ୟରେ ବିମାନ ସେବାକୁ ସନ୍ତୁଳିତ କରିବେ ବୋଲି କହିଥିବା ଜଣାପଡ଼ିଛି । ଏହାଛଡା ଏଫଡିଟିଏଲ ଥିବା ବ୍ୟବସ୍ଥାକୁ କୋହଳ କରିବା ପାଇଁ କୁହାଯାଇଛି । ବିମାନ ସଂକଟକୁ ଦୃଷ୍ଟିରେ ରଖି ରେଳବାଇ ପକ୍ଷରୁ ଅତିରିକ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ ଆରମ୍ଭ ହୋଇଛି । ସରକାରଙ୍କ (୯ ପୃଷ୍ଠାରେ)

### କ୍ୟାବିନେଟ୍‌ରେ ୬ ପ୍ରସ୍ତାବ ପାରିତ

# ଓଏଫ୍‌ଏସ୍ କ୍ୟାଡର ପୁନର୍ଗଠନ ଅନୁମୋଦିତ

- ଓଡ଼ିଶା ଔଷଧ ଓ ଚିକିତ୍ସା ଉପକରଣ ନୀତି ମଞ୍ଜୁର
- ବିଚାର ବିଭାଗୀୟ ସେବା ନିୟମାବଳୀ ସଂଶୋଧନ
- ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା ଲାଗି ୨୭୪ କୋଟି
- ବୟନଶିଳ୍ପକୁ ସୁଦୃଢ଼ କରିବା ଲାଗି ୪୯୦ କୋଟି
- ବିଶ୍ୱବିଦ୍ୟାଳୟ ଶିକ୍ଷକ ପ୍ରତ୍ୟକ୍ଷ ନିଯୁକ୍ତି ସଂଶୋଧନ ଅନୁମୋଦନ

ଭୁବନେଶ୍ୱର, ୬ା୧୨ (ସବ୍ୟୁ) : ଓଡ଼ିଶା ମତ୍ସ୍ୟ ସେବା (ଓଏଫ୍‌ଏସ୍) କ୍ୟାଡର ପୁନର୍ଗଠନକୁ ଅନୁମୋଦନ କରାଯାଇଛି । ଏହି ପୁନର୍ଗଠନ ଫଳରେ ଅତିରିକ୍ତ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୨ ରୁ ୪, ଯୁଗ୍ମ ମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୩ ରୁ ୧୯, ଉପମତ୍ସ୍ୟ ନିର୍ଦ୍ଦେଶକ ପଦ ସଂଖ୍ୟା ୧୮ ରୁ ୧୧୯କୁ ବୃଦ୍ଧି ପାଇବ । ସେହିଭଳି ଲେଭଲ ୧୨ରେ ନୂତନ ପଦବୀ ସୃଷ୍ଟି କରାଯାଇ ମୋଟ୍ ପଦବୀ ସଂଖ୍ୟା ୧୯୫ ହେବ । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍ ୬ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।

ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ (୯ ପୃଷ୍ଠାରେ)

### ପୁରୀରେ ଜିଇଏଲ୍‌ସି ୨୦୨୫ ଉଦ୍‌ଘାଟିତ

ଭୁବନେଶ୍ୱର, ୬ା୧୨ (ସବ୍ୟୁ) : ପୁରୀ ଠାରେ ଆୟୋଜିତ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଟ୍ ୨୦୨୫ (ଜିଇଏଲ୍‌ଏସ୍) ୨୦୨୫କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉଦ୍‌ଘାଟନ କରିଛନ୍ତି । ଉକ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ବିକାଶରେ ଏନର୍ଜି ସପ୍ଲାଇ ଚେନକୁ ଓଡ଼ିଶା ନିଜର ପ୍ରମୁଖ ଉପାଦାନ ଭାବେ ଗ୍ରହଣ କରିଛି ଯାହାଫଳରେ ୨୦୩୬ ସୁଦ୍ଧା ଜୀବାଶ୍ମ ଇନ୍ଧନ ଶକ୍ତି ଉତ୍ପାଦନ ଓ ବ୍ୟବହାର ବ୍ୟୟ କମାଇ, ଆମ ରାଜ୍ୟ ଗ୍ରୀନ୍ ଏନର୍ଜି ରାଜ୍ୟ ଭାବେ ଉଭା ହେବ ।

# ୨୦୩୬ ସୁଦ୍ଧା ରାଜ୍ୟ ଗ୍ରୀନ୍ ଏନର୍ଜି ହବ୍ : ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଗ୍ରାମୀଣ ଜନସାଧାରଣଙ୍କ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶକ୍ତି କ୍ଷେତ୍ରରେ ଓଡିଶା ନିଜର ଭବିଷ୍ୟତ ପିଢ଼ି ଉପରେ ବିନିଯୋଗ କରୁଛି କାରଣ ବିଦ୍ୟୁତ୍ ଏକ ସର୍ବୋଚ୍ଚ ପ୍ରାଥମିକତା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି, ଯାହା ସଦା ସର୍ବଦା ଆମକୁ ଆତ୍ମନିର୍ଭର କରିବା ଦିଗରେ ସହାୟତା କରିବ ।

ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ ଓଡିଶା ପରି, ପ୍ରତ୍ୟେକ ରାଜ୍ୟର ନିଜସ୍ୱ ଶକ୍ତି ଉତ୍ପାଦନ ତଥା ସଂରକ୍ଷଣକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି । ଜିଇଏଲ୍‌ଏସ୍ ୨୦୨୫ ହେଉଛି କେନ୍ଦ୍ର, ରାଜ୍ୟ, ଶିଳ୍ପ, (୯ ପୃଷ୍ଠାରେ)

**ଓଡିଶା ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟ ଘର ଅନୁମୋଦିତ : କେନ୍ଦ୍ରମନ୍ତ୍ରୀ**

## ୧୦ ଦାଦନ ଶ୍ରମିକ ଉଦ୍ଧାର ଘଟଣାରେ ଜେଲ ଗଲେ ୨ ଦଲାଲ

ମୁରିବାହାଲ, ୬ା୧୨ (ସବ୍ୟୁ): ବଲାଙ୍ଗିର ଜିଲ୍ଲା ଦାଦନ ପ୍ରବଣ ମୁରିବାହାଲ ବ୍ଲକ ସଦର ମହକୁମାରୁ ପୁଲିସ ୧୦ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ବେଳେ ସେମାନଙ୍କୁ ଚାଲାଣ ଅଭିଯୋଗରେ ୨ଜଣ ଦାଦନ ଦଲାଲଙ୍କୁ ଗିରଫ କରିଥିଲା । ଶନିବାର ଗିରଫ ଉଭୟ ଦଲାଲଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଏହି ୧୦ ଦାଦନ ଶ୍ରମିକ ଉଦ୍ଧାର ଘଟଣାରେ କେବଳ ୨ଦଲାଲ ଜେଲ୍ ଯାଇଥିବା ବେଳେ ପୁଣି ଥରେ ତଥାକଥିତ ମୁଖ୍ୟ ସର୍ଦ୍ଦାରମାନେ ଫେରାର ହୋଇଯାଇଥିବା ସନ୍ଦେହ ସୃଷ୍ଟି କରୁଛି । ଗୁରୁବାର ରାତିରେ ପୁଲିସ ଟିମ୍ ପେଟ୍ରୋଲିଂ କରୁଥିବା ବେଳେ ମୁରିବାହାଲ ହାଇସ୍କୁଲ ପଛପଟେ ଥିବା ଏକ ପଡ଼ାରେ ବହୁ ଦାଦନ ଶ୍ରମିକ ଆନ୍ଧ୍ରା, ତେଲେଙ୍ଗାନା ରାଜ୍ୟକୁ ଚାଲାଣ ହେବାକୁ ଥିବା ଜାଣିପାରି ଚଢ଼ାଉ କରିଥିଲା । ସେଠାରୁ ୧୦ଜଣ ଦାଦନ ଶ୍ରମିକ ଓ ସେମାନଙ୍କୁ ଚାଲାଣ କରୁଥିବା ଅଭିଯୋଗରେ ୨ଜଣ ଦାଦନ ଦଲାଲଙ୍କୁ ଥାନାକୁ ନେଇ ଅଧିକ (୯ ପୃଷ୍ଠାରେ)

## ନେହରୁଙ୍କୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଛି : ସୋନିଆ

ନୂଆଦିଲ୍ଲୀ, ୬ା୧୨ : କ୍ଷମତାସୀନ ଦଳ କେବଳ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହରୁଙ୍କୁ କେବଳ ବଦନାମ କରିବା ପାଇଁ ନୁହେଁ ବରଂ ତାଙ୍କ ନାମ ଲିଭାଇ ଦେବାପାଇଁ ଷଡ଼ଯନ୍ତ୍ର କରୁଛି । ସେମାନେ ଜାଣିଶୁଣି ତାଙ୍କୁ ବଦନାମ କରିବା ସହ ନିଚ୍ଛା ଦେଖାଉଛନ୍ତି ବୋଲି କଂଗ୍ରେସ ସାଂସଦ ସୋନିଆ ଗାନ୍ଧି କହିଛନ୍ତି ।

ନୂଆଦିଲ୍ଲୀର ଜବାହର ଭବନରେ ନେହରୁ ସେଣ୍ଟର ଇଣ୍ଡିଆର ଉଦ୍‌ଘାଟନ ଉତ୍ସବରେ ସୋନିଆ ଗାନ୍ଧି ଯୋଗ ଦେଇଥିଲେ । ସେ ଉଲ୍ଲେଖ କରିଥିଲେ ଯେ ନେହରୁଙ୍କ ଅବଦାନର ବିଶ୍ଳେଷଣ ବା ସମାଲୋଚନା ସ୍ୱାଗତ ଯୋଗ୍ୟ । ମାତ୍ର ଜାଣିଶୁଣି ତାଙ୍କୁ ଅପମାନିତ ବା ବଦନାମ କରିବା ଗ୍ରହଣୀୟ ନୁହେଁ । ଏହି ଭାଷଣ ରଖିବାବେଳେ ସେ ବିଜେପି କିମ୍ବା ଆର୍‌ଏସ୍‌ଏସ୍‌ର ନାଁ ମଧ୍ୟ ଉଚ୍ଚାରଣ କରିନଥିଲେ । ସେ କହିଥିଲେ ଯେ କେବଳ କଳ୍ପନା କରାଯାଇ ତାଙ୍କୁ ଟାର୍ଗେଟ କରାଯାଉଛି । ଏଥିରେ କୌଣସି ସନ୍ଦେହ ନାହିଁ । ନେହରୁଙ୍କ ଦ୍ୱାରା କ'ଣ କରାଯାଇଥିଲା ତାହା କ୍ଷମତାସୀନ ଦଳର ଆଜିର ମୂଳ ଲକ୍ଷ୍ୟ ନୁହେଁ । ସେମାନଙ୍କ ଲକ୍ଷ୍ୟ ହେଉଛି ତାଙ୍କ ନାମକୁ ଲିଭାଇବା ଦେଶର ସାମାଜିକ, ରାଜନୈତିକ ଓ ଆର୍ଥିକ ଭିତ୍ତିଭୂମିରେ ତାଙ୍କ ଅବଦାନକୁ ଧ୍ୱଂଶ କରିବା । ରାଷ୍ଟ୍ର ଯେଉଁ ସାମାଜିକ, ରାଜନୈତିକ ତଥା ଆର୍ଥିକ ଭିତ୍ତିଭୂମି ଉପରେ ନିର୍ମିତ ତାହା ନଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି । ସଂସଦୀୟ ବିତର୍କ ଓ ରାଜନୈତିକ ଶୋଭାଯାତ୍ରାରେ ନେହେରୁ ଓ ତାଙ୍କ ନୀତି ଉପରେ ଲଗାତର ଆକ୍ରମଣ କରାହେଉଛି । ସମାଲୋଚନା କର କିନ୍ତୁ ଐତିହ୍ୟକୁ ନଷ୍ଟ କରନାହିଁ । ନେହରୁଙ୍କୁ ସମାଲୋଚନାରେ ସାମିଲ ଥିବା ଗୋଷ୍ଠି ଏପରି ଏକ ଚିନ୍ତାଧାରା ଗ୍ରହଣ କରୁଛନ୍ତି ଯାହାର (୯ ପୃଷ୍ଠାରେ)

### ଆନ୍ତଃ ଜିଲ୍ଲା ବନ୍ଧୁକ କାରବାର

## ଦୁଇ ଗିରଫ: କାର୍ବାଇନ, ୧୦ ବନ୍ଧୁକ ଜବତ



ଭୁବନେଶ୍ୱର, ୬ା୧୨ (ସବ୍ୟୁ) : ଆନ୍ତଃ ଜିଲ୍ଲା ବନ୍ଧୁକ କାରବାର କରୁଥିବା ଦୁଇ ମଧ୍ୟସ୍ଥିଙ୍କୁ କମିଶନରେଟ୍ ପୋଲିସର ସ୍ୱେଶାଲ କ୍ରାଇମ୍ୟୁନିଟ୍ ଗିରଫ କରିବା ସହ ତାଙ୍କ ନିକଟରୁ ଗୋଟିଏ କାର୍ବାଇନ, ୧୦ ବନ୍ଧୁକ, ୧୨ ରାଉଣ୍ଡ ଗୁଳି ଓ ବୋଲେରୋ ଗାଡ଼ି ଜବତ କରିଛି ।

ଜାତୀୟ ରାଜପଥରୁ ଗିରଫ କରାଯାଇଥିବା ଦୁଇ ବନ୍ଧୁକ ଚାଲାଣକାରୀ ହେଲେ ଅନୁଗୁଳର ସୁମନ୍ତ ନାୟକ (୩୦) ଓ ଢେଙ୍କାନାଳର ସୌଭାଗ୍ୟ ନାୟକ (୩୦) । ଗିରଫ ଦୁଇ ଅଭିଯୁକ୍ତ ଆନ୍ତଃ ଜିଲ୍ଲା ବନ୍ଧୁକ ଚାଲାଣ କରନ୍ତି । ଏସମ୍ପର୍କରେ ସ୍ୱେଶାଲା କ୍ରାଇମ୍ୟୁନିଟ୍ ସୂଚନା ପାଇବା ପରେ ଜାତୀୟ ରାଜପଥ ୧୬ ଉପରେ ଜଗି ରହିଥିଲା । ସେମାନେ ଓଡି ୧୯ଟି ୭୮୦୨ ବୋଲେରୋ ଗାଡ଼ିରେ ଆସିବା କ୍ଷଣି (୯ ପୃଷ୍ଠାରେ)

### ଏସ୍‌ସି-ଏସ୍‌ଟି, ଖାଦ୍ୟ ଯୋଗାଣ ବିଭାଗ ଖର୍ଚ୍ଚଦାବି ଆଲୋଚନା

# ବିନା ଗ୍ରାମସଭାରେ କମ୍ପାନୀକୁ ଜମି ଦିଆଯିବା ନେଇ ଉଦ୍‌ବେଗ



- ଆଦିବାସୀଙ୍କ ପାଇଁ ବେଦରଦୀ ମନୋଭାବ ପୋଷଣ କରୁଛି : ବିରୋଧୀ
- ମୋହନ ସରକାରରେ ପ୍ରକୃତ ହିତାଧିକାରୀ ରାସନକାର୍ଡ ପାଉଛନ୍ତି : ବିଜେପି


ଭୁବନେଶ୍ୱର, ୬ା୧୨ (ସବ୍ୟୁ) : ଅନୁସୂଚିତ ଜାତି ଓ ଜନଜାତି ବା ଏସ୍‌ସି/ଏସ୍‌ଟି ବିଭାଗ ଆଦିବାସୀଙ୍କ ପାଇଁ ବେଦରଦୀ ମନୋଭାବ ପୋଷଣ କରୁଛି । ୨୦୨୪-୨୫ରେ ଏହି ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରିପାରିନି । ବହୁ ସ୍କୁଲରେ ଶିକ୍ଷକ ପଦବୀ ଖାଲି ପଡ଼ିଛି । ଦେଶରେ ଏସ୍‌ସି/ଏସ୍‌ଟିଙ୍କ ଉପରେ ନିର୍ଯାତନା ହାର ଠାରୁ ଓଡ଼ିଶାରେ ଅଧିକ । ଗ୍ରାମସଭା ବିନା ହଜାର ହଜାର ଏକର ଜମିକୁ କମ୍ପାନୀଙ୍କୁ ଟେକି ଦିଆଯାଉଛି । ତେଣୁ ସରକାର ପେସା ଆଇନ ଆଣନ୍ତୁ ବୋଲି ବିରୋଧୀ ସଭ୍ୟ ଦାବି କରିଥିଲେ । ସେହିପରି ରାଜ୍ୟରେ ବଳକା ଚାଉଳକୁ ଏଫ୍‌ସିଆଇ ଉଠାଣ ଲାଗି କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ କମିଟି ଆଲୋଚନା କରନ୍ତୁ । ସେପଟେ ବିରୋଧୀକୁ କଡ଼ା ଜବାବ ଦେଇଛନ୍ତି ଶାସକ ସଭ୍ୟ । ସାଧବା ପାଉଥିଲେ ବିଧବା ଭତ୍ତା, ଯୁବକ ପାଉଥିଲେ ବାର୍ଦ୍ଧକ୍ୟ ଭତ୍ତା, ଦୁଇ ମହଲା କୋଠା ଥିବା ବ୍ୟକ୍ତି ପାଉଥିଲା ଆବାସ ଘର । ମୋହନ ସରକାର ଆସିବା ପରେ ପ୍ରକୃତ ହିତାଧିକାରୀ ରାସନ କାର୍ଡ ପାଉଛନ୍ତି ବୋଲି ବିଜେପି ସଭ୍ୟ କହିଥିଲେ ।

ଅନୁସୂଚିତ ଜାତି ଓ ଜନଜାତି(ଏସ୍‌ସି/ଏସ୍‌ଟି) ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ଆରମ୍ଭ କରି ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ରାଜ୍ୟରେ ଏସ୍‌ସି/ଏସ୍‌ଟି ହେଉଛନ୍ତି ୪୦ ଭାଗ । ସେମାନଙ୍କ ଲାଗି ଶିକ୍ଷା, ଅର୍ଥନୈତିକ, ସାମାଜିକ ସଶକ୍ତିକରଣ, ପୋଷଣ ଦୂରୀକରଣ ଓ ସୁରକ୍ଷା ଲାଗି ଆଇନ ପ୍ରଣୟନ ହୋଇଛି । ସରକାର ସେମାନଙ୍କୁ ସଂରକ୍ଷଣ ଦେବେ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି । ଏସ୍‌ସି/ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ମେଡିକାଲ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନାହିଁ । ଏସ୍‌ସି/ଏସ୍‌ଟିଙ୍କ ପ୍ରତି ସରକାରଙ୍କ ଦରଦ ନାହିଁ । ତେବେ ଓଡ଼ିଶାରେ ୫୨% ପଛୁଆ ବର୍ଗ ଥିବା ବେଳେ ସେମାନଙ୍କ ଲାଗି ଶିକ୍ଷା କ୍ଷେତ୍ରରେ ଏବେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା କରାଯାଇଛି । ତାମିଲନାଡୁରେ ୬୯% ସଂରକ୍ଷଣ ରହିଛି । ଏସ୍‌ସି/ଏସଟି ମାମଲାରେ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ତଦନ୍ତ (୯ ପୃଷ୍ଠାରେ)

## ୨୦୨୬ ମାର୍ଚ୍ଚ ଯାଏଁ କାର୍ଡ ପିଛା ଅତିରିକ୍ତ ୫ କେଜି ଚାଉଳ : ମନ୍ତ୍ରୀ

ଭୁବନେଶ୍ୱର, ୬ା୧୨ (ସବ୍ୟୁ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ଚଳିତ ଅତିରିକ୍ତ ଖର୍ଚ୍ଚ ଦାବି ନିମନ୍ତେ ୪୩୨୯ କୋଟି ୪୪ ଲକ୍ଷ ୧୨ ହଜାର ଟଙ୍କାର ଖର୍ଚ୍ଚଦାବି ପାରିତ ହୋଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ବିଭାଗର ଖର୍ଚ୍ଚଦାବି ଆଗତ କରି କରିଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ଏହାକୁ ପାରିତ କରିଥିଲେ । ସେହିପରି ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଓ ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ୩୯, ୫୫, ୨୦, ୦୦୦ ଟଙ୍କାର ପ୍ରଶାସନିକ ବ୍ୟୟ ଓ ୪୯୧, ୪୫, ୫୫, ୦୦୦ ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅତିରିକ୍ତ ଖର୍ଚ୍ଚଦାବି ଆଗତ କରିଥିବା ବେଳେ ବାଚସ୍ପତି ଶ୍ରୀମତୀ ପାଢ଼ୀ ପାରିତ କରିଥିଲେ ।

ଏହି ଅବସରରେ (୯ ପୃଷ୍ଠାରେ)



## ଆଜି ଜନ୍ମଦିନ

# ବାଘାଯତୀନ

ଜଣେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ଯତୀନ୍ଦ୍ରନାଥ ମୁଖୋପାଧ୍ୟାୟଙ୍କର ଅନନ୍ୟ ଖ୍ୟାତି ରହିଛି । ଲୋକଙ୍କ ଭିତରେ ସେ ବାଘା ଯତୀନ ଭାବେ ପରିଚିତ । ସେ ଫିରିଙ୍ଗିମାନଙ୍କ ବିରୋଧରେ ଲଢେଇ କରି ଦେଶ ପାଇଁ ପ୍ରାଣବଳି ଦେଇଥିଲେ, ଯାହା ତାଙ୍କୁ ଅମର କରିଛି । ୭ ଡିସେମ୍ବର ୧୮୭୯ ମସିହାରେ ବାଲେଶ୍ୱର-ହଳଦୀପଦା ରାସ୍ତାରେ ଥିବା ଚଷାଖଣ୍ଡ ଗାଁରେ ତାଙ୍କର ଜନ୍ମ ହୋଇଥିଲା । ସେ ଯୁଗାନ୍ତର ଆନ୍ଦୋଳନର ମୁଖିଆ ଥିଲେ । ବାଘାଯତୀନ ଓଡ଼ିଶାରେ ଅନେକ କାଳ ଅତିବାହିତ କରିବା ଅନ୍ତେ ବ୍ରିଟିଶ ହାତରେ ଧରାପଡ଼ି ବାଲେଶ୍ୱରଠାରେ ମୃତ୍ୟୁଦଣ୍ଡ ବରଣ କରିଥିଲେ । ୧୯୧୫ରେ ଦେଶ ମାତୃକାର ସ୍ୱାଧୀନତା ପାଇଁ ଏହି ଯୋଦ୍ଧା ସଂଗ୍ରାମ ଆରମ୍ଭ କରିଥିଲେ । ଏହି ସଂଗ୍ରାମରେ ହିଁ ଲଢିଲଢି ସେ ସେପ୍ଟେମ୍ବର ୧୦ ୧୯୧୫ ମସିହାରେ ଶହୀଦ ହୋଇଥିଲେ ।

# ଭିଡିଓ ଗେମ୍ ଦେଉଛି ଟ୍ରେନିଂ

ସାଧାରଣତଃ ସମସ୍ତେ ଭିଡିଓ ଗେମ୍‌କୁ ଖେଳିବା ପାଇଁ ବ୍ୟବହାର କରନ୍ତି । ହେଲେ ନିକଟରେ ମିଳିଥିବା ସୂଚନା ଅନୁସାରେ ବ୍ରିଟିଶ ସେନା ନିଜ ଯବାନଙ୍କୁ ଭିଡିଓ ଗେମ୍, କଲ୍ ଅଫ୍ ଡ୍ୟୁଟି ଜରିଆରେ ଟ୍ରେନିଂ ଦେଉଛି । ବ୍ରିଟେନର ଆର୍ମି ଅଧିକାରୀଙ୍କ ମତରେ ଏହି ଗେମିଂ ସ୍କିଲ ଯବାନଙ୍କର ଯୁଦ୍ଧ କ୍ଷେତ୍ରରେ ଖୁବ କାମରେ ଆସିବ । ଭିଡିଓ ଗେମ୍ ଖେଳିବା ଫଳରେ ସେନାଙ୍କର ଡ୍ରୋନ ଉଡାଇବାର କ୍ଷମତା ବଢିବ । ଏପରିକି ଏଥିପାଇଁ ଭିଡିଓଗେମ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଉଛି । ବ୍ରିଟେନ ସରକାର ନିକଟରେ ଇଣ୍ଟରନ୍ୟାସନାଲ ଇ ସ୍ପୋର୍ସ ଗେମ୍ସର ଘୋଷଣା କରିଛନ୍ତି । ଯେଉଁଥିରେ ସେନାମାନେ ନିଜର ବିଭିନ୍ନ କଳାକୌଶଳ କ୍ଷମତା ପ୍ରଦର୍ଶନ କରିବେ । ଏପରିକି ସରକାର ବର୍ତ୍ତମାନ ଗେମର୍ସ ଓ କୋଡରଙ୍କୁ ମଧ୍ୟ ସେନାରେ ଭର୍ତ୍ତି କରିବାରେ ଲାଗିଛି ।



## ଓଡିଆ ରୁଚି

# ପୁରୀ ଡାଲମା



**ସାମଗ୍ରୀ–** ଡାଲି, ବାଇଗଣ, ଆଳୁ, କଦଳୀ, ଖମ୍ବଆଳୁ, ସାରୁ, କଖାରୁ, ବିନ୍, ଅଦା, ନଡିଆ କୋରା, ଗୋଟା ଧନିଆ, ଜିରା, ପାନମଧୁରୀ, ଡାଲଚିନି, ଶୁଖିଲା ଲଙ୍କା, ହେଙ୍ଗୁ, ପଞ୍ଚ ଫୁଟଣ ।

**ପ୍ରଣାଳୀ–** ପ୍ରଥମେ ହାଣ୍ଡିରେ ପାଣି ବସାଇ ଗରମ କରନ୍ତୁ । ଏହାପରେ ଏଥିରେ ହରଡ ଡାଲି ଧୋଇ ପକାନ୍ତୁ । ଡାଲି ଏକ ଫୁଟଣ ଆସିବା ପରେ ଟାଣ ପରିବା ପ୍ରଥମେ ପକାନ୍ତୁ । ବାଇଗଣକୁ ପଛରେ ପକାଯିବ । ଲୁଣ ହଳଦୀ ପକାଇ ଘୋଡାଇ ଦିଅନ୍ତୁ । ଅଳ୍ପ ସମୟ ଫୁଟିବା ପରେ ଏଥିରେ ବାଇଗଣ ଓ ଅଦା ଛେଚା ପକାନ୍ତୁ । ଡାଲି ଓ ପରିବା ୮୦ ପ୍ରତିଶତ ସିଝିବା ପରେ ଏଥିରେ ନଡିଆ କୋରା ପକାନ୍ତୁ । ଅନ୍ୟ ଏକପାତ୍ରରେ ଗୋଟା ଧନିଆ, ଜୀରା, ପାନମଧୁରୀ, ଶୁଖିଲା ଲଙ୍କା, ଡାଲଚିନି ପକାଇ ଅଳ୍ପ ଭାଜି ନିଅନ୍ତୁ । ଏହାକୁ ଥଣ୍ଡା କରି ଗୁଣ୍ଡ କରିନିଅନ୍ତୁ । ବର୍ତ୍ତମାନ ଏହି ଗୁଣ୍ଡ ମସଲା ପକାଇ ଗୋଳାଇ ନିଅନ୍ତୁ । ଅଳ୍ପ ସମୟପରେ ଆଞ୍ଚ ବନ୍ଦ କରିନିଅନ୍ତୁ । ଶେଷରେ ତେଲରେ ପଞ୍ଚ ଫୁଟଣ ଓ ଶୁଖିଲାଲଙ୍କା, ହେଙ୍ଗୁ ପକାନ୍ତୁ ଏହାକୁ ଡାଲମାରେ ପକାଇ ଆଞ୍ଚ ବନ୍ଦ କରିନିଅନ୍ତୁ ପ୍ରସ୍ତୁତ ହୋଇଯିବ ପୁରୀ ଡାଲମା ।

୧୭୮୨– ୧୮ଶହ ଶତାବ୍ଦୀର ମଧ୍ୟଭାଗର ବୀର ଯୋଦ୍ଧା ହାଇଦର ଅଲ୍ଲୀଙ୍କ ଦେହାନ୍ତ ।

୧୮୨୫ – ପ୍ରଥମ ବାଷ୍ପଚାଳିତ ଜାହାଜ ଏଣ୍ଟରପ୍ରାଇଜ୍ କୋଲକାତାରେ ପହଞ୍ଚିଲା ।

୧୮୫୬ – ଦେଶର ପ୍ରଥମକରି ଔପଚାରିକ ଭାବେ ହିନ୍ଦୁ ବିଧବାଙ୍କର ବିବାହ କରାଗଲା ।

୧୮୭୯ – ଭାରତୀୟ କ୍ରାନ୍ତିକାରୀ ଜତୀନ୍ଦ୍ରନାଥ ମୁଖାର୍ଜୀଙ୍କ ଜନ୍ମ ।

୧୯୧୭ – ଆମେରିକାର ପ୍ରଥମ ବିଶ୍ୱଯୁଦ୍ଧର ଅଂଶ ହେଲା ଏବଂ ଅଷ୍ଟ୍ରିଆ – ହଙ୍ଗେରୀ ଉପରେ ଆକ୍ରମଣ କଲା ।

୧୯୪୧ – ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ପର୍ଲ ହାର୍ବର ଉପରେ ଆକ୍ରମଣ କଲା ।

୧୯୭୨ – ଚନ୍ଦ୍ରଅଭିଯାନ ଅନ୍ତର୍ଗତ ଆମେରିକା ତରଫରୁ ଆପୋଲୋ ୧୭ର ପ୍ରକ୍ଷେପଣ ।

୧୯୯୨ – ଦକ୍ଷିଣ ଆଫ୍ରିକାରେ ପ୍ରଥମଥର ପାଇଁ ୱାନଡେ ମ୍ୟାଚ୍ ଖେଳାଗଲା ।

୧୯୯୫ – ସଂଚାର ଉପଗ୍ରହ ଇନ୍‌ସଟ୍ –୨ସିର ପ୍ରକ୍ଷେପଣ କଲା ଭାରତ ।

୨୦୦୩ – ଛତିଶଗଡର ମୁଖ୍ୟମନ୍ତ୍ରୀ ରୂପେ ରମନ ସିଂ ଦାୟିତ୍ୱ ସମ୍ଭାଳିଲେ ।

# ନିଆରା ଖେଳ

ଚୀନର ଏକ ଖେଳ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଖେଳରେ ଜଣେ କୃଷକ ବେଶ ନିଆରା ଢଙ୍ଗରେ ଖେଳୁଛନ୍ତି । ଚୀନର ଏହି କୃଷକ ଆଖୁ କ୍ଷେତରୁ ପର୍ଯ୍ୟଟକଙ୍କୁ ଆଖୁ ଚୋରି କରିବାର ଅନୁଭବ ହେବାକୁ ଦେଉଛନ୍ତି । ଏହି ଖେଳର ନାଁ ରହିଛି ହାପି ଫାର୍ମ । ଏହା ଅନ୍‌ଲାଇନ ଗେମ୍ ହାପି ଫାର୍ମର ଅଫଲାଇନ ଭର୍ସନ । ଏହି ଖେଳର ନିୟମ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏହାର ଆରମ୍ଭ ଆଖୁ ଚୋରିରୁ ହୋଇଥାଏ, ଯାହାପରେ ଗାର୍ଡ ଓ କୁକୁରମାନେ ଚୋରକୁ ଖୋଜନ୍ତି । ଯଦି ଚୋର ଗାର୍ଡସ କିମ୍ବା କୁକୁରଙ୍କୁ ଧରିଦେଲା ତେବେ ଚୋରଙ୍କୁ ଗୋଟିଏ ଆଖୁ ପାଇଁ ୧୮୫ ଟଙ୍କା ଦେବାକୁ ହେବ । ହେଲେ ଯଦି ଚୋର ଗାର୍ଡଙ୍କୁ ଚକମା ଦେବାରେ ସକ୍ଷମ ହୋଇଗଲା ତେବେ ତାଙ୍କୁ କେବଳ ୧୧୫ ଟଙ୍କା ହିଁ ମିଳିବ । ଏହା ବର୍ତ୍ତମାନ ପର୍ଯ୍ୟଟକଙ୍କ ଭିତରେ ଖୁବ ପପୁଲାର ହେବାରେ ଲାଗିଛି ।



## ସୋସିଆଲ କୋଟ୍ସ



"ତାମିଲ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଅରବ ଅରବ ଅର୍ଥର ରେଭିନ୍ୟୁ ରହିଛି । ଉତ୍ତର ଭାରତରେ ଥିବା କୌଣସି ଭାଷାର ଇଣ୍ଡଷ୍ଟ୍ରୀ ଆମ ଭଳି ବଡ ନୁହେଁ ।

ଉଦୟନିଧି ଷ୍ଟାଲିନ୍, ଅଭିନେତା

"ମେରି ଜଙ୍ଗ ଫିଲ୍ମ ସମୟରେ ସୁବାସ ଘାଇଙ୍କ ସହିତ ମୋର ବିବାଦ ହୋଇଥିଲା । ଏହାପରେ ସେ ଅନ୍ୟ ଅଭିନେତ୍ରୀଙ୍କୁ ସାଇନ୍ କରାଇବାକୁ ଲାଗିଲେ ।

ମିନାକ୍ଷୀ ଶେଷାଦ୍ରି, ଅଭିନେତ୍ରୀ





"ରୋହିତ ସେଟ୍ଟିଙ୍କ ସହିତ କାମ କରିବା ଯେପରି ସ୍ୱପ୍ନ ଭଳି । ତାଙ୍କର ଭାଇବ୍ରେଣ୍ଟ ଏନର୍ଜି ମୋତେ ଖୁବ ପସନ୍ଦ ଆସିଥାଏ । ସେ ସେଟ୍‌ରେ ମୋତେ ହିରୋ ଭଳି ଲାଗନ୍ତି ।

ଅର୍ଜୁନ ଦିବେଦୀ, ଅଭିନେତା



# ଷ୍ଟୋନ ଅଫ ରିବାର୍ଥ

ନିକଟରେ ଚୀନ ବାସିନ୍ଦାଙ୍କର ଏକ ଅଜବ କାର୍ଯ୍ୟକଳାପ ସାମନାକୁ ଆସିଛି, ଯାହାକୁନେଇ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି । ଚୀନର ଲୋକମାନେ ନିଜ ପରିବାରର ମୃତ ଲୋକଙ୍କ ଫଟୋକୁ କୈଳାଶ ପର୍ବତରେ ଲଗାଉଛନ୍ତି । ମାନତ୍ୟା ଅନୁସାରେ କୈଳାଶ ପର୍ବତରେ ଥିବା ଏକ ଖାସ ପଥର ସ୍ୱର୍ଗର ସବୁଠାରୁ ନିକଟତର, ଯାହାର ନାଁ ରହିଛି ଷ୍ଟୋନ ଅଫ ରିବାର୍ଥ । ଏହି ପଥର ସମୁଦ୍ର ପତନ ଠାରୁ ୫ହଜାର ୭୦୦ ମିଟର ଉଚ୍ଚରେ ରହିଛି । ଲୋକଙ୍କର ବିଶ୍ୱାସ ଅନୁସାରେ ଏଠାରେ ମୃତକଙ୍କ ଫଟୋ ରଖିଲେ ସେମାନଙ୍କୁ ସେ ଦୁନିଆରେ ଶାନ୍ତି ମିଳିବ । ଏଠାରେ ଚୀନ ଲୋକମାନେ କେବଳ ମୃତ ଲୋକଙ୍କର ନୁହେଁ ପାଳିତ ପଶୁଙ୍କର ମଧ୍ୟ ଫଟୋ ରଖୁଛନ୍ତି । ଏହା ବର୍ତ୍ତମାନ ଏକ ଟ୍ରେଣ୍ଡରେ ପରିଣତ ହୋଇଛି । ତେବେ ନିକଟରେ ଏହି ଟ୍ରେଣ୍ଡ ଖୁବ ଭାଇରାଲ ହୋଇଛି । କାରଣ ଜଣେ ୧୮ ବର୍ଷୀୟ ବାଳକ ବାଇକ ଯୋଗେ ୪୮୦୦ କିମି ଯାତ୍ରା କରି କୈଳାଶ ପର୍ବତରେ ପହଞ୍ଚିଥିଲେ । ସେଠାରେ ସେ ନିଜ ମାଆଙ୍କ ଫଟୋ ଲଗାଇବାକୁ ଆସିଥିଲେ, ହେଲେ ବରଫ କାରଣରୁ ସେ ଏହି ଫଟୋକୁ ସେଠାରେ ଲଗାଇ ପାରିନଥିଲେ । ଏହାପରେ ସେ ଖୁବ ଭାବବିହ୍ୱଳ ହୋଇ କାନ୍ଦିଥିଲେ, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହି ଘଟଣା ପରେ ଏହି ଟ୍ରେଣ୍ଡ ଖୁବ ଭାଇରାଲ ହେବାରେ ଲାଗିଛି ।

# ଆରାଧ୍ୟା ମୋର ପ୍ରାଥମିକତା

ନିକଟରେ ଐଶ୍ୱର୍ଯ୍ୟା ବଚ୍ଚନ ୪ ଡିସେମ୍ବରରେ ରେଡ ସି ଫିଲ୍ମ ଫେଷ୍ଟିଭାଲରେ ନଜର ଆସିଥିଲେ । ତେବେ ଏଥିରେ ଐଶ୍ ଦେଇଥିବା ମନ୍ତବ୍ୟ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏହାର ଓପନିଂ ସେରିମନିରେ ଭାଗନେଇ ସେ ନିଜର ବିଭିନ୍ନ ବ୍ୟକ୍ତିଗତ ଓ ବୃତ୍ତିଗତ ନିଷ୍ପତ୍ତି ଉପରେ କଥା ହୋଇଛନ୍ତି । ତାଙ୍କୁ ଆରାଧ୍ୟା ଓ ଅଭିଷେକଙ୍କ ସହିତ ସମୟ ବିତାଇବାକୁ ଖୁବ ଭଲ ଲାଗିଥାଏ । ତେଣୁ ସେ ଏହି ସମୟରେ ଯଦି କୌଣସି ଫିଲ୍ମ କରୁନାହାନ୍ତି ତେବେ ତାଙ୍କୁ କ୍ୟାରିୟର ପାଇଁ କୌଣସି ଇନ୍‌ସିକ୍ୟୁରିଟି ଅନୁଭବ ହୋଇନଥାଏ ବୋଲି ସେ ମତ ଦେଇଛନ୍ତି । ଅସୁରକ୍ଷାର ଭାବନା କେବେ ବି ତାଙ୍କ ମନକୁ ଆସିନାହିଁ ବୋଲି ସେ କହିଛନ୍ତି । ସେହିଭଳି ଆରାଧ୍ୟା ତାଙ୍କ ପାଇଁ ସବୁବେଳେ ପ୍ରାଥମିକତା ରହିଛନ୍ତି ଓ ଆଗକୁ ରହିବେ ବୋଲି ଐଶ୍ ଏହି ସାକ୍ଷାତକାରରେ କହିଛନ୍ତି । ଐଶ୍‌ଙ୍କର ଏହି ସାକ୍ଷାତକାର ବର୍ତ୍ତମାନ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି । ସମସ୍ତେ ଐଶ୍‌ଙ୍କ ମତକୁ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।



# ଶୀତଦିନେ ସୁସ୍ଥ ରହିବାର ଉପାୟ

**ଶୀତଦିନ ଆସିଲେ ସମସ୍ତଙ୍କ ଘରେ ଥଣ୍ଡା ଜ୍ୱର ବଢିବାରେ ଲାଗିଥାଏ । କାରଣ ଏହି ଦିନେ ଭାଇରସ ଥଣ୍ଡା ଓ ଶୁଷ୍କ ବାୟୁରେ ଅଧିକ ସମୟ ପର୍ଯ୍ୟନ୍ତ ଜୀବନ୍ତ ରହିଥାଏ । ଏହିଦିନେ ପିଲାମାନେ ଅଧିକ ସମୟ ପର୍ଯ୍ୟନ୍ତ ଘରେ ରହିଥାନ୍ତି, ଯେଉଁ କାରଣରୁ ଅଧିକ ବେଗରେ ସଂକ୍ରମଣ ବ୍ୟାପିବାର ଡର ରହିଥାଏ । ତେବେ କିଛି ଟ୍ରିକ ରହିଛି ଯାହାକୁ ଅନୁକରଣ କରି ପିଲାଙ୍କୁ ଏହି ସଂକ୍ରମଣରୁ ରକ୍ଷା କରିହେବ ।**

**ସଫାସୁତରା ଉପରେ ଧ୍ୟାନ–** ସବୁବେଳେ ସ୍କୁଲପରେ, ଶୌଚାଳୟ ବ୍ୟବହାର ପରେ, ଖାଇବା ଆଗରୁ ସ୍ୱଚ୍ଛତା ଉପରେ ଧ୍ୟାନ ଦିଅନ୍ତୁ । ପ୍ରତିସମୟରେ ସେମାନଙ୍କର ସାବୁନରେ ହାତ ଧୋଇବା ସହିତ ସାନିଟାଇଜର ବ୍ୟବହାର ଶିଖାନ୍ତୁ ।

**ନାକର ଧ୍ୟାନ ରଖନ୍ତୁ–** ଏହି ଦିନେ ବିଶେଷଭାବେ ନାକର ଧ୍ୟାନ ରଖିବାକୁ ହୋଇଥାଏ, କାରଣ ବେଶି ସଂକ୍ରମଣ ନାକ ସାହାଯ୍ୟରେ ହୋଇଥାଏ । ତେବେ ନାକ ପାଇଁ ବିଭିନ୍ନ ପ୍ରକାର ସ୍ପ୍ରେ ରହିଛି ଯାହାକୁ ଡାକ୍ତରଙ୍କ ପରାମର୍ଶରେ ଆପଣ ବ୍ୟବହାର କରିପାରିବେ । ଏହା ବିଭିନ୍ନ ବର୍ଗ ଅନୁସାରେ ମିଳିଥାଏ, ଯାହାକୁ କେବଳ ଡାକ୍ତରଙ୍କ ପରାମର୍ଶରେ ବ୍ୟବହାର କରିପାରିବେ ।



**ଖାଦ୍ୟର ସୁରକ୍ଷା କରନ୍ତୁ–** ପ୍ରତି ସମୟରେ ପିଲାମାନଙ୍କୁ ଦେଉଥିବା ଖାଦ୍ୟରେ ଯେପରି ପ୍ରୋଟିନ, ଭିଟାମିନ, ମିନେରାଲ୍ସ ଭଳି ସମସ୍ତ ପୋଷକ ତତ୍ୱ ଭରପୂର ହୋଇ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଖାଇବାରେ ପନିପରିବା, ଅଣ୍ଡା, ମାଛ, ଦହି, ଖୀର, ଫଳମୂଳ ଆଦି ସାମିଲ କରନ୍ତୁ । ଏଥିରୁ ବିଭିନ୍ନ ପ୍ରକାର ପୋଷଣ ମିଳିବ, ଯାହାଫଳରେ ରୋଗପ୍ରତିରୋଧକ ଶକ୍ତି ବଢିବ ଏବଂ ଆପଣ ରୋଗରୁ ମୁକ୍ତ ରହିବେ ।

**ବ୍ୟାୟାମ କରନ୍ତୁ–** ପ୍ରତିଦିନ କିଛି ସମୟ ବ୍ୟାୟାମରେ ଦିଅନ୍ତୁ । ପିଲାଙ୍କୁ ବ୍ୟାୟାମ ସହିତ କିଛି ସମୟ ଚାଲିବାକୁ ଛାଡନ୍ତୁ, ଏହା ତାଙ୍କ ପାଇଁ ଖୁବ ଭଲ ହୋଇଥାଏ । ତାଙ୍କର ଏହାକୁ ଏକ ଅଭ୍ୟାସରେ ପକାନ୍ତୁ, ଯେପରି ସବୁଦିନ ସେମାନେ ବ୍ୟାୟାମ କରିବେ ।

### ମୁଖ୍ୟମନ୍ତ୍ରୀଙ୍କ ମା'ତାରିଣୀଙ୍କ ପୀଠ ଗସ୍ତ ଆଜି

# ପୀଠର ବ୍ୟାପକ ବିକାଶ ଲାଗି ବଡ଼ ଯୋଜନା

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦିନ ନିଜ ଜିଲ୍ଲା କେଉଁଝରରେ ଗସ୍ତ କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କେବଳ ନିଜ ଜିଲ୍ଲା ଗସ୍ତ ନୁହେଁ; ଜିଲ୍ଲାର ମୂଳ ସାଂସ୍କୃତିକ ପରିଚୟ ମା' ତାରିଣୀ ପୀଠର ସର୍ବାଙ୍ଗୀନ ବିକାଶ ପାଇଁ ନୂଆ ଯୋଜନା ନେଇ ଯାଉଛନ୍ତି ମୁଖ୍ୟମନ୍ତ୍ରୀ। ମା'ତାରିଣୀଙ୍କ ପୀଠ ଓଡ଼ିଶାର ସାଂସ୍କୃତିକ ଓ ପର୍ଯ୍ୟଟନ ମାନଚିତ୍ରରେ ଏକ ବିଶେଷ ସ୍ଥାନ ଅଧିକାର କରେ । ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ କେଉଁଝର ବିକାଶ ପାଇଁ ତାଙ୍କର ବଡ଼ ଯୋଜନାର ଏକ ପ୍ରମୁଖ ଅଂଶ ହେଉଛି ମା' ତାରିଣୀ ପୀଠର ବିକାଶ । ଆରମ୍ଭ ହେବ ମା'ଙ୍କ ପୀଠର କାୟାକଳ୍ପ । ମୁଖ୍ୟମନ୍ତ୍ରୀ ପାଖାପାଖି ୬୦ ଏକର ପରିମିତ ଜମି ଉପରେ ମା'ତାରିଣୀ ମନ୍ଦିରର ସର୍ବାଙ୍ଗୀନ ବିକାଶ ମୂଳଦୁଆ ରଖିବେ। ଏହି ପ୍ରକଳ୍ପ ସମହୂରେ ୩୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଅନୁମୋଦନ ଦିଆଯାଇ ସାରିଛି ।

ଯାତ୍ରୀମାନଙ୍କ ସୁବିଧାକୁ ଧ୍ୟାନରେ ରଖି ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ୫୦୦ ଲୋକଙ୍କ ଏକ ସଙ୍ଗେ ପ୍ରସାଦ ସେବନ ପାଇଁ ସୁବନ୍ଦୋବସ୍ତ, ନଡ଼ିଆ ଗୋଦାମ ସହିତ ମା'ତାରିଣୀ ମନ୍ଦିର ସମ୍ବନ୍ଧିତ ଏକ ସୁନ୍ଦର ବ୍ୟାଖ୍ୟାନ କେନ୍ଦ୍ର ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ ନିଜେ ବ୍ୟକ୍ତିଗତ ତତ୍ତ୍ୱାବଧାନ ସହ ଯୋଜନା କରିଛନ୍ତି। ଏହା ସହ ଯାତ୍ରୀ ସୁବିଧା କେନ୍ଦ୍ର, ଖାଦ୍ୟ ପ୍ରାଙ୍ଗଣ, ୱାଚ ଟାୱାର ଆଦି ନିମନ୍ତେ ଯୋଜନା କରିଛନ୍ତି ମୁଖ୍ୟମନ୍ତ୍ରୀ। ମା'ତାରିଣୀ ମନ୍ଦିର ସଂଲଗ୍ନ ଅଞ୍ଚଳ ଗୁଡିକର ବିକାଶ ସହ ଯାତ୍ରୀ ସୁବିଧା ପାଇଁ ପାଖାପାଖି ଅଞ୍ଚଳରେ ଅନେକ ଆନୁସଙ୍ଗିକ ବ୍ୟବସ୍ଥାର ଯୋଜନା ହୋଇଛି । ଯଥା ସୁଦୀର୍ଘ ପାର୍କିଂ ବ୍ୟବସ୍ଥା, ଜଳ ଯୋଗାଣ, ବିଦ୍ୟୁତ ଏବଂ ଆଲୋକୀକରଣ ବ୍ୟବସ୍ଥା, ଡ୍ରେନେଜ୍ ସୁବିଧା, ମନ୍ଦିର ସୀମା ପ୍ରାଚୀର ନିର୍ମାଣ, ଆଲୋକ ଓ ଧ୍ୱନି ବ୍ୟବସ୍ଥା ସମେତ ମନ୍ଦିର ଭିତରେ ଯାତ୍ରୀଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବାହାରୁ ଧାଡି ପରିଚାଳନା ପାଇଁ ସୁବନ୍ଦୋବସ୍ତ ଏହି ଯୋଜନାରେ ସାମିଲ ଅଛି ।

ପୁଷ୍କରିଣୀ ଆମ ଧର୍ମୀୟ ଭାବନାର ଅବିଚ୍ଛେଦ୍ୟ ଅଙ୍ଗ । ଏହାକୁ ଧ୍ୟାନରେ ରଖି ବୃହତ ପୁଷ୍କରିଣୀର ବିକାଶ, ଛୋଟ ପୁଷ୍କରିଣୀ ତଥା ମନ୍ଦିରର ପଛ ପାର୍ଶ୍ୱରେ ପୁଷ୍କରିଣୀ ଏବଂ ଶିଶୁ ଖେଳ ପଡ଼ିଆ ନିକଟରେ ପୁଷ୍କରିଣୀକୁ ବିକାଶ ମାଧ୍ୟମରେ ସୁଦୃଶ୍ୟ କରିବା ପାଇଁ ଏହି ଯୋଜନାରେ ସାମିଲ କରାଯାଇଛି । ଏହା ସହ ସଡକ ବିକାଶ ଏହି ଯୋଜନାର ପ୍ରମୁଖ ଅଙ୍ଗ । ଜାତୀୟ ରାଜପଥ ତଥା ହରିଚନ୍ଦନପୁରକୁ ୧୨ ମିଟର ଚଉଡ଼ା ରାସ୍ତା ସଂଯୋଗ କରିବ । ଏହା ସହ ମନ୍ଦିର ଆଭ୍ୟନ୍ତରୀଣ ସଂଯୋଗକାରୀ ରାସ୍ତାର ନବୀକରଣ ତଥା ଟ୍ରାଫିକ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି । ଆଜିର କେଉଁଝର ଜିଲ୍ଲା ଗସ୍ତ ଐତିହାସିକ ହେବ ବୋଲି ସାଧାରଣ ଲୋକ ମତ ବ୍ୟକ୍ତ କରୁଛନ୍ତି । କେଉଁଝର ଓଡ଼ିଶାର ଅର୍ଥନୀତି ବିକାଶରେ ଦୀର୍ଘ ଦଶନ୍ଧି ଧରି ବଡ଼ ଭୂମିକା ନେଇ ଆସିଛି । ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ କେଉଁଝର ଜିଲ୍ଲାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ଲୋକଙ୍କ ମନରେ ଉତ୍ସାହ ଆଣିଛି । ମୁଖ୍ୟମନ୍ତ୍ରୀଙ୍କ ପାଇଁ ଜିଲ୍ଲାରେ ବିକାଶର ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଥିବାରୁ ସ୍ଥାନୀୟ ଲୋକ ଖୁବ୍ ଉତ୍ସାହିତ ଅଛନ୍ତି ।



ତେଲେଙ୍ଗାନାର ପଶୁସମ୍ପଦ ଓ ମତ୍ସ୍ୟବିଭାଗ ମନ୍ତ୍ରୀ ଭକ୍ତି ଶ୍ରୀହରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରୁଛନ୍ତି ।

### ଦିନକ ପରେ ବାରବାଟୀ ମ୍ୟାଚ

# ଷ୍ଟାଡିୟମ୍ ସୁରକ୍ଷା ବ୍ୟବସ୍ଥାର ତଦାରଖ କଲେ ଡିଜିପି

କଟକ, (ସବ୍ୟୁ) ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ କୁ ଆଉ ଦୁଇ ଦିନ ବାକି ରହିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଷ୍ଟାଡିୟମ୍ ପରିସରରେ ସମଗ୍ର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଷ୍ଟାଡିୟମ ପରିସରରେ ଖେଳାଳି ଓ ଦର୍ଶକଙ୍କ ସୁରକ୍ଷା, ଜନ ଗହଳି ନିୟନ୍ତ୍ରଣର ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହାସହ ଷ୍ଟାଡିୟମ ପରିସରରେ ଖେଳାଳି ଏବଂ ଦର୍ଶକଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ତ୍ରିସ୍ତରିୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି । ଏହା ସହ ପାର୍କିଂ ଓ ଟ୍ରାଫିକ୍‌ର ସୁପରିଚାଳନା, ପ୍ରବେଶ ଓ ପ୍ରସ୍ଥାନ ପଥରେ କଡା କଡ଼ି ଚେକିଂ, ସିସିଟିଭି ର ନଜର, ପୁଲିସ ବ୍ୟବସ୍ଥା, ଖେଳାଳିଙ୍କ ଆଗମନ ଓ ପ୍ରସ୍ଥାନ ସମୟରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଚଳିତ ବର୍ଷ ଓଡ଼ିଶା କ୍ରିକେଟ ଆସୋସିଏସନ ତରଫରୁ ସୁନ୍ଦର ବ୍ୟବସ୍ଥା କରାଯାଇଛି ଏବଂ କ୍ରୀଡ଼ାପ୍ରେମୀମାନେ ଏକ ସୁନ୍ଦର ଅନୁଭୂତି ନେଇ ଖେଳ ଉପଭୋଗ କରିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ।



ବିଗତ ଦିନରେ ଏହି ଷ୍ଟାଡିୟମରେ ବହୁ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦର୍ଶକମାନେ ସବୁକ୍ଷେତ୍ରରେ ସହଯୋଗ କରିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଥିଲେ। ମ୍ୟାଚ ଆରମ୍ଭ ହେବାର ୩ ରୁ ୪ ଘଣ୍ଟା ପୂର୍ବରୁ ଦର୍ଶକ ଷ୍ଟାଡିୟମ ଆସିବାକୁ ଡିଜିପି ସୂଚନା ଦେଇଛନ୍ତି । ମ୍ୟାଚ୍‌କୁ ଶାନ୍ତିପୂର୍ଣ୍ଣ, ନିରାପଦ ଓ ଶୃଙ୍ଖଳିତ ଭାବେ ଆୟୋଜିତ କରିବା ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି । ଏହି ସମୀକ୍ଷା ସମୟରେ ଏସ. ଦେବଦତ୍ତ ସିଂ, ପୋଲିସ କମିଶନର, ଭୁବନେଶ୍ୱର-କଟକ, ନରସିଂହ ଭୋଳ, ଅତିରିକ୍ତ ପୋଲିସ କମିଶନର, ଭୁବନେଶ୍ୱର-କଟକ, ଖିଲାରୀ ଋଷିକେଶ ଦ୍ୟାନଦେଓ, ଡିସିପି, କଟକ ଙ୍କ ସମେତ ବହୁ ଉଚ୍ଚପଦସ୍ଥ ପୋଲିସ ଅଧିକାରୀ ଏବଂ ଓ ସି ଏ ର ପ୍ରତିନିଧି ଦଳ ଉପସ୍ଥିତ ଥିଲେ।

### ଆମ ବସ୍ ଚାଳକଙ୍କ ପାଇଁ ସ୍ୱତନ୍ତ୍ର ଆଇନ୍ ଆସୁ

ଭୁବନେଶ୍ୱର, (ସବ୍ୟୁ) : ଆମ ବସ୍ ଚାଳକମାନେ ଅସାବଧାନତା ଯୋଗୁଁ ବହୁ ସମୟରେ ମୂଲ୍ୟବାନ ଜୀବନ ଚାଲିଯାଉଛି । ଆମ ବସ୍ ଓ ସିଟି ବସ୍ ଧକ୍କାରେ ବହୁ ଲୋକଙ୍କର ଜୀବନ ଯିବା ସହ ସେମାନଙ୍କ ପରିବାର ଉଜୁଡି ଯାଉଛି । ଆୟକର କାର୍ଯ୍ୟାଳୟ ସମ୍ମୁଖରେ ଆମ ବସ୍ ଧକ୍କାରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ପରିବାରରେ ଦୁଇଟି ଝିଅ ଅଛନ୍ତି । ସେମାନେ ଏବେ କେମିତି ଚଳିବେ ? ସେଥିପାଇଁ ଗାଡି ଚାଳକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ୍ ଅଣାଯାଉ ବୋଲି ବିଧାୟକ ଅନନ୍ତ ନାରାୟଣ ଜେନା ଶୂନ୍ୟକାଳରେ ଏ ପ୍ରସଙ୍ଗ ଉଠାଇ ଉଦ୍‌ବେଗ ପ୍ରକାଶ କରିଥିଲେ ।

# ସମୟ କର୍ମଚାରୀଙ୍କ ଠାରୁ ସ୍କୁଟର ଲୁଟ୍ ଉଦ୍ୟମ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଜ୍ୟୋତି ମୋଟର୍ସ ପାର୍ଶ୍ୱ ରାସ୍ତାରେ ସମୟ କର୍ମଚାରୀ ପ୍ରେସ୍‌କୁ ଆସୁଥିବାବେଳେ ଗୋଟିଏ ହିରୋହୋଣ୍ଡା ବାଇକ୍‌ରେ ତିନିଜଣ ଯୁବକ ଆସି ତାଙ୍କୁ ଗାଳିଗୁଲଜ କରି ସ୍କୁଟର ଲୁଟ୍ ଉଦ୍ୟମ କରିଥିଲେ । ଏସମ୍ପର୍କରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଥିବା ଲୁଟ୍ ଉଦ୍ୟମର ଶିକାର ହୋଇଥିବା କର୍ମଚାରୀ କହିଛନ୍ତି ।

ମଞ୍ଚେଶ୍ୱର ଥାନା ଅଞ୍ଚଳ କଳାରାହାଙ୍ଗ ଗ୍ରାମର ଘନଶ୍ୟାମ ରାଉତ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ 'ସମୟ' ପ୍ରେସ୍‌ର ମେସିନ୍ ସେକ୍ସନରେ କାମ କରନ୍ତି । ସେ ଶୁକ୍ରବାର ରାତି ୧୨.୩୦ରେ ପ୍ରେସ୍‌କୁ ଏକ ପ୍ଲେଟ୍ ଧରି ଆସୁଥିବାବେଳେ ଜ୍ୟୋତି ମୋଟର୍ସ ପାର୍ଶ୍ୱ ରାସ୍ତାରେ ତିନିଜଣ ଯୁବକ ତାଙ୍କ ବାଇକ୍‌କୁ ସ୍କୁଟର ଆଗରେ ରଖି ଦେଇଥିଲେ । ସେ ଅଟକିବା କ୍ଷଣି ତାଙ୍କ ବେକକୁ ଚାପିଧରି ଗାଳିଗୁଲଜ କରିବା ସହ ସ୍କୁଟର ଓଡି ୦୨ ସିୟୁ ୦୪୯୬କୁ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ । ତାଙ୍କ ପ୍ରେସ୍ ପାଖ ହୋଇଥିବାରୁ ସେ ଚିତ୍କାର କରି ଅନ୍ୟ କର୍ମଚାରୀଙ୍କୁ ଡାକ ପକାଇଥିଲେ । ଏହି ସମୟରେ ସେମାନଙ୍କ ମଧ୍ୟରୁ ଜଣେ ଘନଶ୍ୟାମଙ୍କ ମୁହଁକୁ ମୁଥ ମାରିଥିଲା । ପ୍ରେସ୍‌ରୁ କର୍ମଚାରୀମାନେ ଆସିବା ଉପରେ ତିନି ବାଇକ୍ ଆରୋହୀ ଯୁବକ ଦ୍ରୁତଗତିରେ ସେଠାରୁ ପଳାଇଥିଲେ । ଏସମ୍ପର୍କରେ ମଞ୍ଚେଶ୍ୱର ଥାନା ପୋଲିସ ମାମଲା ରୁଜୁ କରି ଘନଶ୍ୟାମଙ୍କ ବୟାନ ରେକର୍ଡ଼ କରି ତଦନ୍ତ ଆରମ୍ଭ କରିଛି ।







DSPL-398

## ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ବାର୍ତ୍ତା



ସଶସ୍ତ୍ର ବାହିନୀ ପତାକା ଦିବସ ୨୦୨୫ ଡିସେମ୍ବର ୭ ତାରିଖରେ ପାଳନ ଅବସରରେ ମୁଁ ସଶସ୍ତ୍ର ବାହିନୀର ସମସ୍ତ ପଦାଧିକାରୀ ଏବଂ ପୂର୍ବତନ ସୈନିକ ଓ ସେମାନଙ୍କ ପରିବାରବର୍ଗଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଛି ।

ସଶସ୍ତ୍ର ବାହିନୀ ସର୍ବଦା ଆମ ମାତୃଭୂମିର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ରକ୍ଷା କରିବାରେ ସାହସ, ବୀରତ୍ୱ ଏବଂ ଦେଶପ୍ରେମ ପ୍ରଦର୍ଶନ କରିଛି । ଅନେକ ସାହସୀ ଏବଂ ବୀର ସୈନିକ ଆମ ଜାତିର ସେବାରେ ସେମାନଙ୍କର ସର୍ବୋଚ୍ଚ ବଳିଦାନ ଦେଇଛନ୍ତି । ଅପରେସନ୍ ସିନ୍ଦୁର ସମୟରେ ଆମର ସଶସ୍ତ୍ର ବାହିନୀ ପୁଣି ଥରେ ଅତୁଳନୀୟ ସମର୍ପଣ, ବୀରତ୍ୱ ଓ ନିଃସ୍ୱାର୍ଥପର ସେବା ପ୍ରଦର୍ଶନ କରିଛି, ଯାହା ଆମ ଲୋକଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଦାଖଲ କରିଛି । ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ପତାକା ଦିବସ ପାଣ୍ଠିରେ ଦାନ କରି ସାହସୀ କର୍ମଚାରୀମାନଙ୍କ ସହିତ ଆମର ଏକତାକୁ ପ୍ରକାଶ କରିବାର ସୁଯୋଗ ପ୍ରଦାନ କରେ, ଯାହା ଯୁଦ୍ଧ ବିଧବା, ସହିଦଙ୍କ ସନ୍ତାନ, କର୍ତ୍ତବ୍ୟ ପାଳନ ସମୟରେ ଆହତ ହୋଇଥିବା ସାହସୀ ସୈନିକ ଏବଂ ପୂର୍ବତନ ସୈନିକଙ୍କ କଲ୍ୟାଣ ଏବଂ ପୁନର୍ବାସକୁ ସହାୟତା କରିବ ।

ଏହି ପବିତ୍ର ଅବସରରେ ମୁଁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରୁଛି ଯେ ସେମାନେ ଏହି ମହାନ କାର୍ଯ୍ୟରେ ଉଦାରତାର ସହିତ ଯୋଗଦାନ କରିବାକୁ ଆଗେଇ ଆସନ୍ତୁ, ଯାହା ଆମର ଉତ୍ତମ ଭବିଷ୍ୟତ ପାଇଁ ସେମାନଙ୍କର ଜୀବନକୁ ବଳିଦାନ ଦେଇଥିବା ବୀର ସୈନିକଙ୍କ ପ୍ରତି ଆମର ସାମୂହିକ କୃତଜ୍ଞତା ଏବଂ ସମ୍ମାନର ଏକ ନିଦର୍ଶନ ହେବ ।

ଜୟ ହିନ୍ଦ୍ ।

(ହରି ବାବୁ କମ୍ଭମ୍ପାଟି)

## ବାର୍ତ୍ତା



ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୫ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ, ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଅମର ସୈନିକମାନଙ୍କ ପତ୍ନୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।

ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ବୀର ସୈନିକମାନଙ୍କର ବଳିଦାନ ଓ ତ୍ୟାଗ ଅବିସ୍ମରଣୀୟ । ନିକଟରେ ହୋଇଥିବା ଅପରେସନ୍ ସିନ୍ଦୁର, ସେମାନଙ୍କର ସାହସ ଏବଂ ପ୍ରତିବଦ୍ଧତାର ଏକ ଉଜ୍ଜ୍ୱଳ ପ୍ରମାଣ । ସେମାନେ କେବଳ ଆମକୁ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରନ୍ତି ନାହିଁ ବରଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ରୋକିବା ପାଇଁ ମଧ୍ୟ ଅମୂଲ୍ୟ ସେବା ପ୍ରଦାନ କରନ୍ତି । ମାତୃଭୂମିର ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ଶହୀଦ ମାନଙ୍କୁ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା, ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କ ପ୍ରତି ଆନ୍ତରିକ ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଏବଂ ପୁନଃ ଥଇଥାନ ନିମନ୍ତେ ସହାୟତା ଓ ସହଯୋଗ ପ୍ରଦାନ କରିବା ଏହି ଦିବସ ପାଳନର ମହତ ଉଦ୍ଦେଶ୍ୟ ।

ଏହି ଶୁଭ ଅବସରରେ ସମଗ୍ର ରାଜ୍ୟବାସୀଙ୍କୁ "ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠି"କୁ ମୁକ୍ତ ହସ୍ତରେ ଦାନ କରିବାକୁ ମୁଁ ଆହ୍ୱାନ କରୁଛି । ଆସନ୍ତୁ, ଆମେ ସମସ୍ତେ ଏକାଠି ହୋଇ ସେମାନଙ୍କ ବଳିଦାନକୁ ସମ୍ମାନ ଦେବା ଏବଂ ସେମାନେ ପ୍ରତିନିଧିତ୍ୱ କରୁଥିବା ସେବା ଏବଂ ଏକତାର ଭାବନାକୁ ବଜାଇ ରଖିବା ।

ଜୟ ହିନ୍ଦ୍ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 12088/13/0006/2526

# ମହିଳାଙ୍କ ଅର୍ଦ୍ଧନଗ୍ନ ମୃତଦେହ ଜବତ ମାମଲା : ଅଭିଯୁକ୍ତ ଗିରଫ

ବେତନଟୀ,(ସବ୍ୟୁ) - ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ମସିଣାକାଟି ଜଙ୍ଗଲରୁ ଜନୈକା ମହିଳାଙ୍କ ଅର୍ଦ୍ଧନଗ୍ନ ମୃତଦେହ ଜବତ ମାମଲାରେ ହତ୍ୟାକାଣ୍ଡଜନିତ ମାମଲା ରୁଜୁକରି ହତ୍ୟାକାଣ୍ଡରେ ଜଡିତ ସନ୍ଦିଗ୍ଧ ବେତନଟୀ ପୁଲିସ ଆଗରେ ହତ୍ୟାକାଣ୍ଡ ବାବଦରେ ସ୍ୱୀକାର କରିବା ସହିତ କେବେ କିଭଳି ଏବଂ କେଉଁ ପରିସ୍ଥିତିରେ କାହିଁକି ହତ୍ୟାକଲା ସେନେଇ ଶନିବାର ଅପରାହ୍ନରେ ଜଙ୍ଗଲକୁ ନେଇ କ୍ରାଇମ ରିକ୍ରିଏସନ କରାଯାଇଛି । ଗିରଫ ହତ୍ୟାକାରୀ ଅଭିଯୁକ୍ତ ଜଣକ ହେଉଛି ବେତନଟୀ ଉପକଣ୍ଠ ସଠିଲୋ ଗ୍ରାମର ସ୍ୱର୍ଗତ ବଂଶୀଧର ଜେନାଙ୍କ ପୁଅ କାହ୍ନା ଓରଫ ସୁରେନ୍ଦ୍ର ଜେନା(୫୬) । ଏତଲାକାରୀ ମୃତା ମହିଳା ତୁଙ୍ଗାଧୁଆ ଗ୍ରାମର ସ୍ୱର୍ଗତଲୁସା ମୁର୍ମୁର ସ୍ତ୍ରୀ ପାନୀ ମୁର୍ମୁଙ୍କ ପୁତୁରା ରେଣ୍ଡା ମୁର୍ମୁଙ୍କ ଅଭିଯୋଗ ମୁତାବକ ଅଭିଯୁକ୍ତ କାହ୍ନା ଓରଫ ସୁରେନ୍ଦ୍ର ଜେନା ଅଧିକାଂଶ ସମୟରେ ଖୁଡି ପାନୀ ମୁର୍ମୁଙ୍କ ଘରକୁ ଯିବା ଆସିବା କରିବା ସହିତ ମିଳାମିଶା କରୁଥିଲା । ଘଟଣାଦିନ ଅର୍ଥାତ ୩୦ତାରିଖ ଅପରାହ୍ନ ରବିବାର କାହ୍ନା ଓରଫ ସୁରେନ୍ଦ୍ର ଜେନା ଫୋନକରି



ପାନୀକୁ ମସିଣାକାଟି ଜଙ୍ଗଲକୁ ଡାକିଥିଲା ଓ ସେଠାରେ ଉଭୟ ମଦ୍ୟପାନ କରିବାପରେ ଉଭୟଙ୍କ ମଧ୍ୟରେ ନିଶାଗ୍ରସ୍ତ ଅବସ୍ଥାରେ ବିଭିନ୍ନ କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା ଓ ଶେଷରେ କାହ୍ନା ଓରଫ ସୁରେନ୍ଦ୍ର ଜେନା ପାନୀଙ୍କୁ ଆକ୍ରମଣ କରି ପାନୀ ପିନ୍ଧିଥିବା ଶାଢୀରେ ମୁହଁ ଏବଂ ବେକକୁ ଯାକି ଧରିଥିଲା । କିଛିସମୟ ପରେ ପାନୀ ନିଶ୍ଚଳ ହୋଇପଡିବାପରେ ସେଠାରେ ତାକୁ ଏକୁଟିଆ ଛାଡିଦେଇ କାହ୍ନା ଓରଫ ସୁରେନ୍ଦ୍ର ପଳାଇ ଆସିଥିଲା । ଜଙ୍ଗଲରେ ଅର୍ଦ୍ଧନଗ୍ନ ଅବସ୍ଥାରେ ପଡିରହିଥିବା ପାନୀଙ୍କର ଆପତ୍ତିଜନକ ଭିଡିଓ ଉତ୍ତୋଳନ କରିଥିବା ବେଳେ ପରବର୍ତ୍ତି ସମୟରେ ଭୟରେ ଡିଲିଟ କରିଦେଇଥିବା ବେଳେ ତଦନ୍ତ ସମୟରେ ଅଭିଯୁକ୍ତ ମୋବାଇଲରୁ ଉକ୍ତ ଆପତ୍ତିଜନକ ଭିଡିଓକୁ ରିକୋଭରି କରିଛି ପୁଲିସ । ଏପଟେ ଶନିବାର ଅପରାହ୍ନରେ ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଉପକଣ୍ଠ କରଞ୍ଜିଆ ଗ୍ରାମରେ ଥିବା ଭଡାଘର, କୃଷ୍ଣଚନ୍ଦ୍ରପୁର ସେଣ୍ଟ୍ରାଲନର୍ସରୀ ପଛପାର୍ଶ୍ୱରେ ଅଭିଯୁକ୍ତ ଜମିକିଣି ନିର୍ମାଣ କରୁଥିବା ଘର ସମେତ ହତ୍ୟାକାଣ୍ଡ ଭିଆଇଥିବା ମସିଣାକାଟି ଜଙ୍ଗଲକୁ ନେଇ କ୍ରାଇମ ରିକ୍ରିଏସନ କରାଇଛି ପୁଲିସ ।

# ଆଦିବାସୀଙ୍କ ଲାଗି ପେସା ଆଇନ ଆଣନ୍ତୁ ସରକାର

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ବସିଥିବା ବେଳେ ଆଦିବାସୀ ଓ ଦଳିତଙ୍କ ପାଇଁ ଦାବି ଉତ୍ଥାପନ କରିଥିଲେ । ଜଙ୍ଗଲ, ଜମି, ପାଣି ଉପରେ ଆଦିବାସୀଙ୍କ ଅଧିକାର । ରାଜ୍ୟର ୧୦ ରୁ ୧୨ ଟି ଆଦିବାସୀ ଜିଲ୍ଲାରେ ଖଣି ଓ ପାଣିର ଅଧିକାର ଉପରେ ମଲଟି ନ୍ୟାସନାଲ କମ୍ପାନୀ ମାନେ ହକ୍ ଜମାଉଛନ୍ତି । ତେଣୁ ପେସା ଆଇନ ସରକାର ଲାଗୁ କରନ୍ତୁ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ଦାବି କରିଛନ୍ତି । ଶୂନ୍ୟକାଳରେ ଶ୍ରୀ କାଡାମ୍ କହିଥିଲେ, ମୁଖ୍ୟମନ୍ତ୍ରୀ ଓଡିଶା ଦାୟିତ୍ୱ ନେବା ପରେ ପେସା ଆଇନ୍ ଲାଗୁ କରିବାକୁ କ୍ଷେତ୍ରରେ ଧୀମେଇ ଯାଇଛି । ୧୮ ମାସ ସରକାରଙ୍କୁ ହୋଇଗଲାଣି, ପେସା ଆଇନ୍ ଲାଗୁ ହୋଇପାରିଲାନି । ଦେଶର ରାଷ୍ଟ୍ରପତି ହେଉଛନ୍ତି ଆଦିବାସୀ । କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଆଦିବାସୀ ସମ୍ପ୍ରଦାୟର । ମୁଖ୍ୟମନ୍ତ୍ରୀ ଆଦିବାସୀ ହୋଇଥିବା ବେଳେ ପେସା ଆଇନ୍ ଲାଗୁ କରିପାରୁନାହାଁନ୍ତି । ସରକାର ୫ ବର୍ଷ ଠକିବା ଓ ଭଣ୍ଡିବା ପାଇଁ ଯୋଜନା କରିନାହାଁନ୍ତି ତ ? ଆମକୁ ଶୋଷଣ କରିବାକୁ ସରକାର ଯୋଜନା କରୁଛନ୍ତି କି ? ଆଦିବାସୀ ବିକାଶରେ ଏ ସରକାର ଗୋଡ ଟାଣୁଛନ୍ତି । ଆଦିବାସୀଙ୍କୁ ନ୍ୟାୟ ଦେବା ଲାଗି ପେସା ଆଣନ୍ତୁ ସରକାର । ନଚେତ୍ ଆଦିବାସୀମାନେ ଆନ୍ଦୋଳନ କରିବେ ବୋଲି ସେ କହିଥିଲେ ।

## ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ

# ପାଠକ ସଂଖ୍ୟା ବଢ଼ିଲେ ଲେଖକ ଓ କବି ଉତ୍ସାହିତ ହେବେ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ଭାଷା ଭାରତବର୍ଷର ଅନ୍ୟତମ ପୁରାତନ ଭାଷା । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ହାତୀଗୁମ୍ଫା ଶିଳାଲିପି, ତୃତୀୟ ଶତାବ୍ଦୀର ଧଉଳୀ ଓ ଜଉଗଡର ପ୍ରାଚୀନ ଅଭିଲେଖ, ପୁରୁଣା ପୋଥି, ତାମ୍ରଫଳକ ଓ ତାଳପତ୍ର ପୋଥିରୁ ଆମ ଓଡ଼ିଆ ଭାଷା କେତେ ପ୍ରାଚୀନ ତାହା ପ୍ରମାଣିତ ହୋଇଛି । ଆମର ଏହି ପ୍ରାଚୀନ ଭାଷା ସାହିତ୍ୟକୁ ବିକାଶ ଓ ରୁଦ୍ଧିମନ୍ତ କରିବା ଦାୟିତ୍ୱ ଆମର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶନିବାର ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ- ୨୦୨୫ର ଉଦ୍‌ଘାଟନୀ ଅବସରରେ କହିଛନ୍ତି । ଭୁବନେଶ୍ୱର ୟୁନିଟ – ୩ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହୋଇଛି ଏହି ପୁସ୍ତକ ମହୋତ୍ସବ। ଡିସେମ୍ବର ୬ ରୁ ୧୭ ତାରିଖ ଯାଏଁ ଏହା ଚାଲିବ । ଚଳିତ ବର୍ଷ ଏହି ମହୋତ୍ସବରେ ୫୫୦ ଟି ଷ୍ଟଲ ଖୋଲାଯାଇଛି । ଏଥିସହିତ ବରପୁତ୍ରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଭିଲିଅନ ପ୍ରସ୍ତୁତ କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରି ଷ୍ଟଲ ବୁଲି ଦେଖିଥିଲେ ଓ ପୁସ୍ତକ କ୍ରୟ କରିଥିଲେ । ଏଥିସହିତ ବରପୁତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ପାଭିଲିଅନରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଉପସ୍ଥିତ ସାହିତ୍ୟିକ, ଲେଖକ ଓ ପୁସ୍ତକପ୍ରେମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୁସ୍ତକ ସଂଗ୍ରହ ଓ ପଠନ ପ୍ରତି ତାଙ୍କର ବିଶେଷ ରୁଚି ରହିଛି । ଏ ପର୍ଯ୍ୟନ୍ତ ପ୍ରାୟ ୫୦୦୦ ରୁ ୬୦୦୦ ପର୍ଯ୍ୟନ୍ତ ପୁସ୍ତକ ସଂଗ୍ରହ କରି ଲାଇବ୍ରେରୀ ଆକାରରେ ରଖିଛନ୍ତି ଏବଂ ସମୟ ପାଇଲେ ତାକୁ ପଢୁଛନ୍ତି । ପିଲାମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ପୁସ୍ତକ ପଠନ ମାଧ୍ୟମରେ ଆମ ଅବହେଳିତ ତଥା ଅନାଲୋଚିତ ବରପୁତ୍ର ମାନଙ୍କ ବିଷୟରେ ଆମେ ଜାଣିପାରିବା । ଲେଖକମାନଙ୍କୁ ଆହ୍ୱାନ ଦେଇ କହିଲେ ଯେ, ଏହି ଅନାଲୋଚିତ ବରପୁତ୍ର ମାନଙ୍କ ବିଷୟରେ ଅଧିକରୁ ଅଧିକ ତଥ୍ୟ ସଂଗ୍ରହ କରି ପୁସ୍ତକ ମାଧ୍ୟମରେ ସେମାନଙ୍କୁ ଲୋକଲୋଚନକୁ ଆଣନ୍ତୁ ।

ମୁଖ୍ୟମନ୍ତ୍ରୀ ଡକ୍ଟର ପ୍ରତିଭା ରାୟଙ୍କ ଯାଜ୍ଞସେନୀ ପୁସ୍ତକର ପ୍ରଶଂସା କରି କହିଥିଲେ ଯେ, ଏହି ମହାନ୍ ସାରସ୍ୱତ ସାଧକ ଆଜି ଯେଉଁ ଆହ୍ୱାନ ଦେଲେ ତାହା ଆମ ସମାଜ ପାଇଁ ଏକ ବଡ଼ ସନ୍ଦେଶ । ଆଜିଠାରୁ ମୁଁ ମଧ୍ୟ ପୁସ୍ତକକୁ ଉପହାର ସ୍ୱରୂପ ସମସ୍ତଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଲି । ମୋର ଅନୁରୋଧ, ଆପଣମାନେ ସମସ୍ତେ ମଧ୍ୟ ପୁସ୍ତକ କିଣନ୍ତୁ ଓ ଉପହାର ଦିଅନ୍ତୁ । ଫୁଲ ଉପହାର ଦେଲେ ତାହା ମଉଳି ନଷ୍ଟ ହୋଇଯାଇଥାଏ କିନ୍ତୁ, ପୁସ୍ତକ ଦିନକୁ ଦିନ ଆମର ଚେତନାକୁ ଆହୁରି ଜାଗ୍ରତ କରିଥାଏ । ସମସ୍ତେ ଯଦି ଏହାକୁ ଗ୍ରହଣ କରିବେ, ତେବେ ପାଠକ ସଂଖ୍ୟା ବଢ଼ିବ ଏହାଦ୍ୱାରା ଲେଖକ ମଧ୍ୟ ଉତ୍ସାହିତ ହେବେ ଏବଂ ଆମ ଓଡ଼ିଆ ଭାଷା ସାହିତ୍ୟରେ ଏକ ନୂଆ ସମ୍ଭାବନା ସୃଷ୍ଟି ହେବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ଆମେ ପୁସ୍ତକକୁ ଭଗବାନ ସଦୃଶ ବିବେଚନା କରି ପୂଜା କରିଥାଉ । ପୁସ୍ତକ ଆମ ଚେତନାକୁ ସବୁବେଳେ ପ୍ରଭାବିତ କରିଛି । ପିଲାମାନଙ୍କୁ ମୋବାଇଲ ବ୍ୟବହାରକୁ କମ୍ କରି ପୁସ୍ତକ ପଠନ କରିବା ପାଇଁ ଉତ୍ସାହିତ କରିଥିଲେ । ଏକାମ୍ର, ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ, ପୂର୍ବରୁ ଏହା ପୁସ୍ତକ ମେଳା ଭାବେ ଥିଲା । ଏବେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଏକ ମହୋତ୍ସବରେ ପରିଣତ ହୋଇଛି । ଯୁବଶକ୍ତିଙ୍କୁ ପୁସ୍ତକ ସହ ଯୋଡ଼ି ରଖିବା ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ବୋଲି ସେ କହିଥିଲେ ।

ବିଶିଷ୍ଟ ସାରସ୍ୱତ ସାଧିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ କହିଥିଲେ ଯେ, ମାନବ ଜାତିର ଇତିହାସରେ ଦୁଇଟି ବିସ୍ମୟକର ଘଟଣା ହେଉଛି ଅଗ୍ନି ଏବଂ ଭାଷା । ଭାଷା ମଣିଷ ଦ୍ୱାରା ଉଦ୍ଭାବିତ । ମଣିଷ ନିଜର ବିବେକ, ଚେତନା ଓ ଜ୍ଞାନ ଦ୍ୱାରା ଏହାକୁ ଉଦ୍ଭାବନ କରିଛି । ଆମ ସଂସ୍କୃତି ହେଉଛି ପୋଥିଗତ, ଜ୍ଞାନଗତ ଓ ବିବେକଗତ । ପୋଥି ହେଉଛି ଆମ ସବୁଠାରୁ ବଡ଼ ବନ୍ଧୁ । ଆମ ଭିତରେ ଥିବା ଚେତନାକୁ ଜାଗ୍ରତ କରିଥାଏ ପୁସ୍ତକ । ତେଣୁ ପୁସ୍ତକକୁ ଉପହାର ରୂପେ ଗ୍ରହଣ କରିବା ଓ ପ୍ରଦାନ କରିବା ପାଇଁ ସେ ସମସ୍ତଙ୍କୁ ନିବେଦନ କରିଥିଲେ । ଯୁବବର୍ଗଙ୍କୁ ଆଗାମୀ ଭାଲେଣ୍ଟାଇନ ଡେ'କୁ ବୁକ୍ ଡେ ଭାବେ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ ।

କାର୍ଯ୍ୟକ୍ରମରେ କର୍ଣ୍ଣେଲ ଶରତ ମହାପାତ୍ରଙ୍କ 'ଅପରେସନ ସିନ୍ଦୁର', ଡକ୍ଟର ପଞ୍ଚାନନ ନାୟକଙ୍କ 'ଦେ', ବଦ୍ରୀ ମହାପାତ୍ରଙ୍କ 'ମୁର୍ଚ୍ଛିତ ମୋକ୍ଷ' ବିମଳା ସିଂଙ୍କ 'ଝରା ଶ୍ରାବଣ', ଦାଶ ବେନହୂରଙ୍କ 'ଓଡ଼ିଆ ଶିଶୁ ସାହିତ୍ୟ କିଛି ପର୍ଯ୍ୟାଲୋଚନା' ସମେତ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ବିଭିନ୍ନ ପୁସ୍ତକ ଅତିଥିମାନେ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବ୍ୟାପକ ସମୀକ୍ଷା

# ପାନୀୟ ଜଳ ଯୋଗାଣ, ଶ୍ରମ କଲ୍ୟାଣକୁ ସୁଦୃଢ଼ କରିବା ଉପରେ ଧ୍ୟାନ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରର ଲୋକସେବା ଭବନର କାର୍ଯ୍ୟାଳୟ ପ୍ରକୋଷ୍ଠରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଏକ ଉଚ୍ଚସ୍ତରୀୟ ବ୍ୟାପକ ସମୀକ୍ଷା ବୈଠକ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀ ରାଜ୍ୟ ସରକାରଙ୍କ ଦ୍ୱାରା ସମର୍ଥିତ ଅତିରିକ୍ତ ୨୦୦ ଦିନର ନିଯୁକ୍ତିର ପ୍ରଭାବଶାଳୀ ବ୍ୟବସ୍ଥା ମାଧ୍ୟମରେ ଦାଦନପ୍ରବଣ ଅଞ୍ଚଳରେ ଦାଦନ ସମସ୍ୟାକୁ ରୋକିବା ଉପରେ ବିଶେଷ ଧ୍ୟାନ ଦେଇ ଏମ୍‌ଜିନରେଗା କାର୍ଯ୍ୟାନ୍ୱୟନର ସମୀକ୍ଷା କରିଥିଲେ । ସେ ସମୟସୀମା ମଧ୍ୟରେ ମଜୁରୀ ପ୍ରଦାନ, ଗୁଣାତ୍ମକ ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି ଏବଂ ସ୍ଥାୟୀ ଜୀବିକା ବୃଦ୍ଧି ନିମନ୍ତେ ପ୍ରଥମ ୧୦୦ ଦିନ ପାଇଁ ୯୮ ଟଙ୍କା ଓ ପରବର୍ତ୍ତୀ ୨୦୦ ଦିନ ପାଇଁ ୩୭୧ ଟଙ୍କା ଅତିରିକ୍ତ ରାଜ୍ୟ ସହାୟତା ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଶ୍ରମ କାର୍ଡ ପଞ୍ଜୀକରଣ ଏବଂ ଲାଭ ବଣ୍ଟନ ସମୀକ୍ଷା କରି, ମନ୍ତ୍ରୀ ସମସ୍ତ ଯୋଗ୍ୟ



ଶ୍ରମିକଙ୍କୁ ଶ୍ରମ କାର୍ଡ ପ୍ରଦାନ କରିବା ସହ ସେମାନଙ୍କୁ ସମୟସୀମା ମଧ୍ୟରେ ସ୍ୱଚ୍ଛ ଭାବରେ ସମସ୍ତ ଗ୍ରହଣୀୟ ସୁବିଧା ପ୍ରଦାନକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ଜାରି ରହିଥିବା ପଦକ୍ଷେପ ସମେତ ରାଜ୍ୟବ୍ୟାପୀ ପାନୀୟ ଜଳ ଯୋଗାଣ ଭିତ୍ତିଭୂମିର ଅଗ୍ରଗତି ବାବଦରେ ମଧ୍ୟ ସମୀକ୍ଷା କରାଯାଇଥିଲା । ମାର୍ଚ୍ଚ ୨୦୨୭ ସୁଦ୍ଧା ସମସ୍ତ ଗ୍ରାମୀଣ ପରିବାରକୁ ସ୍ୱଚ୍ଛ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ରାଜ୍ୟରେ ମନରେଗା କାର୍ଯ୍ୟାନ୍ୱୟନ ସ୍ଥିତି ସମୀକ୍ଷା କରାଯାଇଥିଲା । ବିଭିନ୍ନ ବିଭାଗରୁ ମତାମତ ଗ୍ରହଣ କରାଯାଇଛି ଏବଂ ଡ୍ରାଫ୍ଟ ନିୟମାବଳୀକୁ ଆଗାମୀ ବୈଠକରେ ଜନଜାତୀୟ ପରାମର୍ଶଦାତା କମିଟି ସମ୍ମୁଖରେ ଅବଲୋକନ ପାଇଁ ରଖାଯିବ ବୋଲି ସୂଚନା ଦିଆଯାଇଥିଲା । ବିକାଶିତ ଗାଁ ବିକାଶ ଓଡ଼ିଶା (ଇଏଇଡ଼) ଅଧୀନରେ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି, ମାନ୍ୟବର ମନ୍ତ୍ରୀ ବ୍ୟାପକ ଗ୍ରାମୀଣ ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରକଳ୍ପଗୁଡ଼ିକର ସମୟସୀମା ସମାପ୍ତ କରିବା ପାଇଁ ରିଅଲ- ଟାଇମ ତଦାରଖ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଏସ.ଏନ. ଗିରିଶ, ନିର୍ଦ୍ଦେଶକ (ପାନୀୟ ଜଳ ଏବଂ ପରିମଳ) ବିନୀତ ଭରଦ୍ୱାଜ, ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନିର୍ଦ୍ଦେଶକ (ଏସ୍‌ଆଇଆରଡ଼ି) ଶ୍ରୀମତୀ ମଧୁମିତା ସାମଲ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଖୋର୍ଦ୍ଧା ପାଲଟିଛି ଧଳାଜହରର ପେଣ୍ଠସ୍ଥଳୀ

# ମୁଖ୍ୟ କାର୍ପଟଦାର ନିକଟରେ ପହଞ୍ଚି ପାରୁନି ଅବକାରୀ, ପୁଲିସ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧାରେ ଥମୁନି ଧଳାଜହର କାରବାର । ଯେତିକି ଧରାହେଉଛି, ସେତିକି ବଢିଚାଲିଛି । ବାରମ୍ବାର ଧରପଗଡ ସତ୍ୱେ ଏଥିରେ କୌଣସି ପ୍ରଭାବ ପଡୁନାହିଁ। ସହରରେ ବିଭିନ୍ନ ସମୟରେ ଧରପଗଡ ପୁଲିସ ଓ ଅବକାରୀ ବିଭାଗ କରୁଥିବାବେଳେ ସହର ଉପକଣ୍ଠ ଓ ଗ୍ରାମାଂଚଳ ମୁହାଁ ହେଲେଣି ବେପାରୀ । ସଞ୍ଜ ନଇଁଲେ ଗ୍ରାମାଂଚଳର ବିଭିନ୍ନ ନିଛାଟିଆ ଛକସ୍ଥାନ, ମନ୍ଦିର ପାଖ ପ୍ରଭୃତି ଏବେ ଧଳଜହର କାରବାରର ଚରାଭୂଇଁ ପାଲଟିଛି। ନିଶା ବେପାରୀଙ୍କ ଷ୍ଟ୍ରାଟେଜି ଆଗରେ ଫେଲ ମାରୁଛି ପୁଲିସ ଓ ଅବକାରୀ ବିଭାଗର ପଦକ୍ଷେପ। କଳିକତା ବାଲେଶ୍ୱର, ଜଳେଶ୍ୱର ପ୍ରଭୃତି ଅଂଚଳରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧା ସହରକୁ ଧଳା ଜହର ପ୍ରବେଶ କରୁଥିବାବେଳେ ଏଠାରେ ମାଫିଆଙ୍କ ନିକଟରୁ ମାଲ ନେଇ ଏଜେଂଟମାନେ ଗ୍ରାମାଂଚଳରେ ନିଶା କାରବାର ବଢାଉଛନ୍ତି। ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର ଆଶାରେ ଏଥିରେ ପାଦ ଥାପିଥିବା ଯୁବକ ମାନେ ଏଥିରୁ ବାହାରିବା ପରିବର୍ତ୍ତେ ଏହାକୁ ପେଶା ଭାବେ ଗ୍ରହଣ କରିନେଇଛନ୍ତି । ପରିସ୍ଥିତି ଏପରି ହେଲାଣି ଯେ, କେତକ ଅଂଚଳରେ ସପରିବାର ଏହି କାରବାରରେ ଲିପ୍ତ ରହୁଥିବା ଜଣାପଡିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ପରିବାରରେ ମହିଳା ମାନେ ମଧ୍ୟ ଏଥିରେ ସାମିଲ ହୋଇ ଗ୍ରୋସରୀ ଦୋକାନ ଚଳାଇବା ଭଳି ବେପାରରେ ମାତିଛନ୍ତି।

ଅବକାରୀ ବିଭାଗ ଓ ପୁଲିସ ହାତରେ ଛୋଟ ଛୋଟ ବେପାରୀ ଧରାପଡୁଥିବା ବେଳେ ମାଫିଆ ମାନେ ଆଜି ମଧ୍ୟ ଖୋଲା ଆକାଶରେ ବିନଦାସରେ ବୁଲୁଛନ୍ତି । ଅନେକ ସମୟରେ ଅବକାରୀ ବିଭାଗ ଓ ପୁଲିସ ଧରପଗଡ ବେଳେ ମାଷ୍ଟରମାଇଣ୍ଡ ଖସି ଯାଉଛନ୍ତି। ତେବେ ଧଳାଜହର କାରବାର ପଛର ମୁଖ୍ୟଖଳାନାୟକ ନିକଟରେ ପହଁଚି ପାରୁନି ଅବକାରୀ ବିଭାଗ ଓ ପୁଲିସ୍। ଏହାର ଚେର କେଉଁ ସ୍ଥାନ ପର୍ଯ୍ୟନ୍ତ ଲମ୍ବିଛି । ଏମାନେ କେଉଁଠାରୁ ଧଳାଜହର ଆଣୁଛନ୍ତି। କିଏ ଏମାନଙ୍କୁ ସପ୍ଲାଇ କରୁଛି। ଏହାର ପଛର ମୁଖ୍ୟ କାପ୍ଟଟଦାର କିଏ, ଆଜି ପର୍ଯ୍ୟନ୍ତ ପୋଲିସ ରୁଟ କର୍ଣ୍ଣରରେ ପହଂଚି ପାରିନାହିଁ। ଏହାକୁ ମୂଳୋତ୍ପାଟନ ଲାଗି ଅବକାରୀ ବିଭାଗ ଓ ପୁଲିସ ର ସେଭଳି କୌଣସି ଷ୍ଟ୍ରାଟେଜି ନଥିବା ଭଳି ମନେ ହେଉଛି। ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ, ଫଳରେ ମାଫିଆ, ନିଶା ବେପାରୀ ମାନେ ଏହାର ସୁଯୋଗ ନେଇ ନିଜ ସାମ୍ରାଜ୍ୟ ବୃଦ୍ଧି କରିବାରେ ଲାଗିଛନ୍ତି। ପାନ ଦୋକାନ, ମୋବାଇଲ ଦୋକାନ, ଗ୍ରୋସରୀ, ପରିବା ଦୋକାନ ଆଳରେ ନିଶା କାରବାର ଚାଲିଛି । ଅନ୍ୟପଟେ ବିଶେଷ ସୁତ୍ରରୁ ମିଳିଥିବା ଖବର ଅନୁସାରେ ଯେତିକି ପରିମାଣ ଧରାଯାଉଛି, ତାହାକୁ ଦେଖାଯାଉନାହିଁ, ଅଥବା ଜାଣିଶୁଣି କମ୍ ପରିମାଣର ଦେଖାଯାଉଥିବା ମଧ୍ୟ ଚର୍ଚ୍ଚା ହେଉଛି। କିଛି ସ୍ଥାନରେ ଅବକାରୀ ବିଭାଗ ଓ ପୁଲିସ ଅସାଧୁ କର୍ମଚାରୀଙ୍କ ଯୋଗୁ ଚଢଉ ପୂର୍ବରୁ ମଧ୍ୟ ଖବର ପହଁଚି ଯାଉଛି, ଫଳରେ ମାଫିଆ ଅକ୍ଳେଶରେ ଖସିଯାଉଛନ୍ତି। ତେବେ ଖସୁଛନ୍ତି ନା ଖସାଇ ଦିଆଯାଉଛି, ତାହାକୁ ନେଇ ମଧ୍ୟ ଏକ ପ୍ରକାରରେ ଚର୍ଚ୍ଚାର ବିନ୍ଦୁ ପାଲଟିଛି।

## ବାରମାଣର ବିଏସକ୍ୟୁ-୨ ପାର୍ଶ୍ୱରୁ ଚାଲିଛି ଲକ୍ଷଲକ୍ଷ ଟନ୍ କଳାପଥର ଚୋରି

# ଜିଲ୍ଲା ଟାସ୍କଫୋର୍ସର କାର୍ଯ୍ୟାନୁଷ୍ଠାନ ଦାବି

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବାରମାଣ ମୌଜାର ବିଏସକ୍ୟୁ-୨ ପଥର ଖଣି ପାର୍ଶ୍ୱରୁ ଦୁଇଟି ସ୍ଥାନରୁ ଏବେ ଚାଲିଛି ଆଖିବୁଜା କଳାପଥର ଚୋରି। ମାଫିଆମାନେ ବେଆଇନ ବିସ୍ଫୋରଣ କରି ଖଣିରୁ ଦୈନିକ ଲକ୍ଷାଧିକ ଟନ କଳାପଥର ଲୁଟି ନେଉଛନ୍ତି । ବିଏସକ୍ୟୁ-୨ ଖଣିର ଲିଜଧାରୀଙ୍କ ମିଳିଭଗତରେ ଏହି ବଡଧରଣର ପଥର ଚୋରି ଚାଲିଥିବା କୁହାଯାଉଛି। ଏହି ଦୁଇ ସ୍ଥାନରୁ ବ୍ୟାପକ କଳାପଥର ଚୋରି ହେବାନେଇ ଅଭିଯୋଗ ପରେ ଗତ ମେ ମାସରେ ଜିଲ୍ଲା ଲଘୁ ଖଣି ଅଧିକାରୀ ଓ ପୋଲିସ ମିଳିତଭାବେ ଚଢାଉକରି ସେଠାରୁ ମେସିନ ଓ ଟ୍ରକ ଜବତ କରିଥିଲେ । ଫଳରେ ଏହି ବେଆଇନ ଖଣି ବନ୍ଦ ରହିଥିଲା । ହେଲେ ଏବେ ପୁଣି ସେହି ନିଷିଦ୍ଧ ଖଣି ଗୁଡିକରୁ ବ୍ୟାପକ ପଥର ଚୋରି ଆରମ୍ଭ ହୋଇଛି । ମାଫିଆମାନେ ଦିନ ଦ୍ୱିପହରରେ ଉକ୍ତ ଖଣିରୁ ଟ୍ରକଟ୍ରକ ପଥର ପାଖ କ୍ରସରକୁ ଚୋରା ଚାଲାଣ କରୁଛନ୍ତି । ଏହି ଚୋରା କାରବାର ଯୋଗୁଁ ସରକାର ଦୈନିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ବେଳେ ମାଫିଆ ମାଲାମାଲ ହେଉଛନ୍ତି। ସ୍ଥାନୀୟ ଜେନାପୁର ଥାନା ପୋଲିସ ଓ ଖଣି ବିଭାଗ ଜ୍ଞାତସାରରେ ଏହି ଲୁଟପାଟ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି! ଏହି ପଥର ଚୋରିରେ ବିଏସକ୍ୟୁ ୨ର ଲିଜଧାରୀ ସିଧାସଳଖ ସଂପୃକ୍ତ



ଥିବା ନେଇ ଏବେ ଜିଲ୍ଲା ପ୍ରଶାସନ ଓ ଲଘୁ ଖଣି ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡିଛି। ସରକାରୀ ନିୟମ ଓ ଲଘୁ ଖଣି ଆଇନର ଚୁକ୍ତି ଅନୁଯାଇ ଲିଜଧାରୀଙ୍କ ଖଣି ପରିସର ବା ତା ନିକଟରେ କୌଣସି ପ୍ରକାର ବେଆଇନ ଖନନ ହୋଇପାରିବ ନାହିଁ। ଯଦି କୌଣସି ବେଆଇନ ଖନନ ହୁଏ ତେବେ ସଂପୃକ୍ତ ଲିଜଧାରୀ ସଙ୍ଗେସଙ୍ଗେ ଜିଲ୍ଲା ଖଣି ଅଧିକାରୀଙ୍କ ନଜରକୁ ତାହା ଆଣିବା ପାଇଁ ନିୟମ ରହିଛି । ହେଲେ ବାଡ ଫସଲ ଖାଇଯିବା ନିତିରେ ଲିଜଧାରୀଙ୍କ ମିଳିଭଗତରେ ଏହି ଦୁଇ ସ୍ଥାନରୁ ପଥରଚୋରି ଚାଲିଥିବାରୁ ସେ ସମ୍ପର୍କରେ ଲିଜଧାରୀ ପ୍ରଶାସନକୁ ଜଣାଉନାହାଁନ୍ତି । ଖଣି ବିଭାଗ ଆଖିରେ ଆଙ୍ଗୁଟି ଗେଞ୍ଜି ଉକ୍ତ ଲିଜଧାରୀ ରାଜସ୍ୱ ଫାଙ୍କିବା ପାଇଁ ନିଷିଦ୍ଧ ଖଣିରୁ ପଥର ଚୋରି କରୁଥିଲେ ମଧ୍ୟ ପୋଲିସ ଓ ଖଣି ଅଧିକାରୀ କାହିଁକି ଚୁପ ବସିଛନ୍ତି ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହେଉଛି। ଫଳରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଟାସ୍କଫୋର୍ସ ଏ ସଂପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଏଥିସହ ବାରମାଣ ବିଏସକ୍ୟୁ ୨ ଖଣି ସହିତ ଏହି ଦୁଇ ନିଷିଦ୍ଧ ସ୍ଥାନରୁ ଦୈନିକ ଉତ୍ତୋଳିତ ଶହଶହ ଟ୍ରିପ ଚୋରା କଳାପଥର କେଉଁ କ୍ରସର ଓ କେଉଁ ସଂସ୍ଥାକୁ ଯୋଗାଣ ହୋଇଛି ତାହା ଅନୁସଂଧାନ ହେବା ଉଚିତ୍ । ଜନୈକ ପ୍ରଧାନଙ୍କ ନାମରେ ବାରମାଣ ମୌଜାର ଏହି ବିଏସକ୍ୟୁ ୨ ପଥରଖଣିକୁ ଜିଲ୍ଲା ଲଘୁ ଖଣି ଅଧିକାରୀ ଲିଜ ଦେଇଛନ୍ତି। ତାହାର ଲିଜ କେଶ ନଂ ୨୨/୨୦୨୦- -୨୧ ରହିଛି। ବାରମାଣ ମୌଜାର ଖାତା ନମ୍ବର ୨୪୭ (ଏ-ଏଏ) ଓ ପ୍ଲଟ ନମ୍ବର ୧୨୬୧ରେ ଏହି ଖଣି ରହିଛି । ଏହି ସ୍ଥାନରୁ ୭.୩୦ ଏକର ଖଣିକୁ ପ୍ରଧାନଙ୍କୁ ଲିଜ ଦିଆଯାଇଛି । ଉକ୍ତ ଖଣିର ଲିଜ ଅବଧି ୧୮/୧୦/୨୦୨୨ ଠାରୁ ୧୭/୧୦/୨୦୨୭ ପର୍ଯ୍ୟନ୍ତ ରହିଥିଲା ବେଳେ ଏହାର ପରିବେଶ ମଞ୍ଜୁରୀ ଅବଧି ୦୩/୦୬/୨୦୨୭ ଓ ପ୍ରାଥମିକ ସିଟିଓ ଅବଧି ୦୩/୦୬/୨୦୨୫ ପର୍ଯ୍ୟନ୍ତ ରହିଥିଲା। ଅପରପକ୍ଷରେ ଏହି ଖଣିରେ କିଏ ମାଇନିଂ ମ୍ୟାନେଜର ନିଯୁକ୍ତ ଅଛନ୍ତି ଓ ସେ ଏହି ଖଣି ସହିତ ଅନ୍ୟ କେତୋଟି ଖଣିର ମାଇନିଂ ମ୍ୟାନେଜର ଭାବେ କାମ କରୁଛନ୍ତି ତାହାର ଯାଞ୍ଚ ପାଇଁ ଖଣି ଅଧିକାରୀଙ୍କ ନିକଟରେ ଦାବି ହୋଇଛି। ଡିସେମ୍ବର ୫ ତାରିଖରେ ଯାଜପୁର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ଟାସ୍କଫୋର୍ସ ବୈଠକରେ ଲଘୁଖଣିଜ ଚୋରି ଚୋକିବା ପାଇଁ ନିଷ୍ପତ୍ତି ହେବା ସହିତ ଖଣି ଚୋରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ଟାସ୍କଫୋର୍ସ ଏହି ବାରମାଣ ବିଏସକ୍ୟୁ୨ ସଂଲଗ୍ନ ଖଣିଚୋରି ରୋକିବା ପାଇଁ ପ୍ରଥମ ପଦକ୍ଷେପ ଗ୍ରହଣ କରୁବୋଲି ସାଧାରଣରେ ଦାବି ହୋଇଛି ।

# ମାନବ ଚାଲାଣ, ଶିଶୁ ଅତ୍ୟାଚାର ନେଇ ବିଜେଡିର ଉଦ୍‌ବେଗ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ମାନବ ଚାଲାଣ ଓ ଶିଶୁ ଅତ୍ୟାଚାର ବୃଦ୍ଧି ପାଉଥିବା ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ଶୂନ୍ୟକାଳରେ ଶ୍ରୀମତୀ ମଲ୍ଲିକ କହିଛନ୍ତି, ରାଜ୍ୟରେ ମାନବ ଚାଲାଣ ଚାଲିଛି । ରାଉରକେଲାରେ ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବାହାରକୁ ପଠାଯାଇଥିବା ଖବର ଆସିଥିବା ବେଳେ ସରକାର ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ । ସେହିପରି ନୀଳଗିରିରେ ଛାତ୍ରଙ୍କୁ ହଷ୍ଟେଲରେ ତାଲା ପକାଇ ଶିକ୍ଷକ ପଳାଇଥିବା ଘଟଣା ନଜରକୁ ଆସିଛି । ତେଣୁ ଶିଶୁମାନେ ମଧ୍ୟ ସୁରକ୍ଷିତ ନାହାନ୍ତି ବୋଲି ସେ କହିଥିଲେ । ଏ ପ୍ରସଙ୍ଗରେ ତର୍ଜମା କରି ଚଳିତ ଅଧିବେଶନରେ ବିବୃତି ରଖିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ବାଚସ୍ପତି ସୁରମା ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ । ନୀଳଗିରିରେ କୋମଳମତି ଛାତ୍ରଙ୍କୁ ହଷ୍ଟେଲରେ ବେଢ଼ି ପକାଇବା ଓ ଦଶପଲ୍ଲାରେ ସ୍କୁଲ ଛାତ୍ରଙ୍କୁ ଅମାନୁଷିକ ଭାବେ ରାଗିଂ ଘଟଣା ନେଇ ଉଦବେଗ ପ୍ରକାଶ କରିଥିଲେ ବିଧାୟକ ଗୌତମବୁଦ୍ଧ ଦାସ ।

# ୬୩ତମ ଗ୍ରାମରକ୍ଷୀ ଦିବସ ପାଳିତ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ ତରତୁଆ ରିର୍ଜଭ ଅଫିସ ପଡିଆରେ ୬୩ତମ ଗ୍ରାମରକ୍ଷୀ ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥିଭାବେ ଏସ୍ପି ବିବେକାନନ୍ଦ ଶର୍ମା ଯୋଗଦେଇ ରାଜ୍ୟପାଳ ଓ ପୁଲିସ ମହାନିର୍ଦ୍ଦେଶକଙ୍କ ବାର୍ତ୍ତା ପଠନ କରିଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ଏବଂ ବିଭିନ୍ନ ଆତଙ୍କରାଜକୁ ଦମନ କରିବା ପାଇଁ ଗ୍ରାମରକ୍ଷୀ ବାହିନୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀନିବାସ ମହାନ୍ତି, ଅନାଦୀ ସେଠୀ, ଏସଡିପିଓ (ସଦର) ନିହାର ରଞ୍ଜନ ପ୍ରଧାନ, ଡିଏସପି (ମୁଖ୍ୟାଳୟ) ଅନୀଲ ମହାନ୍ତି, ରିଜର୍ଭ ଇନ୍ସପେକ୍ଟର ବିଜୟ କୁମାର ସାହୁ, ଆଦର୍ଶଥାନା ଅଧିକାରୀ ସଞ୍ଜୟ ନାୟକ, ସଦରଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ଶିଳ୍ପାଂଚଳ ଥାନା ଅଧିକାରୀ ଉମେଶ ସାହୁ, ଏସଆଇ(ଆର୍ମଡ) ଅନାଦି ବେହେରାଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ, କର୍ମଚାରୀ, ଶିକ୍ଷାବିତ, ବୁଦ୍ଧିଜିବୀ ପ୍ରମୁଖ ଉପସ୍ଥିତ ଥିଲେ।

# ନବଜାତ ବାଛୁରୀ ଛୁଆକୁ ଟାଣିନେଇ ଗଛରେ ଖାଇଲା ବାଘ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡରେ ଦିନକୁ ଦିନ ବନ୍ୟପ୍ରାଣୀ ଆତଙ୍କ ବଢୁଛି । ଯାହାକୁ ନେଇ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଏଥିସହ ସନ୍ଧ୍ୟା ହେଲେ କବାଟ ଖୋଲିବାକୁ ଭୟ କରୁଛନ୍ତି । ଗୁରୁବାର ରାତିରେ ମୁଜାଗଡ ବନାଞ୍ଚଳ ଅଧୀନ ସିଧାପଦର ଗ୍ରାମରେ ଗୋଟିଏ କଳାରାପତରିଆ ବାଘ ନବଜାତ ବାଛୁରୀ ଛୁଆକୁ ଟାଣି ନେଇ ଏକ ଗଛରେ ରଖି ବାଛୁରୀର କିଛି ଅଂଶ ଖାଇ ଆଉ କିଛି ଅଂଶ ଛାଡି ଚାଲିଯାଇଥିଲା । ଶୁକ୍ରବାର ଏହି ଘଟଣା ଜଣାପଡିବା ପରେ ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଥିଲା । ଏଥିସହ ଶୁକ୍ରବାର ସନ୍ଧ୍ୟାରେ ଘଟଣାସ୍ଥଳରେ ଟ୍ରାପ କ୍ୟାମେରା ଲଗାଯାଇଥିଲା । ଶନିବାର ସକାଳୁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଦେଖିବା ବେଳକୁ ବାଘ ପୁଣି ଆସି ମଲା ବାଛୁରୀର ବଳକା ଅଂଶକୁ ଗଛ ଉପରୁ ନେଇ ଚାଲିଯାଇଥିବା ଜଣାପଡିଛି । କ୍ୟାମେରା ଜଗିଛି କିନ୍ତୁ ବାଘ ମଲା ବାଛୁରୀ ଛୁଆକୁ ନେଇଯାଇଛି ।

ଖବର ନେବାରେ ସିଧାପଦର ଗ୍ରାମରେ ସ୍ମୃତି ରଞ୍ଜନ ଦାସଙ୍କ କୃଷି ଫାର୍ମ ଅଛି । ଗୁରୁବାର ତାଙ୍କର ଗାଈପଲ ଜଙ୍ଗଲକୁ ଚରିବାକୁ ଯାଇଥିଲେ । ସନ୍ଧ୍ୟାରେ ଗାଈ ପଲ ଫେରିଥିଲେ । କିନ୍ତୁ ଗୋଟିଏ ଗର୍ଭବତୀ ଗାଈ ଫେରି ନ ଥିଲା । ଯାହାକୁ ନେଇ ସ୍ମୃତିରଞ୍ଜନଙ୍କ ଗାଈ ଜଗୁଆଳି ଦ୍ୱନ୍ଦରେ ପଡିଥିଲେ । ବିଳମ୍ବିତ ରାତିରେ ଗାଈ ଫେରିଥିଲା । ଏହି ସମୟରେ ଛୁଆ ଜନ୍ମ କରିଥିବା ଜଣାପଡ଼ିଥିଲା । କିନ୍ତୁ ବାଛୁରୀ ଛୁଆ ସାଥିରେ ନ ଥିବା ଜଣାପଡିଥିଲା । ଏହାପରେ ଶୁକ୍ରବାର ପ୍ରତ୍ୟୁଷରେ ଗାଈ ଜଗୁଆଳି ବାଛୁରୀ ଜନ୍ମ ଦେଇଥିବା ଗାଈକୁ ଧରି ଜଙ୍ଗଲକୁ ଯାଇଥିଲେ । ଜଙ୍ଗଲରେ ଗାଈ ଯେଉଁଠି ଛୁଆ ଜନ୍ମ କରିଥିଲା ସେଠି ଅଟକି ଥିଲା । କିନ୍ତୁ ଛୁଆ ନ ଥିବା ଦେଖିବାକୁ ମିଳିଥିଲା । ଏହାପରେ ଖୋଜାଖୋଜି କରିବା ପରେ ମଲା ବାଛୁରୀ ଛୁଆଟି ଗୋଟିଏ ଗଛ ଉପରେ ଥିବା ଦେଖିବାକୁ ପାଇଥିଲେ । ଏଥିସହ ଗାଈ ଚରାଳି ସହ ବାଘ ମୁହାଁମୁହିଁ ହୋଇଯାଇଥିଲା । ଏହାପରେ ଗାଈ ଚରାଳି ପାଟି କରିବାରୁ ବାଘ ସେଠାରୁ ଅନ୍ୟତ୍ର ଚାଲି ଯାଇଥିଲା ।

ଖବର ପାଇ ଡିଏଫଓ ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରୁ ବାଘର କିଛି ତ୍ରୁଟି, ମଲା ବାଛୁରୀ ର ରକ୍ତ ଜବତ କରି ତଦନ୍ତ ପାଇଁ ପଠାଇଛି । ଏଥିସହ ବାଘର ପାଦ ଚିହ୍ନ ଠାବ କରାଯାଇଛି । ଜଙ୍ଗଲରେ ଲାଗିଥିବା ଟ୍ରାପ କ୍ୟାମେରା ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଆଜି ହସ୍ତାନ୍ତର କରାଯାଇଛି । କ୍ୟାମେରା ଖୋଲିବା ପରେ ତାହା କଲରାପତରିଆ ବାଘ ବୋଲି ବନଖଣ୍ଡ ଅଧିକାରୀ ଶ୍ରୀ ମହାନ୍ତି ସୁଚନା ଦେଇଛନ୍ତି ।

# ଭିଜିଲାନ୍ସ ହାତରେ ବଡସାହି ବ୍ଲକ ଏଡିଇଓ ହେମନ୍ତ ବେହେରା



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ ତାଳପଦା ଗ୍ରାମପଞ୍ଚାୟତର ଆକାଉଣ୍ଟାଣ୍ଟ କମ୍-ଡାଟା ଏଣ୍ଟି ଅପରେଟର (ଏଡିଇଓ) ହେମନ୍ତ କୁମାର ବେହେରା ଜଣେ ଚାଷୀଙ୍କ ଠାରୁ ୨୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଘଟଣାରୁ ପ୍ରକାଶ ଯେ, ବଡସାହି ବ୍ଲକ ତାଳପଦା ଗ୍ରାମପଞ୍ଚାୟତର ଜଣେ ଚାଷୀ ମନରେଗା ଯୋଜନାରେ ଅନ୍ତର୍ଗତ ଏକ ପୋଖରୀ କରିବାକୁ ଦରଖାସ୍ତ କରିଥିଲେ। ମାତ୍ର ଉକ୍ତ ପୋଖରୀ ଖୋଳିବା ପାଇଁ କାର୍ଯ୍ୟ କୋଡ କରିବାକୁ ଲାଞ୍ଚୁଆ ଅଧିକାରୀ ଏଡିଇଓ ଶ୍ରୀ ବେହେରା ୨୫୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଶେଷରେ ଚାଷୀ ଜଣଙ୍କ ନିରୁପାୟ ହୋଇ ବାଲେଶ୍ୱର ଭିଜିଲାନ୍ସ ବିଭାଗ ଦ୍ୱାରସ୍ଥ ହୋଇଥିଲେ। ଏହି ଲାଞ୍ଚୁଆ ଅଧିକାରୀଙ୍କୁ ଧରିବା ପାଇଁ ଭିଜିଲାନ୍ସ ବିଭାଗ ଜାଲ ପକାଇଥିଲା ।

ଯୋଜନା ମୁତାବକ ଶନିବାର କାର୍ଯ୍ୟାଳୟରେ ୨୫୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ସେଠାରେ ଲୁଚି ରହିଥିବା ଭିଜିଲାନ୍ସ ବିଭାଗ ଉକ୍ତ ଅଧିକାରୀଙ୍କୁ ମାଡି ବସିଥିଲେ। ଏନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗରେ ୧୮/୨୫ ମାମଲା ରୁଜୁ ହୋଇ ଉକ୍ତ ଲାଞ୍ଚୁଆ ଅଧିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏଥିସହ ଏଡିଇଓଙ୍କ କାର୍ଯ୍ୟାଳୟ ଖୁଣ୍ଟା ଥାନା ଅନ୍ତର୍ଗତ ଗଦାଧର କୁମାରୀପୁର ଗ୍ରାମରେ ଥିବା ତାଙ୍କ ବାସଗୃହରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢଉ କରାଯାଇଥିଲା ।

# ୧୦୦ ଜଣିଆ କିଶୋରୀ ଦଳଙ୍କ ଆନ୍ତଃଜିଲ୍ଲା ପରିଦର୍ଶନ ସମ୍ପନ୍ନ

ବାରିପଦା, (ସବ୍ୟୁ) : ମହିଳା ଓ ଶିଶୁ ବିକାଶ ବିଭାଗର ଆଦବିକା ଯୋଜନାରେ ଜ୍ଞାନ ଆରୋହଣ ପରିଭ୍ରମଣରେ ମୟୂରଭଞ୍ଜର ୧୦୦ କିଶୋରୀ ବାଳିକା ଖୋର୍ଦ୍ଧା ଜିଲ୍ଲାକୁ ଯାଇ ଶନିବାର ଦିନି ଜିଲ୍ଲାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ପରିଭ୍ରମଣ ସମୟରେ ଖୋର୍ଦ୍ଧାସ୍ଥିତ ୱାର୍ଲ୍ଡ ସ୍କିଲ ସେଣ୍ଟର ଓ ସରକାରୀ ଆଇଟିଆଇ ଅନୁଷ୍ଠାନ ପରିଦର୍ଶନ କରି ଅନୁଷ୍ଠାନର ପ୍ରଶିକ୍ଷକ ମାନଙ୍କ ପାଖରୁ ବୈଷୟିକ କୌଶଳ ତାଲିମ ଓ ଆତ୍ମ ରୋଜଗାରକ୍ଷମ ସମ୍ପର୍କରେ ପଚାରି ବୁଝିଥିଲେ ।

ସେହିପରି କଳିଙ୍ଗ ଷ୍ଟାଡ଼ିୟମଠାରେ ଉନ୍ନତମାନର ଆନ୍ତର୍ଜାତିକ ଖେଳ ପ୍ରଦର୍ଶନ ନିମନ୍ତେ ଥିବା ସୁବିଧା ସୁଯୋଗ ଓ ପ୍ରଶିକ୍ଷଣ କୌଶଳ ମଧ ବୁଲି ଦେଖିଛନ୍ତି । ଉକ୍ତ ପରିଦର୍ଶନ ଟିମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀଣୀ ସସ୍ମିତା ମହାନ୍ତି ଓ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ଅନ୍ୟ କାର୍ଯ୍ୟକର୍ତ୍ତା ସାମିଲ ହୋଇ ପିଲାମାନଙ୍କ ଉତ୍ସାହ ବୃଦ୍ଧି କରିଥିଲେ ।




# ଗୃହରକ୍ଷୀ ପ୍ରତିଷ୍ଠା ଦିବସ

ବ୍ରହ୍ମପର, (ସବ୍ୟୁ) : ରିଜର୍ଭ ପୋଲିସ ପଡ଼ିଆ ଶନିବାର ୬୩ ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର ଯୋଗଦେଇ ଗୃହରକ୍ଷୀମାନଙ୍କ ସମାଜ ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ । ସେହିପରି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ଗୃହରକ୍ଷୀ ବାହିନୀ ସବୁ ସମୟରେ ପୋଲିସକୁ ସହଯୋଗ କରି ଆଇନ ଶୃଙ୍ଖଳା ନିୟନ୍ତ୍ରଣରେ ସହଯୋଗ କରୁଛନ୍ତି ।

ଆଗାମୀ ଦିନରେ ମଧ ଏଭଳି ନିଷ୍ଠାପର ସେବା ଜାରି ରହୁ ବୋଲି ସେ ଗୃହରକ୍ଷୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଦିବସ ପାଳନ ଅବସରରେ ୧୫ ଜଣ ଗୃହରକ୍ଷୀଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଶଂସା ପତ୍ର ପ୍ରଦାନ କରାଯିବା ସହ ସେମାନଙ୍କୁ ୨୦୦୦ ଟଙ୍କା ଲେଖାଏଁ ଆର୍ଥିକ ରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ବ୍ରହ୍ମପୁର ଏସପି'ଙ୍କ ତ%୦ାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଏସ୍ପି କୈଳାଶ ଚନ୍ଦ୍ର ବୁରୁଦା, ଆଲୋକ ଜେନା ସମେତ ରିଜର୍ଭ ଇନ୍ସପେକ୍ଟର (ଆରଆଇ) ଏମ. ଲକ୍ଷ୍ମୀ ରଞ୍ଜନ, ଗୃହରକ୍ଷୀ ପାଇଁ ରହିଥିବା ଆରଆଇ ଦୀପକ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ଗୃହରକ୍ଷୀ ଆରଆଇ ଉକ୍ତ ପ୍ୟାରେଡ଼ ପରିଚାଳନା କରିଥିଲେ । ସମସ୍ତ ଥାନାଧିକାରୀ ଓ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

# ରୟାଲ୍ସ ପ୍ରିମିୟର୍ ଲିଗ୍‌ର ୧୧ତମ ସଂସ୍କରଣ ପାଇଁ ଖେଳାଳି ନିଲାମ

ବାରିପଦା, (ସବ୍ୟୁ): ଷ୍ଟେସନ ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ହେବାକୁ ଥିବା ରୟାଲ୍ସ ପ୍ରିମିୟର୍ ଲିଗ୍‌ର ୧୧ତମ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି । ୮ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ଲିଗ୍‌ଟି ଜାନୁଆରୀ ମାସ ୩ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ମାସ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସବୁଠୁ ଦାମୀ ଖେଳାଳି ଭାବେ ପ୍ରିତିଦେବ ଜେନା ୧୮୦୦୦/- ଟଙ୍କାରେ (ମା'ଅମ୍ବିକା ସୁପର ସ୍ମାସରସ୍) ଦଳରେ ସାମିଲ୍ କରିଥିଲେ। ଦ୍ୱିତୀୟ ସର୍ବାଧିକ ଦାମୀ ଖେଳାଳି ଭାବେ ମାରି ଲୋକନାଥ ୧୭,୯୦୦/- ଟଙ୍କାରେ (ଏମର୍ଜିଂ ଟାଇଟନ) ଦଳରେ ସାମିଲ୍ ହୋଇଥିଲେ। ଅତିଥି ଭାବେ ଏହି ଲିଗ୍‌ର ଚେୟାରମ୍ୟାନ ସମାଜସେବୀ ଗିରିଶ ଚନ୍ଦ୍ର ଦାସ, ସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ ତଥା ୨୫ନମ୍ବର ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମାଜସେବୀ ପୱନ ଅଗ୍ରୱାଲ ଉପସ୍ଥିତ ରହି ଟିମ୍‌ର ମାଲିକ ମାନଙ୍କୁ ଉତ୍ସାହିତ କରିଥିଲେ।

# ମେଗା ରକ୍ତଦାନ ଶିବିର

ଆସିକା,(ସବ୍ୟୁ) : ସ୍ଥାନୀୟଏଚ.ଡି.ଏଫ.ସି. ବ୍ୟାଙ୍କ ପରିସର ରେ ଶୁକ୍ରବାର ରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଆସିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାୟିତ୍ୱରେ ଥିବା କବିସୂର୍ଯ୍ୟନଗର ବିଡ଼ିଓ ରାଜେନ୍ଦ୍ର ପ୍ରସାଦ ନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ସଂପ୍ରତି ସମୟ ରେ ରକ୍ତଦାନ ଶିବିର ଆୟୋଜନ ର ଆବଶ୍ୟକତା ତଥା ଏହା ଦ୍ୱାରା ଶରୀର କୁ ମିଳୁଥିବା ଲାଭ ଉପରେ ବର୍ଣ୍ଣନା କରିଥିଲେ । ଏଚ.ଡି.ଫ.ସି ଆସିକା ଶାଖା ପ୍ରବନ୍ଧକ ଦୃତିକୃଷ୍ଣ ମିଶ୍ର ଉପସ୍ଥିତ ରକ୍ତଦାତା ମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି ଶିବିରରେ ୪୮ ଜଣ ରକ୍ତଦାତା ରକ୍ତଦାନ କରିଥିଲେ ଓ ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ । ବ୍ୟାଙ୍କ କର୍ମଚାରୀ କାଳୁ ଚରଣ ସାହୁ (ପି.ବି.ଏ.), ଆଶିଷ କୁମାର ପୃଷ୍ଟି (ବି. ଏସ.ମ.), ସଲିମ ବାଗ, ସନ୍ତୋଷ ବାଡତ୍ୟା, ବାଳ କୃଷ୍ଣ ସାହୁ, ରାଜା ପାତ୍ର (ଡବ୍ଲ.ବି.ଓ) ସମେତ ଅନ୍ୟ କର୍ମଚାରୀ ମାନେ ପରିଚାଳନା ରେ ସହଯୋଗ କରିଥିଲେ ।

# ଜଙ୍ଗଲ ଜମି ଅଧିକାର ଆଇନ ଜିଲ୍ଲାସ୍ତରୀୟ କମିଟି ବୈଠକ

ଛତ୍ରପୁର, (ସବ୍ୟୁ) : ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜଙ୍ଗଲ ଜମି ଅଧିକାର ଆଇନ( ମୋ ଜଙ୍ଗଲ ଜମି ଯୋଜନା)ର ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା କମିଟିର ଅଧକ୍ଷ ଭି.କୀର୍ତ୍ତିଭାସନ ଅଧକ୍ଷତା କରି ୨୪୦ ଟି ବ୍ୟକ୍ତିଗତ ଓ ୩୨ଟି ଗୋଷ୍ଠୀଗତ ଜଙ୍ଗଲ ଜମିର ଚୂଡାନ୍ତ ନିଷ୍ପତି ନିଆଯାଇଥିଲା । ଆସନ୍ତାବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ବାକି ରହିଥିବା ଆବେଦନ ଗୁଡିକର ଚୂଡାନ୍ତ ଫଇସଲା ପାଇଁ ପଦକ୍ଷେପ ନିଆଯିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ତହସିଲସ୍ତରରୁ ତଦନ୍ତରେ ବିଳମ୍ବ ହେଉଥିବା ନେଇ କମିଟିର ସଦସ୍ୟମାନଙ୍କ ଠାରୁ ଅବଗତ ପରେ ଜିଲ୍ଲାପାଳ ଏଦିଗରେ ଜିଲ୍ଲା ରାଜସ୍ୱ ବୈଠକରେ ସମସ୍ତ ତହସଲିଦାରମାନଙ୍କୁ ଏସଂକ୍ରାନ୍ତରେ ଶୀଘ୍ର ପଦକ୍ଷେପ ନେବାକୁ ପରାମର୍ଶ ଦିଆଯିବ ବୋଲି କହିଥିଲେ । ଜହବରୁ ଗଞ୍ଜାମ ଜିଲ୍ଲାରେ ୬୫୨୮ ଆଦିବାସୀ ପରିବାରଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୩୪ ଟି ଜଙ୍ଗଲ ଜମିର ଗୋଷ୍ଠୀଗତ ଭାବେ ଆଦିବାସୀମାନଙ୍କୁ ପ୍ରଦାନ କରାଯାଇଛି । ସେହିପରି ଉପଖଣ୍ଡସ୍ତରୀୟ ଜଙ୍ଗଲ କମିଟିରେ ପାତ୍ରପୁର ତହସିଲର ୮୭ଟି ବ୍ୟକ୍ତିଗତ ଜଙ୍ଗଲ ଜମି ମାମଲାକୁ ପୁନଃ ବିଚାର କରି ତୁରନ୍ତ ଜିଲ୍ଲା କମିଟିକୁ ପ୍ରେରଣ କରିବା ପାଇଁ ଅବଗତ କରାଯାଇଥିଲା । ଆଜିର ବୈଠକରେ ଜିଲ୍ଲା କମିଟିର ଘୁମୁଷର(ଦକ୍ଷିଣ) ଡିଏଫଓ ଅଧିକାରୀ ଭିପାଶା ପାରୁଲ, ଘମୁଷର(ଉତର) ଡିଏଫଓ ହିମାଂଶୁ ଶେଖର ମହାନ୍ତି, ବ୍ରହ୍ମପୁର ଡିଏଫଓ ସନି ଖେରଖର, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଗଜପତି ଏସିଏଫ, ଟିଡିଆର ପାତ୍ରପୁର ଅଶୋକ ପଟ୍ଟାନୟକ, ଟିଡିଆର୍ ସାନଖେମୁଣ୍ଡି ରାମଚନ୍ଦ୍ର ପଟ୍ଟନାୟକ, ସୋରଡା ଜିଲ୍ଲା ପରିଷଦ ସଭ୍ୟ ରାମ ଶବର, ପାତ୍ରପୁର ଅଂଚଳର ଜିଲ୍ଲା ପରିଷଦ ସଭ୍ୟା ଯଶୋଦା ଶବର, କମିଟିର ଆବାହକ ତଥା ଭାରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଜଙ୍ଗଲ ଜମିରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ଓ ଦଖଲରେ ରଖିଥିବା ଆଦିବାସୀ ଓ ଅନ୍ୟାନ୍ୟ ବର୍ଗ (ପାରମ୍ପରିକ ବନବାସୀ) ଲୋକମାନଙ୍କୁ ଜମିର ଅଧିକାରୀ ଦେବା ଲାଗି ରାଜ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି, "ଜଙ୍ଗଲ ଜମି ଅଧିକାର ଆଇନ' । ୨୦୧୫ ମସିହା ଡିସେମ୍ବର ୧୨ ତାରିଖ ପୂର୍ବରୁ ଜଙ୍ଗଲ ଜମିକୁ ଦଖଲରେ ରଖିଥିଲେ ଆଦିବାସୀ ପରିବାରଙ୍କୁ ଉକ୍ତ ଜଙ୍ଗଲ ଜମିର ପଟ୍ଟା ମିଳିପାରିବ । କିନ୍ତୁ ଅନ୍ୟ ପାରମ୍ପରିକ ବନବାସୀ ଅନ୍ୟୁନ ୩ ପୁରୁଷ ପର୍ଯ୍ୟନ୍ତ ଜଙ୍ଗଲ ଜମିକୁ ଦଖଲରେ ରଖିଥିଲେ ଏବଂ ପ୍ରମାଣ ଦାଖଲ କଲେ ସେମାନଙ୍କୁ ଜଙ୍ଗଲ ଜମିର ଅଧିକାର ମିଳିବାର ନିୟମ ରହିଛି । ଏଥିପାଇଁ ତହସିଲରେ ହିତାଧିକାରୀ ଆବେଦନ କରିବେ । ଗ୍ରାମ୍ୟସ୍ତରୀୟ ଜଙ୍ଗଲ କମିଟି ନିକଟରେ ଉକ୍ତ ଆବେଦନ ଉପସ୍ଥାପନ କରାଯାଇ ତର୍ଜମା ହେବ ।



# ପଥପ୍ରାନ୍ତ ସୁବିଧା କେନ୍ଦ୍ର ପୁନଃରୁଦ୍ଧାର ଦାବି

ଭବାନୀପାଟଣା, (ସବ୍ୟୁ): ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଦ୍ୱାରା ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା ପଥ ପ୍ରାନ୍ତ ସୁବିଧା କେନ୍ଦ୍ର । କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ନିକଟସ୍ଥ ଚଞ୍ଚରାଭାଡ଼ି, ଆମପାଣି, ଉର୍ଲାଦାନୀ ନିକଟସ୍ଥ ରଙ୍ଗାପଦର ଓ ଭବାନୀପାଟଣା ସଦର ବ୍ଲକ ବୋର୍ଡାଠାରେ ଗତ ୬ ବର୍ଷ ପୂର୍ବେ ଉଦଘାଟିତ ହୋଇଥିଲା। ଜିଲ୍ଲା ଓ ଜିଲ୍ଲା ବାହାର ତଥା ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ଏହି ସୁବିଧା କେନ୍ଦ୍ର ଏକ ପ୍ରକାର ସାମୟିକ ଆଶ୍ରୟସ୍ଥଳୀ ଥିଲା। ଏଠାରେ ଶୌଚାଳୟ, ପିଇବା ପାଣି, ପାର୍କିଂ ବ୍ୟବସ୍ଥା, ଜଳପାନ ଆଦିର ସୁବିଧା ଥିଲା। ପୂର୍ତ୍ତ ବିଭାଗ ଦ୍ୱାରା ପ୍ରପର୍ଟି ସଲ୍ୟୁସନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ ଏହାର ପରିଚାଳନା ଦାୟିତ୍ୱ ନେଇଥିଲା। ଏହି କେନ୍ଦ୍ର ଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରଥମେ ୧୩ ଜଣ ଓ ପରେ ଏହାକୁ କମାଇ ୬ ଜଣ ଲେଖାଏଁ କର୍ମଚାରୀଙ୍କୁ ଏଠାରେ ନିଯୁକ୍ତ କରାଯାଇଥିଲା। ସେମାନେ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ବିଭିନ୍ନ ସେବା ପ୍ରଦାନ କରୁଥିଲେ। କିନ୍ତୁ ୬ବର୍ଷ ପରେ ଗତ ୨୦୨୪ ଜୁନ ୩୧ ତାରିଖରୁ ଏହି ସଂସ୍ଥାର ଟେଣ୍ଡର ଅବଧି ଶେଷ ହେବା ପରେ ସେଦିନଠାରୁ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରଗୁଡ଼ିକରେ ତାଲା ଝୁଲୁଛି। ଏବେ ପ୍ରାୟ ଦେଢ଼ ବର୍ଷ ପରେ ଏହି ଚାରୋଟି ପଥ ପ୍ରାନ୍ତ ସୁବିଧା କେନ୍ଦ୍ର ଲଟାବୁଦାରେ ଭର୍ତ୍ତି ହୋଇଯାଇଥିବାବେଳେ ସଂପୂର୍ଣ୍ଣ ଭୁତକୋଠି ପାଲଟିଛି।

ରକ୍ଷଣାବେକ୍ଷଣ ଅଭାବ ଓ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏଠାରେ ଥିବା ଲାଇଟ, ଫ୍ୟାନ ଆଦି ଚୋରି ହେବାକୁ ଲାଗିଲାଣି। ଯେଉଁ ପଥ ପ୍ରାନ୍ତ ସୁବିଧା କେନ୍ଦ୍ର ଦିନେ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ବିଭିନ୍ନ ସୁବିଧା ଯୋଗାଉଥିଲା, ସେସବୁ ଆଜି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଫଳରେ ଜିଲ୍ଲାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ରଗୁଡିକ କାହା କାମରେ ଲାଗୁନାହିଁ। ଏଣୁ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରର ପୁନଃରୁଦ୍ଧାର ସହିତ ପୂର୍ବ ପରି ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଉପଲବ୍ଧ ସୁବିଧା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି ଯୁବ ସାମ୍ବାଦିକ ସୁଶୀଲ କୁମାର ବାଗ। ଶ୍ରୀ ବାଗ ଏନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଦାବି କରିଛନ୍ତି। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ଜରିଆରେ ସେ ଏହି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ରେଳ ଷ୍ଟେସନ ଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ ହୋଇଯାଇଛି । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ , ରେଳବାଇ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ବରିଷ୍ଠ ନାଗରିକ ତୀର୍ଥଯାତ୍ର ଯୋଜନା ଅଧିନରେ ୭୭୫ଜଣ ତୀର୍ଥଯାତ୍ରୀ ଟ୍ରେନ ଯାତ୍ରା ଆରମ୍ଭ କରିଛନ୍ତି । ସମ୍ବଲପୁର ଠାରୁ ରାମେଶ୍ୱରମ-ମଦୁରାଇ ଭଳି ପବିତ୍ର ତୀର୍ଥସ୍ଥାନ ଅଭିମୁଖେ ଯାତ୍ରା ଆରମ୍ଭ ହୋଇଛି । ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ରେହାନ କ୍ଷତ୍ରି, ଡିସିଏମ୍ ଗରିମା ତିୱାରୀ ଓ ଏଡିଆରଏମ୍ ମଞ୍ଜିତ ସିଂ ସନସନୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ସୂଚନାଯୋଗ୍ୟ, ରାମେଶ୍ୱରମ-ମଦୁରାଇ ଅଭିମୁଖେ ୭୭୫ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କରୁଛନ୍ତି । ସେଥିମଧ୍ୟରୁ ସମ୍ବଲପୁର ୮୯ଜଣ, ସୁବର୍ଣ୍ଣପୁର ୫୨ଜଣ, ଦେବଗଡ ୨୭ଜଣ, ଅନୁଗୁଳ ୧୦୯ଜଣ, ଝାରସୁଗୁଡା ୫୦ଜଣ, ସୁନ୍ଦରଗଡ ୧୮୦ଜଣ, ବଲାଙ୍ଗୀର ୧୪୧ଜଣ ଓ ବରଗଡ ଜିଲ୍ଲାରୁ ୧୨୭ଜଣ ଭ୍ରମଣର ସୁଯୋଗ ପାଇଛନ୍ତି । ଆଇଆରସିଟିସି ଦ୍ୱାରା ଯାତ୍ରା ସମୟରେ ଯାତ୍ରୀଙ୍କ ପାଇଁ ଖାଦ୍ୟ, ପାନୀୟ, ଯାତାୟତ ଓ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି । ସ୍ୱାସ୍ଥ୍ୟ ଜନିତ ସମସ୍ୟା ନିମନ୍ତେ ଡାକ୍ତରୀ ଦଳ ସହ ଏକ ୨୫ଜଣିଆ ଏସ୍କର୍ଟ ଟିମ ଅଛନ୍ତି ।

# ୭ରେ ଭାରତ କେ ରଙ୍ଗ ଏକଲ କେ ସଙ୍ଗ କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ ଶିକ୍ଷା, ଗ୍ରାମ ବିକାଶ, ସ୍ୱାଭିମାନ ଜାଗରଣ ଓ ସଂସ୍କାର ଶିକ୍ଷା ମାଧ୍ୟମରେ ଦେଶକୁ ସମୃଦ୍ଧ କରାଯାଇପାରିବ । ଏହି ଲକ୍ଷ୍ୟ ନେଇ ୧୯୮୯ ଠାରୁ ବନବାସୀ ମାନଙ୍କୁ ନେଇ ବନବନ୍ଧୁ ପରିଷଦ କାର୍ଯ୍ୟ କରୁଛି । ଏହାଦ୍ୱାରା ବନବାସୀ ଓ ଗ୍ରାମୀଣ ଭାରତୀୟ ମାନେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ ହେଉଛନ୍ତି । ଏଥିସହ ରାଷ୍ଟ୍ର ପ୍ରଗତିରେ ସେମାନଙ୍କ ସହଭାଗିତା ରହୁଛି । ଶୁକ୍ରବାର ସାମ୍ବାଦିକ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବନବନ୍ଧୁ ପରିଷଦ ସମ୍ବଲପୁର ଚେପ୍ଟର ସଭାପତି ଜୟଦୟାଲ ଅଗ୍ରୱାଲ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ବନବାସୀଙ୍କୁ ଭାରତୀୟ ସଂସ୍କୃତି ତଥା ଦେଶର ମୁଖ୍ୟ ଧାରାରେ ଏକାତ୍ମ କରିବା ପାଇଁ ଭାରତ କେ ରଙ୍ଗ, ଏକଲ କେ ସଙ୍ଗ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଟେ । ଏଥିସହ ଗ୍ରାମ ବିକାଶ ଯୋଜନା, ସ୍ୱାଭିମାନ ଜାଗରଣ ଶିକ୍ଷା , ସଂସ୍କାର ଶିକ୍ଷା, ଧର୍ମାନ୍ତରିକରଣ ବନ୍ଦ ଓ ଜନ ଜାଗ୍ରତ କରିବା ପାଇଁ ଯୋଜନା ରହିଛି । ଆସନ୍ତା ୭ତାରିଖରେ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । ରାଷ୍ଟ୍ରବାଦ , ଧାର୍ମିକ ଓ ସଂସ୍କୃତିକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ରହିଛି । ଦିଲ୍ଲୀ, ଉତ୍ତରାଖଣ୍ଡ, ହରିୟାଣା ଏବଂ ଓଡିଶାର ୧୫ଜଣ ବନବାସୀ ଭାଇ ଓ ଭଉଣୀ ମାନେ ଯୋଗ ଦେଇ ରାଷ୍ଟ୍ରବାଦ ଓ ସଂସ୍କୃତି ସମ୍ପର୍କିତ କାର୍ଯ୍ୟକ୍ରମ ପରିବେଷଣ କରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସଭାପତି ବିଜୟ କେଡିୟା, ଚନ୍ଦ୍ର କୁମାର ସରାଫ, ପୃଷ୍ଠପୋଷକ ମଣ୍ଟୁରାମ ଅଗ୍ରୱାଲ ଓ ଡା. ପୁରୁଷୋତ୍ତମ ଅଗ୍ରୱାଲା ମଞ୍ଚାସୀନ ଥିଲେ ।

# ମାଁ ନିତେଇ ଧୋବଣୀ ମନ୍ଦିର ପ୍ରତିଷ୍ଠାର ପ୍ରସ୍ତୁତି ବୈଠକ

ବଲାଙ୍ଗିର,(ସବ୍ୟୁ): ଶୁକ୍ରବାର ଦିନ ବଲାଙ୍ଗିର ଜିଲ୍ଲା ରଜକ ସମାଜର ଇଷ୍ଟ ଦେବୀ ମାଁ ନିତେଇ ଧୋବଣୀଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରସ୍ତୁତି ବୈଠକ ଲାଠୋର ଓ କଣ୍ଟାବାଞ୍ଜିରେ ବହୁ ସମାଜ ପ୍ରେମୀଙ୍କ ଉପସ୍ଥିତିରେ ହୋଇଯାଇଛି । ବଲାଙ୍ଗିର ଜିଲ୍ଲା କମିଟିର ସମ୍ପାଦକ କିର୍ତ୍ତିଚନ୍ଦ୍ର ସେଠ୍,କୋଷାଧକ୍ଷ ଶେଖର ସେନ୍ ସେଠ୍, ମନ୍ଦିର କମିଟି ସମ୍ପାଦକ ଗଦାଧର ସେଠ୍, ପରିଚାଳନା କମିଟି ସଦସ୍ୟ ସୁଦାମ ସେଠ୍, ସଭ୍ୟ ସୁଶାନ୍ତ ସେଠ୍, ବୈଠକରେ ଯୋଗଦେଇ ସାମାଜିକ ଏକତା ଓ ଆଗାମୀ ଦିନରେ ହେବାକୁଥିବା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇ ସାହାଯ୍ୟ ସହଯୋଗର କାମନା କରିଥିଲେ । ଲାଠୋର କମିଟିର ଭଗବାନ ସେଠ୍, କଣ୍ଟାବାଞ୍ଜି କମିଟିର ଯୋଗିନ୍ଦ୍ର ସେଠ୍, ଚମାର ସେଠ୍, ଅଭିରାମ ସେଠ୍, ବବ୍ରୁବାହାନ ସେଠ୍,ସଚିନ ସେଠ୍, ତେଲେନପାଲିର ଲକ୍ଷ୍ମୀନାରାୟଣ ସେଠ୍ , ଯୋଗିମୁଣ୍ଡାର ଯୁଗିନ୍ଦ୍ର ସେଠ୍,ବେଲପଡାର ରବିନ ସେଠ୍, ପାଟରାଗଡର ଗୌତମ ସେଠ୍,ବଂଶି ସେଠ୍ ଓ ବାନ୍ଧନଭାଡିର ପବିତ୍ର ସେଠ୍ ଜିଲ୍ଲା କମିଟି ସଦସ୍ୟଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ଓ ମାଁ ନିତେଇ ଧୋବଣୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବାକୁ ସମର୍ଥନ ଜଣାଇ ଥିଲେ । ଜିଲ୍ଲା ସମ୍ପାଦକ କିର୍ତ୍ତି ଚନ୍ଦ୍ର ସେଠ୍ ଧନ୍ୟବାଦ ଜଣାଇଥିଲେ ।

# ଭୂସମ୍ପତ୍ତି ତଥ୍ୟାବଳୀ ସମ୍ପର୍କିତ ଜନସଚେତନତା ଯାତ୍ରା

କୋରାପୁଟ,(ସବ୍ୟୁ) : ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗର ମିଳିତ ସହଯୋଗରେ ବୈପାରିଗୁଡା ବ୍ଲକର ମାଝିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଭାଟିପଡ଼ା ଗ୍ରାମରେ ଭୂସମ୍ପତ୍ତି ତଥ୍ୟାବଳୀ ସଂପର୍କିତ ଜନ ସଚେତନତା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୈପାରିଗୁଡା ଦୁଇ ଜଳ ବିଭାଜିକା ଉପ ନିର୍ଦ୍ଦେଶକ ସୁମନ ରାଉତଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶିବ ଚରଣ ଜେଠୀ, ବିଧାୟକଙ୍କ ପ୍ରତିନିଧି ସିଏଚ ପ୍ରଭାକର ରାଓ, ଜିଲ୍ଲା ପରିଷଦ ସଭ୍ୟା ମଣି ଜାନୀ,ସରପଞ୍ଚ ମଞ୍ଜୁ ଶ୍ରୀକର୍ଲିଆ, ସମିତି ସଭ୍ୟା ପାର୍ବତୀ ଗାଦବା ପ୍ରମୁଖ ଉପସ୍ଥିତ ଥିଲେ।ଭୂସମ୍ପତ୍ତି ତଥ୍ୟାବଳୀ କାର୍ଡ ମାଧ୍ୟମରେ ଚାଷୀ ନିଜ ଜମିର ସ୍ୱାସ୍ଥ୍ୟ ଅବସ୍ଥା ଜାଣିପାରିବ। ଏହି କାର୍ଡ ମାଧ୍ୟମରେ ଚାଷୀ ନିଜ ଜମିର ଗୁଣବତ୍ତା ସହ କେଉଁ ସାର କେତେ ପରିମାଣର ଦେଲେ ଅମଳ ବୃଦ୍ଧି ହୋଇପାରିବ। ପାରମ୍ପାରିକ ପ୍ରଣାଳୀ ଠାରୁ ଜଳବାୟୁ ସହ ତାଳଦେଇ ବୈଜ୍ଞାନିକ ପଦ୍ଧତିକୁ ଅବଲମ୍ବନ କରି ଚାଷୀର ଆର୍ଥିକ ଲାଭ କିପରି ଦ୍ୱିଗୁଣିତ ହୋଇପାରିବ ତାହା ଭୂସମ୍ପତ୍ତି ତଥ୍ୟାବଳୀ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଅଟେ ବୋଲି ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶିବ ଚରଣ ଜେଠୀ କହିଛନ୍ତି। ଏହି ଅବସରରେ ଭୂମି ପୂଜନ କରାଯିବା ସହ ଶ୍ରମଦାନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଅଗ୍ରଣୀ ଚାଷୀ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯିବ ସହ ପୁରସ୍କୃତ କରାଯାଇଥିଲା।

# ସମ୍ବଲପୁରରେ ଗୃହରକ୍ଷୀ ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ରିଜର୍ଭ ପୋଲିସ ଗ୍ରାଉଣ୍ଡ ଠାରେ ୬୩ତମ ଗୃହରକ୍ଷୀ ଦିବସ ପାଳିତ ହୋଇଯାଇଛି । ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ମୁଖ୍ୟ ଅତିଥି, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୪ପ୍ଲାଟୁନ ଓ ୯୦ଜଣ ଗୃହରକ୍ଷୀଙ୍କ ଦ୍ୱାରା ଆୟୋଜିତ ସମବେତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। କମାଣ୍ଡର ତାପସ କୁମାର ନାୟକ ଓ ପ୍ଲାଟୁନ କମାଣ୍ଡର ଦୁର୍ଗା ମାଝି ପ୍ୟାରେଡ ପରିଚାଳନା କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି, କେନ୍ଦ୍ର ଗୃହମନ୍ତ୍ରୀ , ମୁଖ୍ୟମନ୍ତ୍ରୀ ଓ ପୋଲିସ ଡିଜିଙ୍କ ବାର୍ତ୍ତା ପଢି ଶୁଣାଇଥିଲେ । ଚଳିତବର୍ଷ ସର୍ବଶ୍ରେଷ୍ଠ କାର୍ଯ୍ୟ ପାଇଁ ଗୃହରକ୍ଷୀ ସଙ୍ଗୀତା ସିଂ ଠାକୁର, ବିରୁପାକ୍ଷ କୁଅଁର, ତାପସ କୁମାର ନାୟକ, ମେରିୟମ ରେଡ୍ଡି, ବିଣାପାଣୀ ସ୍ୱାଇଁଙ୍କୁ ପୁରସ୍କାର ଓ ନଗଦ ରାଶି ପ୍ରଦାନ କରାଯାଇଥିଲା ।

# ବଲାଙ୍ଗିର ଓଷ୍ଟାର ଜିଲ୍ଲାସ୍ତରୀୟ ସମ୍ମିଳନୀ



ବଲାଙ୍ଗିର,(ସବ୍ୟୁ): ଓଡିଶା ମାଧ୍ୟମିକ ସ୍କୁଲ ଶିକ ସଂଘ (ଓଷ୍ଟା) ବଲାଙ୍ଗିର ଜିଲ୍ଲା ସ୍ତରୀୟ ସମ୍ମିଳନୀ ସଂପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କ ଆହ୍ୱାନ କ୍ରମେ ଭଗବାନ ବିଦ୍ୟାମନ୍ଦିର ଖୁଜେନପାଲି ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ରେ ନୂତନ ଅନୁଦାନ ପ୍ରାପ୍ତ ଓ ଅନୁଦାନ ରୁ ବଞ୍ଚିତ ଶିକ୍ଷକ କର୍ମଚାରୀମାନଙ୍କ ବିଭିନ୍ନ ଦାବି (ସମସ୍ୟା)ଉପରେ ଆଲୋଚନା ହୋଇଥିଲା । ମୁଖ୍ୟ ଦାବି ୧୯୪ ବିଦ୍ୟାଳୟ କୁ ଅନୁଦାନ ପ୍ରଦାନ, ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ପେନସନ ପ୍ରଦାନ, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି କରିବା, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମାରେ ଅସଙ୍ଗତି ଦୂର କରିବା, ସପ୍ତମ କମିଶନ ବେତନରୁ ବଞ୍ଚିତ କର୍ମଚାରୀଙ୍କୁ ସପ୍ତମ କମିସନ ବେତନ ପ୍ରଦାନ ଇତ୍ୟାଦି । ରାଜ୍ୟ ଓଷ୍ଟା ର ଆହ୍ୱାନ କ୍ରମେ ଆସନ୍ତା ଡିସେମ୍ବର ୧୦ ତାରିଖରୁ ଲୋୟର ପିଏମ୍‌ଜି ଭୁବନେଶ୍ୱର ରେ ଅହୋରାତ୍ର ଧାରଣାରେ ଯୋଗ ଦେବା ପାଇଁ ସୁଧିର କୁମାର ନାୟକ ଉପସଭାପତି ଓଷ୍ଟା, ଶଙ୍କର ପ୍ରସାଦ ମିଶ୍ର, ସଂପାଦକ ଓଷ୍ଟା ବଲାଙ୍ଗିର, ସଂଜୟ କୁମାର ତ୍ରିପାଠୀ, ସଂପାଦକ ବଲାଙ୍ଗିର ଜୋନ, କୁଳମଣୀ ଯୋଷୀ ସଭ୍ୟ ଓଷ୍ଟା ବଲାଙ୍ଗିର, ମନୋଜ କୁମାର ବେହେରା ସଂପାଦକ ସଇଁନ୍ତଲା ବ୍ଲକ, ଦିଲିପ କୁମାର ବାରିକ ସଂପାଦକ ପୁଇଁନ୍ତଲା ବ୍ଲକ, ଅରବିନ୍ଦ ପଧାନ ସଭ୍ୟ ବଲାଙ୍ଗିର ଓଷ୍ଟା, ଗୋବିନ୍ଦ ବଗର୍ତ୍ତି ସଭ୍ୟ ବଲାଙ୍ଗିର ଓଷ୍ଟା, ସୁରେଶ କୁମାର ଷଡଙ୍ଗି ସଭାପତି ବଲାଙ୍ଗିର ଜୋନ, ଅନୁରୋଧ ପୂର୍ବକ ହରେକୃଷ୍ଣ ପୋଢ ରାଜ୍ୟ ପରିଷଦ ସଭ୍ୟ ବଲାଙ୍ଗିର ଜୋନ ଶିକ୍ଷକ ଙ୍କ ବିଭିନ୍ନ ସମସ୍ୟାର ସମାଧାନ ଆନ୍ଦୋଳନ ମାଧ୍ୟମରେ ହାସଲ କରି ହେବ ଋଲି ମତବ୍ୟକ୍ତ କରିଥିଲେ । ସଭାକୁ ରାଜ କିଶୋର ଭଞ୍ଜ, ତପନ ଗଡତିଆ ସହଯୋଗ କରିଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିର ସର୍ଗିବାହାଲରେ ଜେଜେବାପା ଜେଜେମାଆ ସମ୍ମିଳନୀ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସର୍ଗିବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେବାପା ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ପ୍ରେମାନନ୍ଦ ବାରିକଙ୍କ ପତ୍ନୀ ସଂଯୁକ୍ତା ବାରିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ପ୍ରେମାନନ୍ଦ ବାରିକ ଶିଶୁର ସର୍ବାଙ୍ଗୀନ ଉନ୍ନତି ତଥା ଶିଶୁ ମାନଙ୍କୁ ଠିକ୍ ଭାବରେ ଗଢି ତୋଳିବା ପାଇଁ ପିଲାଦିନର ଖେଳ, କଥାନି ଓ ଢଗଢମାଳି ମାଧ୍ୟମରେ କିପରି ଜେଜେବାପା ଜେଜେମାଆର ଭୂମିକା ରହିବ ସେ ବିଷୟରେ ମାର୍ଗ ଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ସ୍ନେହଲତା ସାହୁ , ଅମୃତା କେଶରାଲ ଓ ସହଯୋଗୀ ଯୋଗଦେଇ ପ୍ରବଚନ (ଭାଗବତ) କାର୍ଯ୍ୟକ୍ରମ କରିଥିଲେ। ସଂପାଦକ ପ୍ରହଲ୍ଲାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କିଶୋର ସାହୁ ଓ ବିଷ୍ଣୁପ୍ରିୟା ମହାପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୭୦ ଜଣ ଜେଜେବାପା ଜେଜେମାଆ ଉପସ୍ଥିତ ଥିଲେ। ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଦିବ୍ୟାଙ୍ଗଙ୍କ ପରିବେଶ ଉପଯୋଗୀ ଜୀବନଶୈଳୀ ପ୍ରଦର୍ଶନୀ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ରେ ବ୍ଲକସ୍ତରୀୟ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ଓ ପରିବେଶ ଉପଯୋଗୀ ଜୀବନଶୈଳୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଗୋଷ୍ଠୀ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଏସଏସଓ ଚନ୍ଦ୍ରିକା କଣ୍ଡେଲକର ଓ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟି. ଶୈଳଜା ଦୋରା, ବରିଷ୍ଠ ସାମ୍ବାଦିକ କେ.ସାକିଲି ଦୋରା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୬୦ ଜଣ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ମାନଙ୍କର ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପରିବେଶ ଉପଯୋଗୀ ଜୀବନଶୈଳୀ ସମ୍ବନ୍ଧୀୟ ୫୩ ଗୋଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଚାରକ ଭାବେ ସସାହାଣ୍ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପାତ୍ର, ଜୟନ୍ତୀଗିରି ଓଡିଶା ଆଦର୍ଶ ବିଦ୍ୟାଳୟ ର ଅଧକ୍ଷ ରୋହିତ ସେଠୀ, ଅଧ୍ୟାପିକା ସଂଧ୍ୟାରାଣୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଦୀପ୍ତିମୟୀ ନାୟକ ଯୋଗ ଦେଇ କୃତି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ତତସହିତ ଦୁଇ ଜଣ କୃତିତ୍ୱ ଅର୍ଜନ କରିଥିବା ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶ ଉପଯୋଗୀ ଜୀବନଶୈଳୀ ପ୍ରଦର୍ଶନୀ ପ୍ରତିଯୋଗିତାରେ ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ଏକ ନମ୍ବର ରେ ରହିଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ ଓ ବିଆରଟି ଜଗଦୀଶ ମେହେର ପରିଚାଳନା କରିଥିବା ବେଳେ ସହକାରୀ ବିଆରଟି ନନ୍ଦିନୀ ବଡ଼ଜେନା,ଶିକ୍ଷକ ପ୍ରଶାନ୍ତ କୁମାର ଦାସ,ପ୍ରଭାସିନୀ ବେହେରା ଓ ବ୍ଲକର ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ତଥା ସିଆରସିସି ମାନେ ସହଯୋଗ କରିଥିଲେ।



# ସମ୍ବଲପୁର କଳା ଏକାଡେମୀର ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଓଡିଶା ସାଂସ୍କୃତିକ ସମାଜ ଭବନ ଠାରେ ସମ୍ବଲପୁର କଳା ଏକାଡେମୀର ୩୨ତମ ବାର୍ଷିକ ଉତ୍ସବ ଅବସରରେ ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍ଘାଟିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ସଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ମଞ୍ଚ କଳାକାର ପ୍ରଦୀପ ପଣ୍ଡା ମୁଖ୍ୟ ଅତିଥି, ଚିତ୍ରଶିଳ୍ପୀ ରାଧାରମଣ ମୁଦୁଲି, ବିଶିଷ୍ଟ ଫଟୋଗ୍ରାଫର କରୁଣାକର ଶତପଥି, ସଂସ୍କୃତି ସଙ୍ଗଠକ ସୂର୍ଯ୍ୟ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରଦର୍ଶନୀରେ ୨୫୦ଟି ଚିତ୍ରକଳା ସ୍ଥାନ ପାଇଛି । ଏହା ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଚାଲିବ । ରଞ୍ଜିତ ରଥ ସଭା ପରିଚାଳନା ଓ ମୁରଲୀଧର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଗୌରୀଦାସ ପଣ୍ଡା, ବଳରାମ ହୋତା, କୁଳଦୀପ ବର୍ମା, ଯୁଗଳ ବାରିକ, ଶିବାନୀ ଭୋଇ, ନମ୍ରତା ନାୟକ, ରାଜେଶ ବଢେଇ, ଜିତେନ୍ଦ୍ରିୟ ବେହେରା, ପବିତ୍ର ବେହେରା, ଅଭିଷେକ ବିଶ୍ୱାଳ , ସୁବ୍ରତ ବେହେରା ଓ ଆୟୁଷ୍ମାନ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# କଳାହାଣ୍ଡି ଜିଲ୍ଲାସ୍ତରୀୟ ବିଶ୍ୱ ଏଡ୍ସ ଦିବସ ପାଳିତ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାସ୍ତରୀୟ ବିଶ୍ୱ ଏଡ୍ସ ଦିବସ ସ୍ଥାନୀୟ ଟାଉନ ହଲ ଭବାନୀପାଟଣା ଠାରେ ପାଳିତ ହୋଇଯାଇଛି। ଓ.ଏସ୍.ଏ.ସି.ଏସ୍. ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ବେଦାନ୍ତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଟାଉନ ହଲ ଭବାନୀପାଟଣା ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରା ପରେ ଟାଉନହଲ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ଡଃ. ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନୀତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କହଁର, ବେଦାନ୍ତ ପ୍ରକଳ୍ପର ମୁଖ୍ୟ ପ୍ରତିକ କୁମାର, ବେଦାନ୍ତର ସୁରକ୍ଷା ଓ ପ୍ରଶାସନ ମୁଖ୍ୟ ଦେବାଶିଷ ଦତ୍ତ, ବେଦାନ୍ତ ର ଅଧିକାରୀ ଦିଲୀପ ପ୍ରଜାପତି, ଡ଼ି.ପି.ଏମ୍. (ଏନ୍.ଏଚ.ଏମ୍.) ଦିଲୀପ ଦୁବେ, ଡ଼ି.ପି.ଏଚ.ସି.ଓ. ଧର୍ମେନ୍ଦ୍ର ତାଣ୍ଡି ପ୍ରମୁଖ ଯୋଗଦେଇ ବିଶ୍ୱ ଏଡ୍ସ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏଡ୍ସ ରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ପଣ୍ଡା, ମୁଖ୍ୟ ବକ୍ତା ଡଃ. ଶତପଥି ପ୍ରାଞ୍ଜଳ ଭାବରେ ଅବଗତ କରାଇଥିଲେ । ବିଶେଷକରି ଛାତ୍ରଛାତ୍ରୀ, ଯୁବପିଢି ଏଡ୍ସ ସମ୍ପର୍କରେ ଅଧିକ ସଚେତନ ହୋଇ ନିଜକୁ ସୁସ୍ଥ ଓ ସୁରକ୍ଷିତ ରଖିବା ସହିତ ଏଡ୍ସ ମୁକ୍ତ ସମାଜ ଗଠନ ଦିଗରେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ ୩୦.୧୧.୨୦୨୫ ସୁଦ୍ଧା ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାରେ ୧,୪୫୪ ଜଣ ସଂକ୍ରମିତ ବ୍ୟକ୍ତି ରହିଛନ୍ତି, ସେଥି ମଧ୍ୟରୁ ଭବାନୀପାଟଣା ବ୍ଲକରେ ସର୍ବାଧିକ ୩୩୯ ଜଣ ରହିଛନ୍ତି । ଏହି ଅବସରରେ ଅଡିଉଗ ସଚେତନତା ସମ୍ବନ୍ଧୀୟ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ଓ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇଥିଲା । ଏଥିରେ ଏ.ଏନ୍.ଏମ୍. କଲେଜ, ଅନ୍ୟାନ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଆଇ.ସି.ଟି.ସି. ର ପରାମର୍ଶ ଦାତା ରାମଚନ୍ଦ୍ର ବସନ୍ତିଆ ପରିଚାଳନା କରିଥିଲା ବେଳେ ଡି.ଆଇ.ଏସ. ସୁରେଶ ଚନ୍ଦ୍ର ସାହୁ ସହଯୋଗ କରିଥିଲେ । ଶେଷରେ ମାନସ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ

# ଡଃ ବାବା ସାହେବଙ୍କ ମହାପରି ନିର୍ବାଣ ଦିବସ ପାଳିତ



ଅମ୍ବାଭୋନା,(ସବ୍ୟୁ):ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧିନସ୍ଥ ପ୍ରକାଶପୁର କୃଷକ କଲ୍ୟାଣ ମଣ୍ଡପ ରେ ବରଗଡ ଭୀମ ଆର୍ମି ଭାରତ ଏକତା ମିଶନ ଓ ଅମ୍ବାଭୋନା ବ୍ଲକ ଭୀମ ଆର୍ମି ପକ୍ଷରୁ ଡଃ ବାବା ସାହେବଙ୍କ ୬୯ ତମ ମହାପରି ନିର୍ବାଣ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଭୀମ ଆର୍ମିର ସକ୍ରିୟ ସଦସ୍ୟ ରମେଶ ପାତ୍ରଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଡଃ ବାବାସାହେବଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣ, ସମ୍ମାନିତ ଅତିଥି ଭୀମ ଆର୍ମି ରାଜ୍ୟ ସଂପାଦକ ବିକାଶ,ରମେଶ କୁମ୍ଭାର, ବୈକୁଣ୍ଠ, ଆଶିଷ, ସମ୍ମିତ, ଅନ୍ତର୍ଯ୍ୟାମୀ, ଜଗଦୀଶ, ବାବଲୁ ଗୋପିନାଥ, ହେମାଂଶୁ, ଇମାନୁଏଲ, ହୃଷିକେଶ କଲ୍ୟାରୀ, ବିଜୁ ସମେତ ସଚେତନ ନାଗରିକ, ବରିଷ୍ଠ ନାଗରିକ, ଶିକ୍ଷାବିତ, ମହିଳା ପୁରୁଷ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ବରଗଡ ଓ ସମ୍ବଲପୁର, ବୁର୍ଲା ଅଞ୍ଚଳ ର ଭୀମ ଆର୍ମି ସଂଗ୍ରାମୀ ମାନଙ୍କୁ ଏକ ଭବ୍ୟ ଶୋଭାଯାତ୍ରା ରେ ସଭା ସ୍ଥଳକୁ ପାଛୋଟି ଆଣିଥିଲେ। ଏହି ଅବସରରେ ଦଳିତ ଓ ଶୋଷିତ ହକ ଲଢେଇ ଓ ସମ୍ବିଧାନ ସୁରକ୍ଷା ନେଇ ସମସ୍ତେ ସଂକଳ୍ପ ନେଇଥିଲେ। ଭୀମ ଆର୍ମି ଭାରତ ଏକତା ମିଶନ ଗଠନ କରି ଅମ୍ବାଭୋନା ବ୍ଲକ ଭୀମ ଆର୍ମିର ପରିଚାଳନା ସକାଶେ ଭାବେ ହୃଶିକେଶ କଲ୍ୟାରୀ ଓ ଦୀପକ ଗୋୟଲଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରିଥିଲେ। ସଭା ସଂଯୋଜନା ରୋସନ ଆଜାଦ ଓ ଟିଙ୍କୁ ଜଗତ।

# ପିକେଏସ୍ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା



ଝାରସୁଗୁଡା, (ସବ୍ୟୁ): ସ୍ଥାନୀୟ ହଂସାମୁରା. କଟାପାଲି ସ୍ଥିତ ପ୍ରଦୋଷ କୁମାର ସ୍ମୃତି ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ବ୍ୟାପି ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦାନ କରି ବିଭିନ୍ନ ବର୍ଗରେ କୃତ୍ତିତ୍ୱ ହାସଲ କରିଥିଲେ। ଉଦଯାପନୀ ଉତ୍ସବରେ ଶିକ୍ଷାନୁଷ୍ଠାନର ଅଧକ୍ଷ ବୃନ୍ଦାବନ ମେହେର ଯୋଗଦାନ କରି କ୍ରୀଡ଼ାପ୍ରେମୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହ ପ୍ରଦ ବକ୍ତବ୍ୟ ପ୍ରଦାନ ପୂର୍ବକ ପୁରସ୍କାର ବିତରଣ କରିଥିଲେ । ବାଳକ ବିଭାଗରେ ଛାତ୍ର ରୋହନ ମୁଣ୍ଡା ଓ ବାଳିକା ବିଭାଗରେ ଛାତ୍ରୀ ଆରତୀ ଲାକଡ଼ା ବ୍ୟକ୍ତିଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ । କ୍ରୀଡା ପ୍ରଶିକ୍ଷକ ବିବେକାନନ୍ଦ ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ଅଧ୍ୟାପିକା ମନ୍ଦାକିନୀ ଶତପଥି ,ଅଞ୍ଜୁ ପଟେଲ , ପୁଷ୍ପଲତା ପ୍ରଧାନ, ସୁଜାତା ପୁଝାରୀ, କିରଣ ମହାପାତ୍ର , ଧରିତ୍ରୀ ପଟେଲ , ଦେବାନନ୍ଦ ପଟେଲ, ବିଜୟ କୁମାର ବଢେ଼, ଗୌରାଙ୍ଗଚରଣ ସାହୁ, ନରେନ୍ଦ୍ର ଗୁରୁ, ଗଣେଶ ଭୋଇ, ସୁଦାମ ପଟେଲ, ମେଘା ଜୟପୁରିଆ ସହଯୋଗ ପ୍ରଦାନ କରିଥିଲେ । ଶେଷରେ କ୍ରୀଡା ବିଭାଗର ଉପଦେଷ୍ଟା ଅଧ୍ୟାପକ କେ.ଏସ୍. ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାନକିଣା ବିଳମ୍ବ ଚାଷୀ ତହସିଲଦାରଙ୍କୁ କଲେ ଅଭିଯୋଗ

କଲମପୁର,(ସବ୍ୟୁ): ଗତ ନଭେମ୍ବର ମାସ ପ୍ରଥମ ସପ୍ତାହରୁ ଧାନ ଅମଳ କରି ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହ ହେବାକୁ ଅଛି ଏଯାଏଁ ଧାନ ବିକ୍ରି ନାହିଁ ବୋଲି ହତାଶ ହେଉଛନ୍ତି ଚାଷୀ। ଏନେଇ ଶୁକ୍ରବାର କଲମପୁର ବ୍ଲକ ଇଚ୍ଛାପୁର ଧାନ ମଣ୍ଡି କ୍ରୟ ସଂସ୍ଥା ଠାରେ ପଞ୍ଜିକରଣ କରିଥିବା ଚାଷୀମାନେ ନିରାଶ ହୋଇ ଏକତ୍ରିତ ହେବାସହ ଲିଖିତ ଭାବେ କଲମପୁର ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତ। ସୁଚନା ଯୋଗ୍ୟ ଯେ ସଂମ୍ପୃକ୍ତ କ୍ରୟ ସଂସ୍ଥା ଠାରେ ବାଲିଛଡ଼ା,ଇଚ୍ଛାପୁର, ବାବୁକେନ୍ଦୁଗୁଡା, ଏବଂ ଘର୍ଲା ଗ୍ରାମର ୪୪୦ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ସେମାନଙ୍କ ଧାନ ଅମଳ ପ୍ରାୟତଃ ୮୦% ଶତକଡା ସରିଥିବାବେଳେ ଧାନକୁ ଜଗି ବସିରହିଛନ୍ତି ଚାଷୀ। ମଣ୍ଡିରେ ମଧ ଶତାଧିକ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ବିଭିନ୍ନ କ୍ଷେତ୍ରରୁ ଋଣ କରଜ, ଦୋକାନୀଙ୍କ ଠାରୁ ସାର ବିହନ କୀଟନାଶକ ଔଷଧ ଧାର ଆଣିଥିବା, ଧାନ କଟା ମେସିନକୁ ପଇସା ଦେବା,ଶ୍ରମିକଙ୍କୁ ପାରିଶ୍ରମିକ ଦେବା,ପାରିବାରିକ ପ୍ରତିପୋଷଣ ଦିଗରେ ଖର୍ଚ୍ଚ ଭଳି ଅନେକ ଆର୍ଥିକ ସମସ୍ୟା ମେରୁଦଣ୍ଡକୁ ଦୁର୍ବଳ କରି ସାରିଛି। କିନ୍ତୁ ଏ ଯାଏଁ ସରକାର ତଥା ପ୍ରଶାସନଙ୍କ ତତ୍ପରତା ଦେଖାଯାଉନାହିଁ । ଅନ୍ୟପକ୍ଷରେ ଟୋକେନ୍ ସମସ୍ୟା ମଧ ଚାଷୀଙ୍କୁ ନିରାଶ କରୁଛି। ଏନେଇ ଚାଷୀ ଯଦୁମଣି ବଗର୍ତିଙ୍କ ଆହ୍ୱାନ କ୍ରମେ ଧନଞ୍ଜୟ ମାଝୀଙ୍କ ସଭାପତିତ୍ୱରେ ଏକ ବୈଠକ କରି ରାଧେଶ୍ୟାମ ଶର୍ମା, ଗଗନ ନାଏକ, ରମେଶ ଗହିର, ସୁବିନାଥ ବଗର୍ତ୍ତି, ସୁବ୍ରତ ବେହେରା, ନିର୍ମଳ ମାଝୀ,ସିମାଞ୍ଚଳ ପାତ୍ର, ଭୋଦେବ ପୁଝାରୀ, ଅଜିତ ପୁଝାରୀ ,କୃପାସିନ୍ଧୁ ବେହେରୁକ ସମେତ ଚାଷୀମାନେ କଲମପୁର ତହସିଲଦାର ସ୍ମରଣିକା ତୁଳଙ୍କୁ ସାକ୍ଷାତ କରି ଅଭିଯୋଗ ପତ୍ର ଦେଇଛନ୍ତି।

ଉକ୍ତ ଅଭିଯୋଗ ଉପରେ ଯେତିକି ସମ୍ଭବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

## ଶ୍ରୀ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ସିପିଆର୍ ପ୍ରଶିକ୍ଷଣ ଶିବିର

ସୋନପୁର, (ସବ୍ୟୁ): ଓଡ଼ିଶାର ଶ୍ରୀ ସତ୍ୟସାଇ ସେବା ସଂଗଠନ ଓଡିଶାରେ ଅଧିକରୁ ଅଧିକ ଲୋକଙ୍କୁ ସିପିଆର୍ ଶିକ୍ଷା ପ୍ରଦାନ କରି ସଚେତନ କରାଇବା କାମରେ ଚେଷ୍ଟିତ ରହିଛି ଯାହା ଫଳରେ ଆପତ କାଳୀନ ସମୟରେ ସେମାନେ ଜୀବନ ବଞ୍ଚାଇବାରେ ସମର୍ଥ ହୋଇପାରିବେ । ମନୁଷ୍ୟର ହୃଦୟବନ୍ଦ ସମୟରେ ସିପିଆର୍ ଦେଇ ପ୍ରାଣରକ୍ଷା କରିବା ଏକ ଅତ୍ୟନ୍ତ ମୁହୂର୍ତ୍ତପୂର୍ଣ୍ଣ ପଦକ୍ଷେପ। ଏହା ରକ୍ତସଞ୍ଚାଳନ ଓ ଶ୍ୱାସ କ୍ରିୟାକୁ ଅସ୍ଥାୟୀ ଭାବେ ଚାଲୁ ରଖି ମସ୍ତିଷ୍କକୁ ଆବଶ୍ୟକ ଅକ୍ସିଜେନ୍ ପ୍ରଦାନରେ ସହାୟକ ହୁଏ। ଏହି ଉଦ୍ଦେଶ୍ୟକୁ ସାର୍ଥକ କରିବା ପାଇଁ, ଶ୍ରୀ ସତ୍ୟ ସାଇ ସେବା ସଂଗଠନ, ସୁବର୍ଣ୍ଣପୁର ପ୍ରୟାସରେ ରାଜ୍ୟ ସଂଗଠନର ଅଭିଜ୍ଞ ବିଶେଷଜ୍ଞମାନଙ୍କ ଦ୍ୱାରା ଗତକାଲି ସହରର ତିନୋଟି ଶିକ୍ଷାନୁଷ୍ଠାନ ରେ ସିପିଆର୍ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବୀରମହାରାଜପୁର, ସୁବର୍ଣ୍ଣପୁର ନର୍ସିଂ ସ୍କୁଲ୍ ଓ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ, ସୋନପୁରରର ଏହି ତିନିଟି ପ୍ରଶିକ୍ଷଣ ସିବିରରେ ମୋଟ ୩୨୫ ଜଣ ଛାତ୍ରଛାତ୍ରୀ ସିପିଆର୍ ପ୍ରଶିକ୍ଷଣ ଦିଆଯାଇଥିଲା। ଜୀବନର ସୁରକ୍ଷା ପାଇଁ ସିପିଆର୍ ଶିକ୍ଷାର ଗୁରୁତ୍ୱକୁ ଧ୍ୟାନରେ ରଖି, ସୋନପୁର ଜିଲ୍ଲା ସତ୍ୟ ସାଇ ସେବା ସମିତି ଏବଂ ବୀରମହାରାଜପୁର ସମିତି, ଏହାକୁ ଅଗ୍ରସର କରାଇବା ପାଇଁ ସମସ୍ତ ସହଯୋଗ ପ୍ରଦାନ କରିଛନ୍ତି। ଏହି ପବିତ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ମାଷ୍ଟର୍ ଟ୍ରେନର୍ ଆଶୁତୋଷ ସାହୁ ଓ ମାନସ ରଞ୍ଜନ ପାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସଙ୍ଗଠନର ଜିଲ୍ଲା ସଭାପତି ଗୁଣନିଧି ପାତ୍ର, ଜିଲ୍ଲା ଯୁବ ସଂଯୋଜକ ରାଧାଦତ୍ତ ମହାପାତ୍ର,ସମିତି ଯୁବ ସଂଯୋଜକ ସୁଭ୍ରାଂଶୁ ସାହୁ ଓ ବିରଞ୍ଚି ମେହେର, ବୀରମହାରାଜପୁର ସମିତି ଆବାହକ ସନ୍ତୋଷ କୁମାର ବେହେରା ସୋନପୁର ସମିତି ଆବାହକ: ସୁଶାନ୍ତ କୁମାର ସାହୁ ଏବଂ ସାଇ ପରିବାର ର ଅନ୍ୟାନ୍ୟ ସଦସ୍ୟମାନେ ସକ୍ରୀୟ ସହଯୋଗ କରିଥିଲେ ।

# ଚାଷୀଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଦୁର୍ଭାଗ୍ୟଜନକ

ସମ୍ବଲପୁର,(ସବ୍ୟୁ): ଇନ୍‌ପୁଟ୍ ସବ୍‌ସିଡି ଘୋଷଣା ଓ ଦଲାଲ ମୁକ୍ତ ମଣ୍ଡି ବ୍ୟବସ୍ଥାର ପ୍ରତିଶ୍ରୁତି ଦେଇ ରାଜ୍ୟରେ ବିଜେପି ସରକାରକୁ ଆସିଛି । ନୂତନ ସରକାରକୁ ଦେଢ ବର୍ଷ ବିତିଥିଲେ ସୁଦ୍ଧା ମଣ୍ଡି ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଫ୍‌ଏକ୍ୟୁ ମାନର ଧାନ ଯାଞ୍ଚ ଆଳରେ କଟନୀ ଛଟନୀ କରାଯାଉଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ଟୋକନ ବ୍ୟବସ୍ଥା, ବିଳମ୍ବରେ ଧାନ କିଣା ଓ ଜିଲ୍ଲା କ୍ରୟ ସମିତିକୁ କ୍ଷମତାହୀନ କରିବାରୁ ଚାଷୀ ମାନେ ଅଭାବୀ ବିକ୍ରିର ସମ୍ମୁଖିନ ହେଉଛନ୍ତି । ଫଳରେ ଚାଷୀ ମାନେ ସରକାର ଦେଇଥିବା ଇନ୍‌ପୁଟ ସବ୍‌ସିଡି ପାଇବାରୁ ବଞ୍ଚିତ ହେଉଛନ୍ତି । ଏହା ଚାଷୀ ବିରୁଦ୍ଧରେ ବଡ ଷଡଯନ୍ତ୍ର ଅଟେ । ଏହି ସୁନିୟୋଜିତ ଷଡଯନ୍ତ୍ର ଦୁର୍ଭାଗ୍ୟଜନକ । ଶନିବାର ସାମ୍ବାଦିକ ଭବନ ଠାରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ



ଆବାହକ ଅଶୋକ ପ୍ରଧାନ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ, ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରୁଥିବା ବେଳେ ଜନ ପ୍ରତିନିଧିଙ୍କ ସ୍ୱର ଚୁପ୍ ରହିଛି । ବିରୋଧି ଦଳ ମଧ୍ୟ ବିଧାନସଭାରେ ମୁହଁ ଖୋଲୁ ନାହାଁନ୍ତି । ଏଭଳି ଲାଗି ରହିଲେ ଚାଷୀ ଅସନ୍ତୋଷ ବଢିବ । ସାରା ଓଡିଶାରେ ଚାଷୀ ମାନେ ନିଜ୍ର ହକ୍ ପାଇଁ ଆନ୍ଦୋଳନ ମୁହାଁ ହେବେ । ଏହାକୁ ରୋକିବା ସରକାରଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଭାବେ ଛିଡା ହେବ । ତେଣୁ ରାଜ୍ୟ ସରକାର ଏଥିପ୍ରତି ଯତ୍ନବାନ ହୁଅନ୍ତୁ । ସମନ୍ୱୟ ସମିତି ପ୍ରବକ୍ତା ସରୋଜ କହିଥିଲେ ଯେ, ଜିଲ୍ଲା କ୍ରୟ ସମିତିକୁ କ୍ଷମତା ପ୍ରଦାନ କରାଯିବା ଉଚିତ୍ । ଜିଲ୍ଲାସ୍ତରରେ ଟୋକନ୍ ପରିଚାଳନା, ପ୍ରତି ଜିଲ୍ଲା କ୍ରପ୍ କଟିଙ୍ଗ ଆଧାରରେ ଧାନ କ୍ରୟ ପରିମାଣ ସ୍ଥିର ହେବା ଜରୁରୀ ଅଟେ । ସରକାର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାକୁ ପରିବର୍ତ୍ତନ ନକରି ଓଲଟା ମିଲ୍ ମାଲିକଙ୍କ ଆଗରେ ଆତ୍ମ ସମର୍ପଣ କରିଛି । ଚାଷୀଙ୍କୁ ଅଟକଳ ଗିରଫଦାରୀ ଓ ମାମଲା ରୁଜୁ କରି ଭୟଭୀତ କରିପାରିବ ନାହିଁ। ତେବେ ଅତିଶୀଘ୍ର ଟୋକନ୍ ବ୍ୟବସ୍ଥା କରିବା ସହ କ୍ୱିଣ୍ଟାଲ ପିଛା ୩୧୬୯ଟଙ୍କା ପ୍ରଦାନ, ଜଟିଳ ପଞ୍ଜିକରଣ ବ୍ୟବସ୍ଥା ଯୋଗୁଁ ବାଦ୍ ପଡିଥିବା ଚାଷୀଙ୍କୁ ମଣ୍ଡି ବ୍ୟବସ୍ଥାରେ ସାମିଲ କରିବାକୁ ଦାବି କରିଥିଲେ । ନଚେତ୍ ଚାଷୀ ମାନେ ଆନ୍ଦୋଳନ ମୁହାଁ ହେବେ ବୋଲି ଚେତାବନୀ ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର, ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ପୂର୍ବତନ ସଭାପତି ଉମେଶ ମିଶ୍ର, ବରଗଡ ଜୟ କିସାନ ଆନ୍ଦୋଳନ ସଭାପତି ସୁଶୀଲ ସାହୁ , ସମ୍ପାଦକ ହର ବଣିଆ ଏବଂ ଝାରସୁଗୁଡା ଚାଷୀ ନେତା ଦିଲ୍ଲୀପ ବଢେଇ ମଞ୍ଚାସୀନ ଥିଲେ ।

## ଭୂର୍ଟିଗଡରେ ମହାଲକ୍ଷ୍ମୀ ପୂଜା

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ସ୍ଥିତ ଭୁର୍ଟି ଗଡ ରେ ମାଁ ମହା ଲକ୍ଷ୍ମୀପୂଜା କମିଟି ପକ୍ଷରୁ ବହୁ ଆଡ଼ମ୍ବର ରେ ପୂଜା ଉତ୍ସବ ଓ ଧାର୍ମିକ ଓ ଆନନ୍ଦମୟ ପରି ବେଶରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ପାଞ୍ଚ ଦିନ ଧରି ପୂଜା ଉତ୍ସବ ମୁଖରିତ ହୋଇଥିବା ବେଳେ ଗତ ତାରିଖ ରେ ନିକଟସ୍ଥ ନଦୀ ତଟ ଠାରୁ ପାରମ୍ପରିକ ବାଦ୍ୟ ସଙ୍କୀର୍ତ୍ତନ ମଣ୍ଡଳୀ ଓ ସତା ଧିକ ମହିଳାଙ୍କ ଅଂଶ ଗ୍ରହଣରେ କଳସ ଯାତ୍ରା ଆରମ୍ଭ ହୋଇ ପୂଜା ମଣ୍ଡପ ରେ ପହଞ୍ଚି ଥିଲେ । ପୂଜା କର୍ତ୍ତା ଭାବେ ସୁରେନ୍ଦ୍ର ପାତ୍ର ତାଙ୍କ ସହଧର୍ମିଣୀ ରୁକୁଣୀ ପାତ୍ର ଦାୟିତ୍ୱ ତୁଲାଇଥିବା ବେଳେ ଲାଞ୍ଜିଗଡ଼ ରୋଡ଼ର ପୂଜକ ତ୍ରିପାଠୀ ପୂଜା ଦାୟିତ୍ୱ ନିଷ୍ଠାର ସହିତ ପାଳନ କରିଛନ୍ତି। ଭୂର୍ଟୀ ଗର୍ଡ ପୂଜା କମିଟିର ବରିଷ୍ଠ ଆୟୌଜକ ଧନୁର୍ଯ୍ୟ ନାଏକଙ୍କ ନେତୃତ୍ୱରେ ପ୍ରତ୍ୟେକ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା। ସଭାପତି ଶରତ ଚନ୍ଦ୍ରନାଏକ, ସଂପାଦକ ମୁରଲୀ ନାଏକ, ଖଗେଶ୍ୱର ପାତ୍ର, ରାକେଶ ହରିଜନ, ଯାଦବ ହରିଜନ, ବିରଞ୍ଚି ନିଆଲ, ରଞ୍ଜିତ ହରିଜନ, ନର ହରି ପାତ୍ର, ନିରାକାର ପାତ୍ର, ପୁରୁଷୋତ୍ତମ ପାତ୍ର ଓ ଫୁର କମ୍ ନାଏକ ସମେତ ଭୂର୍ଟି ଗଡ ଗ୍ରାମ ପଞ୍ଚାୟତ ର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଲକ୍ଷ୍ମୀ ପୂଜା ସମାପ୍ତ ହୋଇ ଥିଲା।

# ନ୍ୟାସନାଲ ରୋଡ଼ ସାଇକ୍ଲିଂ ଚାମ୍ପିଆନସିପ୍ ଉଦ୍‌ଯାପିତ
# ରାଜସ୍ଥାନ ପ୍ରଥମ, ହରିୟାଣା ଦ୍ୱିତୀୟ ଓ ୩ୟ ସ୍ଥାନରେ ମହାରାଷ୍ଟ୍ର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଠାରେ ୩୦ତମ ନ୍ୟାସନାଲ ରୋଡ଼ ସାଇକ୍ଲିଙ୍ଗ ଚାମ୍ପିୟାନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଚାମ୍ପିୟାନସିପ୍‌ରେ ରାଜସ୍ଥାନ ୨୧ଟି ପଦକ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି । ଏଥିରେ ୯ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି । ହରିୟାଣା ସର୍ବମୋଟ ୧୧ଟି (୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୩ଟି କାଂସ୍ୟ) ପଦକ ହାସଲ କରି ୨ୟ ସ୍ଥାନରେ ରହିଛି । ମହାରାଷ୍ଟ୍ର ସର୍ବମୋଟ ୧୨ଟି (୪ଟି ସ୍ୱର୍ଣ୍ଣ,୨ଟି ରୌପ୍ୟ ଓ ୬ଟି କାଂସ୍ୟ) ପଦକ ପାଇ ୩ୟ ସ୍ଥାନରେ ରହିଛି । ଆର୍‌ଏସ୍‌ପିବି ସର୍ବମୋଟ ୫ଟି( ୩ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୧ଟି କାଂସ୍ୟ) ପଦକ ପାଇଁ ୪ର୍ଥ ସ୍ଥାନରେ ରହିଛି । କର୍ଣ୍ଣାଟକ ୯ଟି( ୨ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୪ଟି କାଂସ୍ୟ) ପଦକ ପାଇ ୫ମ ସ୍ଥାନରେ ରହିଛି । ଦିଲ୍ଲୀ ସର୍ବମୋଟ ୩ଟି( ୨ଟି ସ୍ୱର୍ଣ୍ଣ, ୧ଟି କାଂସ୍ୟ) ପଦକ ପାଇ ୬ଷ୍ଠ ସ୍ଥାନରେ ରହିଛି । ତାମିଲନାଡୁ ସର୍ବମୋଟ ୭ଟି (୧ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୪ଟି କାଂସ୍ୟ) ପଦକ ପାଇ ୭ମ ସ୍ଥାନରେ ରହିଛି । ଓଡିଶା ସର୍ବମୋଟ ୩ଟି( ୨ଟି ରୌପ୍ୟ ଓ ୧ଟି କାଂସ୍ୟ) ପଦକ ପାଇଁ ୮ମ ସ୍ଥାନରେ ରହିଛି । ପଞ୍ଜାବ ୧ଟି ରୌପ୍ୟ ପଦକ ପାଇଁ ୯ମ, ମଣିପୁର ୨ଟି କାଂସ୍ୟ ପଦକ ପାଇ ୧୦ମ ଓ ବିହାର ୧ଟି ରୌପ୍ୟ ପଦକ ପାଇ ଏକାଦଶ ସ୍ଥାନ ଅଧିକାର କରିଛି ।

ସୁନ୍ଦର ସ୍ୱାସ୍ଥ୍ୟ, ପ୍ରଦୂଷଣ ମୁକ୍ତ ଓ ଅଲମ୍ପିକ ପାଇଁ ଖେଳାଳୀ ସୃଷ୍ଟି କରିବା ଲକ୍ଷ୍ୟରେ ସମ୍ବଲପୁର ଠାରେ ନ୍ୟାସନାଲ ରୋଡ଼ ସାଇକ୍ଲିଙ୍ଗ ଚାମ୍ପିୟାନସିପ୍ ଗତ ୨ତାରିଖ ଠାରୁ ଆରମ୍ଭ ହୋଇଥିଲା । ସାଇକ୍ଲିଙ୍ଗ ଫେଡେରେସନ୍ ଅଫ୍ ଇଣ୍ଡିଆର ଅଧିନରେ ଓଡିଶା ସାଇକ୍ଲିଙ୍ଗ ଆସୋସିଏସନ୍, ଓଡିଶା ସରକାର ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଚାମ୍ପିୟାନସିପ୍‌ରେ ୩୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରାୟ ୧ହଜାର ସାଇକ୍ଲିଷ୍ଟ ଭାଗ ନେଇଥିଲେ । ସେଥିମଧ୍ୟରୁ ପ୍ରାୟ ୪୦୦ଜଣ ଯୁବତୀ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଚାମ୍ପିୟାନସିପ୍‌ରେ ପୁରୁଷ ଓ ମହିଳା ଏଲିଟ୍, କନିଷ୍ଠ, ଉପକନିଷ୍ଠ, ୨୩ବର୍ଷରୁ କମ୍ ଆଦି ବର୍ଗରେ ମୋଟ ୭୫ଟି ପଦକ ଦିଆଯାଇଛି । ପୁରୁଷ ବର୍ଗରେ ଆରଏସ୍‌ପିବିର ବିଶଭଜିତ୍ ସିଂହ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ସର୍ବଶ୍ରେଷ୍ଠ ପୁରୁଷ ଖେଳାଳୀ ଭାବେ ବିବେଚିତ ହୋଇଛନ୍ତି । ସେହିପରି ମହିଳା ବର୍ଗରେ ରାଜସ୍ଥାନର ଅଞ୍ଜଳି ଜାଖର ୩ଟି ସ୍ୱର୍ଣ୍ଣ ପଦକ ହାସଲ କରି ସର୍ବଶ୍ରେଷ୍ଠ ମହିଳା ଖେଳାଳୀ ଏବଂ ଗୁଜୁରାଟ ଦଳ ବେଷ୍ଟ ଫେୟର ପ୍ଲେ ଟିମ୍ ଭାବେ ବିବେଚିତ ହୋଇଛନ୍ତି ।

ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡାବିତ୍ ମାନଙ୍କୁ ଦୃଢ ମନୋଭାବ ନେଇ ଆହୁରି କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ଯେଭଳି ଆମେ ଅଲମ୍ପିକରେ ପଦକ ହାସଲ କରିବା ସେଥିପାଇଁ ପ୍ରଚେଷ୍ଟା ଜାରି ରଖିବାକୁ କହିଥିଲେ । ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ , ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସାଇକ୍ଲିଙ୍ଗ ଫେଡେରେସନ ଅଫ୍ ଇଣ୍ଡିଆର ସଚିବ ମନିନ୍ଦର ପାଲ ସିଂ, ଓଡିଶା ସାଇକ୍ଲିଙ୍ଗ ଆସୋସିଏସନ୍ ଅଧ୍ୟକ୍ଷା ମିନତୀ ମହାପାତ୍ର , ସମ୍ପାଦକ ପ୍ରସନ୍ନ କୁମାର ରାଉତ ଓ ସମ୍ବଲପୁର ମହାନଗର ନିଗମ କମିଶନର ରେହାନ କ୍ଷତ୍ରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ ।

# ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ପୌରୋହିତ୍ୟ, କ୍ରୀଡା ସଂସଦ ଉପସଭାପତି ପ୍ରଫେସର ରାଜେନ୍ଦ୍ର କୁମାର ବିଶ୍ୱାଳ ଓ କ୍ରୀଡା ଶିକ୍ଷକ ସରିତା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରଥମେ ଭୂତାପଡା ସ୍ଥିତ ମଙ୍ଗଳା ମନ୍ଦିରରୁ କ୍ରୀଡା ମଶାଲ ଅଣାଯାଇ ଶୁଭ ଉଦ୍ଘାଟନ କରାଯାଇଥିଲା । ଉଭୟ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତ୍ୟେକ ବର୍ଗରେ ସମୁଦାୟ ୧୫ଟି କ୍ରୀଡା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଜିଏସ୍‌ଟି ଯୁଗ୍ମ କମିଶନର ଲିଙ୍ଗରାଜ ପ୍ରଧାନ, ମାନେଶ୍ୱର ତହସିଲଦାର ବ୍ରଜକିଶୋର ସାହୁ, ଜିଲ୍ଲା କ୍ରୀଡା ଚିକିତ୍ସକ ଜ୍ଞାନରଞ୍ଜନ ପରିଡା ଅତିଥି ଭାବେ ଯୋଗ ଦେଇ କୃତି ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ । ଦୌଡକୁଦ ପ୍ରତିଯୋଗିତାରେ ମହାବିଦ୍ୟାଳୟସ୍ତରରେ କୁସୁମ ଦଳାଇ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ସୁମନ ମୁଣ୍ଡା ଚମ୍ପିୟାନ ହୋଇଥିଲେ । ଶେଷରେ ବଳବନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନତା ସରକାରୀ ହାଇସ୍କୁଲରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଅମ୍ବାଭୋନା,(ସବ୍ୟୁ): ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ବାଲ୍ୟାବସ୍ଥାରୁ ସଚେତନ କରିବା ପାଇଁ ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ହାଇସ୍କୁଲ,ଭୁକ୍ତାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ଶିକ୍ଷୟିତ୍ରୀ ରୋଜାଲିନ ଭୋଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଉପଲକ୍ଷେ ବିଶ୍ୱ ମୃତ୍ତିକା ଦିବସର ବିଷୟ ବସ୍ତୁ ସ୍ୱାସ୍ଥ୍ୟକର ସହର ପାଇଁ ସୁସ୍ଥ ମୃତ୍ତିକା ଉପରେ ଆୟୋଜିତ ସେମିନାରରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଯୋଗଦେଇ ମୃତ୍ତିକାର ସଂରକ୍ଷଣ ଓ ସୁପରିଚାଳନା ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ଧାରଣା ପ୍ରଦାନ କରିଥିଲେ। ଶିକ୍ଷକ ଆଶୁତୋଷ ଭୋଇ,ଶ୍ରୀପତି ସାହୁ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ ଓ ପ୍ରକାଶ ପ୍ରଧାନଙ୍କ ସମେତ ବିଦ୍ୟାଳୟର ଇକୋ କ୍ଲବ୍ ଓ ବିଜ୍ଞାନ କ୍ଲବର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

## ବଣାଇଁ ସବଟ୍ରେଜେରୀର ସୁରକ୍ଷାଗୃହ ଉଦଘାଟିତ

ବଣାଇଁ,(ସବ୍ୟୁ): ବଣାଇଁ ଉପକୋଷାଗାର କାର୍ଯ୍ୟାଳୟ ପରିସରରେ ନୂଆଁ ସୁରକ୍ଷାଗୃହ ଉଦଘାଟିତ ହୋଇଯାଇଛି। ବଣାଇଁ ଉପକୋଷାଗାର ଅଧିକାରୀ ହେପଣିପା ଡୁଙ୍ଗଡୁଙ୍ଗ ମୁଖ୍ୟ ଅତିଥି ଭାବେ ଏହାକୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କୋଷାଗାର ଅଧିକାରୀ ଗୀତା ତାଣ୍ଡି, ନାରାୟଣ ପଟେଲ, ସୁଧୀର ରାୟ, ପ୍ରଦୀପ୍ ସା, ପଦ୍ମଲୋଚନ ଜେନା, ନଟବର ସାହୁ, ରୀତାକା ସିଂ ଓ କାର୍ଯ୍ୟାଳୟର ଅନ୍ୟମାନେ ଉପସ୍ଥିତ ଥିଲେ। ପୂର୍ବରୁ ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସୁରକ୍ଷାଗୃହଟି ଛୋଟଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ବର୍ତ୍ତମାନ ବଡ ନୂତନ ଗୃହ ଉଦଘାଟିତ ହୋଇଯାଇଛି।

## ଡ. ବି.ଆର.ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ବଲାଙ୍ଗିର,(ସବ୍ୟୁ): ଗେଟ ସରୋବର ପଡା ଲକ୍ଷେ ଘର ଗଣ୍ଡା ସମାଜ ପକ୍ଷରୁ ଡ.ଅମ୍ବେଦକର ପାଠାଗାର ପରିସରରେ ଭାରତ ରତ୍ନ ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଥିଲା । ଯୁବ ନେତା ସୀତାରାମ କୁମ୍ଭାରଙ୍କ ପରିଚାଳନାରେ ସଭା କାର୍ଯ୍ୟ ଆରମ୍ଭ ହୋଇ ସମ୍ପାଦକ ଅଶୋକ କୁମାର ହରପାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ଅତିଥି ପଶ୍ଚିମ ଓଡିଶା ଗଣ୍ଡା ସମାଜ ସଭାପତି ତଥା କଂଗ୍ରେସ ନେତା ଓମ୍ ପ୍ରକାଶ କୁମ୍ଭାର, ସମ୍ମାନିତ ଅତିଥି ଏମ୍‌ବିଏମ୍‌ଏମ୍ ସଭାପତି ତରଣିସେନ ଦିପ ଓ ମୁଖ୍ୟବକ୍ତା ବିଜୟ ଚନ୍ଦ୍ର ବାରିକ ଯୋଗ ଦେଇ ଅମ୍ବେଦକର ଙ୍କ ବିଚାରଧାରାରେ ସମାଜକୁ ସୁସଂଗଠିତ କରି ସମ୍ବିଧାନ ର ମୁଳ ଲକ୍ଷ୍ୟକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜର ମତ ରଖିଥିଲେ । ଅନ୍ୟ ବକ୍ତା ମଧ୍ୟରେ ଜ୍ୟୋତିଷ ମୁଗ୍ରୀ, ରଘୁନାଥ ମୁଗ୍ରୀ ସମାଜ ମଧ୍ୟରେ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ । ବିଜୟ ହରିପାଲ, ପ୍ରକାଶ ରାଏ, ଲଳିତ ନାଏକ, ରଂଜନ ଭୋଇ, ଶିବା ଭରାସ, ସାଗର କୁମ୍ଭାର, ମୁନା ହରପାଲ, ସୁରେଶ ହରପାଲ, ମୁନା କୁମ୍ଭାର, ଫଣିନ୍ଦ୍ର କୁମ୍ଭାର, ଦିପକ ନାଗ, ଦଶମୁ ସୁନା, ଚନ୍ଦନ ଭୋଇ, ଜ୍ୟୋତି ପ୍ରକାଶ କୁମ୍ଭାର, ରାଜେଶ ପୋଡ, କପିଳ ପାଣିଗ୍ରାହୀ, ସୁବଳୟା କୁମ୍ଭାର, ଭୂମିସୂଚନା ନାଏକ, ଦିବାଶିଷ ନାଏକ ତଥା ସହସ୍ରାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ । ଶିଶର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ
# ଗଣଦୌଡ ଓ ବାଣିଜ୍ୟ ମେଳା ଉଦଘାଟିତ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଠାରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଟାଉନ୍ କ୍ଲବ ପଦ୍ମପୁର ତରଫରୁ ଲୋକ ମହୋତ୍ସବ ୨୦୨୫ର ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଟାଉନ କ୍ଲବ ଦ୍ୱାରା ଆୟୋଜିତ ହେଉଥିବା ପଦ୍ମପୁର ଲୋକମାହୋତ୍ସବ ୨୦୨୫ ଆସନ୍ତା ଡିସେମ୍ବର ୧୦ତାରିଖରୁ ସାଂସ୍କୃତିକ ପର୍ବ ଆରମ୍ଭ ହେବାକୁ ଯାଉଥିବା ବେଳେ ଗଣଦୈଡରୁ ମହୋତ୍ସବ ଶୁଭାରମ୍ଭ ହୋଇଛି। ଗଣଦୌଡରେ ପଦ୍ମପୁର ଆଦର୍ଶ ଥାନା ର ଅଧିକାରୀ ମମତା ନାଏକ ଯୋଗଦେଇ ଗଣଦୌଡ ଶୁଭାରମ୍ଭ କରିଥିଲେ। ଗଣଦୌଡରେ ସ୍ଥାନୀୟ ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଯୋଗଦାନ କରିଥିଲେ । ସନ୍ଧ୍ୟାରେ ସ୍ଥାନୀୟ ଅଶୋକ ଖେଳ ପଡ଼ିଆ ଠାରେ ମହୋତ୍ସବର ବାଣିଜ୍ୟ ମେଳା ୨୦୨୫ ଉଦଘାଟିତ ହୋଇଯାଇଛି। ଚଳିତ ବାଣିଜ୍ୟ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଖାଦ୍ୟ ସାମଗ୍ରୀ ସହ ଘରୋପକରଣ, ସାଜ ସଜ୍ୟା, ମସଲା, କପଡା ଆଦି ବୋହୁ ପ୍ରକାରର ଦୋକାନ ବଜାର ଆସିଥିବା ବେଳ ବିଭିନ୍ନ ପ୍ରକାର ର ସର୍ବମୋଟ ୧୫୬ ଟି ଷ୍ଟଲ ବ୍ୟବସ୍ଥା ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବଡ ଧରଣର ମୀନାବଜାର ମଧ୍ୟ ଲାଗିଥିବା ଆୟୋଜକ କମିଟି ତରଫରୁ ସୂଚନା ଦିଆଯାଇଛି।

ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଓ ରାଜବୋଡାସମ୍ବର ବ୍ଲକ ବିଡ଼ିଓ ମନୋଜ ଦେବତା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବାଣିଜ୍ୟ ମେଳା ଉଦଘାଟନ କରିଥିଲେ। ତେବେ ଏହି ପରି ମେଳା ବ୍ୟବସାୟର ଆଦାନ ପ୍ରଦାନ ସହ ବ୍ୟବସାୟୀଙ୍କୁ ମଧ୍ୟ ନୂତନ ସୁଯୋଗ ପାଇଁ ଏକ ଖୁବ ସୁନ୍ଦର ପ୍ରୟାସ ବୋଲି କହିଥିଲେ। ଏହି ପର୍ବରେ ଟାଉନ୍ କ୍ଲବ ସଭାପତି ତଥା ମହୋତ୍ସବ କମିଟିର ସଭାପତି ପ୍ରିତେଶ କୁମାର ବହିଦାର, ଆବାହକ ଅଶୋକ କୁମାର ମିଶ୍ର, ସମ୍ପାଦକ ଇଂ କୁନାଲ ପାଣିଗ୍ରାହୀ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ୯ ତାରିଖ ରେ ସାଂସ୍କୃତିକ ଶୋଭାଯାତ୍ରା ଓ ୧୦ ତାରିଖ ରୁ ସାଂସ୍କୃତିକ ପର୍ବ ଅନୁଷ୍ଠିତ ହେବାକୁ ରହିଥିବା ବେଳେ ଏଥିରେ ଲୋକେ ବହୁ ସଂଖ୍ୟାରେ ଯୋଗଦାନ ଦେଇ ବାଣିଜ୍ୟ ମେଳା , ମିନାବଜାର ସହ ସାଂସ୍କୃତିକ ପର୍ବକୁ ଉପଭୋଗ କରନ୍ତୁ ବୋଲି ଆୟୋଜକ କମିଟି ତରଫରୁ ଜନସାଧାରଣଙ୍କୁ ନିମନ୍ତ୍ରଣ ସହ ଅନୁରୋଧ କରାଯାଇଛି।


T-113

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

*****

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା. 08/12/2025 ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 09014/11/0209/2526



**AFFIDAVIT**

By virtue of an affidavit sworn before The Executive Magistrate TIRTOL dated 24.11.2025. I SOUMYAROJA SWAIN, D/o- Samir Kumar Swain, At-Baulanga, Po-porgadei, P.s-Tirtol, Dist- Jagatsinghpur, Odisha, Pin- 754160, declare that I have changed my name from SOUMYA ROJA SWAIN to SOUMYAROJA SWAIN. Henceforth I shall be known as SOUMYAROJA SWAIN for all purpose.

SOUMYAROJA SWAIN



**AFFIDAVIT**

By virtue of an affidavit sworn before Executive Magistrate, Padampur , dated 06th December 2025. I Koushika Saha S/0- Pitabas Saha , Permanent resident of Vill- Mundomahul, Po-Khaliapali , Ps-Buden ,Dist- Bargarh(Odisha). That, my name has been mentioned in my 10th Board Certificate which is issued by Board of Secondary Education,Odisha Serial No.211433157 Koushika Saha S/0- Pitabas Saha.Where as in my Aadhaar Card my name has been written as Koushik Saha .That hereby declare that my actual name is Koushika Saha .That hereby declare that my actual name is Koushika Saha for purposes.



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION: BONAI**

O-1724

**CANCELLATION OF TENDER**

**Order No. 1222 Date. 05.12.2025**

Under unavoidable circumstances the tender invited by this office vide Bid Identification No. ONLINE-EEBNI-05 of 2025-26 Letter No. 1142 Dtd.29.11.2025 is hereby cancelled.

Sd/- Executive Engineer
Rural Works Division, Bonai

OIPR : 25200/11/0010/2526



A-1066

(e-Mail ID- mjdbhanjanagar@gmail.com)

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, BHANJANAGAR**
Email- midbhanianagar@gmail.com
Letter No.1868WE) / MIDBNJ., Date: 04.11.2025.

**GOVERNMENT OF ODISHA e-Procurement Notice Online Tender**
**BID Identification No. SEMIDBNJ-05/2025-26**

| | | |
|---|---|---|
| Name of work | : | Civil Construction Works. |
| No of work | : | 4 Nos. |
| Estimated cost | : | Rs. 8.40 Lakh to 39.10 Lakh |
| Period of Completion | : | 04 (Four) to 06 (Six) Calendar Months |
| Date & Time of availability of Bid Documents in the portal | : | From: 10.12.2025 to 19.12.2025 up to 17.30 Hours |
| Date for opening of Bid | : | 20.12.2025 at 11.00 A.M. |
| Lottery Date if required | : | 30.12.2025at 11.30 A.M. |
| Name & Address of the OIT | : | Superintending Engineer Minor Irrigation Division, Bhanjanagar |

Further Details & Corrigendum if any can be seen from the web site : www.tendersodisha.gov.in

Sd/- Superintending Engineer
M.I. Division, Bhanjanagar

OIPR : 32287/11/0018/2526



CAD-2599

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୨୨୧ **ବିଜ୍ଞାପନ** ତା : ୦୨.୧୨.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଏସ୍‌ଏଚ୍‌ଏସ୍ ବଡ଼ ପାତ୍ରପଲ୍ଲୀ, ଦ୍ୱିତୀୟ ପର୍ଯ୍ୟାୟ, ସୁନ୍ଦରଗଡ଼ ହାଉସିଂ ପ୍ରକଳ୍ପରେ ଘର ନଂ–ଏମ୍‌ଆଇଜି– ୫୩ (ଏ) **(MIG-53) (A)** କୁ ଶ୍ରୀମତୀ ଚୁମ୍‌କି ପଟେଲ, ପିତା–ସ୍ୱର୍ଗତ ହଳଧର ପଟେଲ, ସା– ଭବାନୀ ଭବନ ଏରିଆ, ପୋ–ସୁନ୍ଦରଗଡ଼, ଥାନା–ସୁନ୍ଦରଗଡ ଟାଉନ, ଜିଲ୍ଲା–ସୁନ୍ଦରଗଡଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଚୁମ୍‌କି ପଟେଲ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଲିପ୍‌ସିତା ଚୌଧୁରୀ, ସ୍ୱାମୀ– ସାଓନ କୁମାର ପଟେଲ, ସା–ସାଇବିହାର, ସୁନ୍ଦରଗଡ଼, ପୋ–ସୁନ୍ଦରଗଡ଼, ଥାନା–ସୁନ୍ଦରଗଡ ଟାଉନ, ଜିଲ୍ଲା– ସୁନ୍ଦରଗଡଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର **ପନ୍ଦର** ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13030/11/0955/2526



C-1592

**OFFICE OF THE NOTIFIED AREA COUNCIL: CHANDBALI**
Pin:-756133 (Odisha)
EMail: chandbali.nac@gmail.com
Letter No. 3081 Dt. 26.11.2025

**Corrigendum**

With reference to the Tender Call Notice NO.2945/CN-01-2025-26, Dt. 11.11.2025 for 81 no.of Individual Civil Construction works of Chandbali NAC, last date for selling & receipt of tender paper along date of opening have been extended as detailed below.

| Sl. No. | Parameter | Present Date | Extended Date |
|---|---|---|---|
| 1 | Date and Time of availability of bid documents at the Municipality office | From 11:00 AM of 15.11.2025 to 5:30 PM of 27.11.2025 | From 11:00 AM of 15.11.2025 to 5:30 PM of 06.12.2025 |
| 2 | Last Date and Time for receipt of bids | 28.11.2025 by 5:30 PM | 09.12.2025 by 5:30 PM |
| 3 | Date and Time of Opening of bids | 29.11.2025 by 11:00 AM | 10.12.2025 by 11:00 AM |

All other terms and conditions remain unchanged.

Sd/- Executive Officer
Chandibali NAC

OIPR : 13129/11/0012/2526



**ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼**
**ଦରଖାସ୍ତ ଆହ୍ୱାନ**

ବିଜ୍ଞପ୍ତି ସଂଖ୍ୟା . 5593 ତା. 04.12.2025

ବରଗଡ଼ ଧନୁଯାତ୍ରା ନିମନ୍ତେ ଜର୍ଜ ହାଇସ୍କୁଲ ପଡିଆ ଓ ବରଗଡ଼ ଆର.ଏମ୍.ସି. ଅଫିସ ପ୍ରାଙ୍ଗଣ ଠାରେ ମୀନାବଜାର, ଦୋଳି, ଝୁଲା ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଇତ୍ୟାଦି ପାଇଁ ଉପଯୋଗୀ କେବିନ/ଖାଲି ଜାଗା ଓ ପଡିଆ ଗୁଡିକ ନିର୍ଦ୍ଦିଷ୍ଟ ସର୍ତ୍ତ ମାଧ୍ୟମରେ ଇଚ୍ଛୁକ ବ୍ୟକ୍ତିମାନଙ୍କୁ ସର୍ତ୍ତାବଳୀ ସହ ଯୋଗେଇ ଦିଆଯିବ ।

ଉପ–ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟରେ ଅଫିସ ସମୟ ମଧ୍ୟରେ (ସକାଳ ୧୧ ଘଟିକାରୁ ଅପରାହ୍ନ ୪ ଘଟିକା ସୁଦ୍ଧା) ତା. ୦୫.୧୨.୨୦୨୫ ଠାରୁ ତା. ୧୨.୧୨.୨୦୨୫ (ଛୁଟିଦିନ ବ୍ୟତୀତ) ଅସ୍ଥାୟୀ କେବିନ ଦୋକାନ ଓ ଖାଲି ଜାଗା ପାଇଁ ଟ. ୧୦୦.୦୦ (ଏକ ଶହ ଟଙ୍କା ମାତ୍ର) ବିନିମୟରେ ଆବଶ୍ୟକୀୟ ଫର୍ମ ଯୋଗେଇ ଦିଆଯିବ । ଇଚ୍ଛୁକ ବ୍ୟକ୍ତିମାନେ ସଂପୃକ୍ତ ସ୍ଥାନ ମାନଙ୍କର ପ୍ରସ୍ତୁତ ନକ୍ସା, ପ୍ଲାନ ଏବଂ ସର୍ତ୍ତାବଳୀ ଉପ–ଜିଲ୍ଲାପାଳ, ବରଗଡଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଦେଖିପାରିବେ ।

ଉପଲବ୍ଧ କେବିନ, ଝୁଲା ଏବଂ ଖାଲି ଜାଗା ଲଟେରୀ ମାଧ୍ୟମରେ ଆବଣ୍ଟିତ ହେବ । ଖାଲିଜାଗା ତଥା ଅସ୍ଥାୟୀ କେବିନ ଦୋକାନ ପାଇଁ ଆସନ୍ତା ତା. ୧୨.୧୨.୨୦୨୫ ରିଖ ଅପରାହ୍ନ ୫.୦୦ ଘଟିକା ସମୟରେ ପ୍ରକ୍ରିୟା ଶେଷ ହେବ ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଯେ କୌଣସି ପକ୍ଷଙ୍କ ଆବେଦନକୁ ରଦ୍ଦ କରିବାର କ୍ଷମତା ଅଧିକାରୀଙ୍କର ରହିଅଛି । ସବିଶେଷ ବିବରଣୀ ଜିଲ୍ଲା Website- http://bargarh.odisha.gov.in ରେ ମଧ୍ୟ ଉପଲବ୍ଧ ହେବ ।

ସ୍ୱା/- ଉପ-ଜିଲ୍ଲାପାଳ ତଥା ଆବାହକ
ଜମି-ଆବଣ୍ଟନ କମିଟି,
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ



H-40

**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି**
**ଜିଲ୍ଲା - ସୁବର୍ଣ୍ଣପୁର**

ଏତଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ସୋନପୁର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ଖରିଫ ଋତୁ ୨୦୨୫–୨୬ ବର୍ଷ ପାଇଁ ନିମ୍ନମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଉନ୍‌ପୁଟ ସହାୟତା ନିର୍ଦ୍ଧାରତ କରିଛନ୍ତି । ତେଣୁ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁସାରେ ଚାଷୀ ଭାଇ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପଞ୍ଜିକୃତ ହୋଇଥିବା ପ୍ରାଥମିକ ସମବାୟ ସମିତି ଲିଃ (PACS) ଓ ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀ (WSHG) ମାନଙ୍କରେ ଆସନ୍ତା ତା. ୦୯.୧୨.୨୦୨୫ ତାରିଖ ଠାରୁ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ । ଚାଷୀ ଭାଇ ଭଉଣୀମାନଙ୍କୁ ଅନୁରୋଧ ଯେ ଧାନ ସବୁକୁ ଠିକ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଆଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ, ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷମୁକ୍ତ ହୋଇଥିବ ।
ଧାନ ବିକ୍ରି ଦିବସ–ରବିବାର ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସ

**ଧାନର ଗୁଣାତ୍ମକ ମାନ**

| କ୍ରନଂ. | ଧାନରେମିଶ୍ରିତନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧ | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି | ୧.୦% |
| ୨ | ଜୈବିକ ବାହ୍ୟ ପଦାର୍ଥ କାଠି, କୁଟା, ଧୂଷ, ଅଗାଡି ପୋଲ ଇତ୍ୟାଦି) | ୧.୦% |
| ୩ | ଖଗପ, ବେଙ୍ଗୀ, ପାଣିଫୁଲା ଓ ପୋକ | ୫.୦% (ଖଗପ, ପାଣିଫୁଲା ଓ ପୋକ ମିଶି ୪% ରୁ ଅଧିକ ହେଇନଥିବା) |
| ୪ | ଅପରିପକ୍ୱ (କଞ୍ଚା–ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫ | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ 'କ' ଶ୍ରେଣୀ ଧାନ ନିମନ୍ତେ | ୬.୦% |
| ୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ସରକାରୀ ଦର**

| ଏହି ବର୍ଷ ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା | | |
|---|---|---|
| କ୍ରନଂ. | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପ୍ରତି) |
| ୧ | ଗ୍ରେଡ୍ ଏ ଧାନ | ଟ.୨୩୮୯.୦୦ |
| ୨ | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ.୨୩୬୯.୦୦ |
| ୩ | ଇନ୍‌ପୁଟ ସହାୟତା | ଟ.୭୩୧.୦୦ |

ପୂର୍ବବର୍ଷ ପରି ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କର ମୋବାଇଲ ନମ୍ବରକୁ (SMS) ବାର୍ତ୍ତା ଆସିଲେ କ୍ରୟ କେନ୍ଦ୍ରକୁ ଯୋଗାଯୋଗ କରି ନିର୍ଦ୍ଧାରିତ ଦିବସରେ ସକାଳ ଘ.୮ ରୁ ଅପରାହ୍ନ ଘ.୧ ମଧ୍ୟରେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର, ବ୍ୟାଙ୍କ ଖାତା ସାଙ୍ଗରେ ଆଣିବେ ଏବଂ ଧାନ ବିକ୍ରୟ କରିପାରିବେ ।

ସଂପାଦକ
ନିୟନ୍ତ୍ରିତ ବାଜାର କମିଟି, ଡୁଙ୍ଗୁରିପାଲି

OIPR : 07089/11/0002/2526

ସଂପାଦକ
ନିୟନ୍ତ୍ରିତ ବାଜାର କମିଟି, ଡୁଙ୍ଗୁରିପାଲି

# ସ୍ୱପ୍ନଭିଜା ଆଖି




**ଗୋରାଚାନ୍ଦ ଦାସ**

କୈଶୋରରେ, ପ୍ରେମ କ'ଣ
ବୁଝିବା ପୂର୍ବରୁ, ମୋ ପ୍ରେମିକା
ଅଧା ରାସ୍ତାରେ ଛାଡ଼ିଚାଲିଗଲା ।
ବନ୍ଧୁଙ୍କ ପାଖରେ ବସି
ବିଷଣ୍ଣ ବଦନ ନେଇ
ତା'ଉପଦେଶ ଶୁଣୁଥିଲି,
ସେ ବି କୋଉ
ପ୍ରେମର ଅର୍ଥ ବୁଝିଥିଲା?
କିନ୍ତୁ କହିଥିଲା, ବହିପଢ଼ା ଜ୍ଞାନରୁ
ବାଛି ବାଛି ପ୍ରେମର ପଥ ପିଚ୍ଛିଳ,
ଅନେକ ଦୁଃଖ ଦିଏ ପ୍ରେମ ।
ରୁମାଲରେ ଗଣ୍ଠି ପକା
ତିନୋଟି ଗାର ଟାଣି ଦେ
କଥା ଦେ, ପ୍ରେମର ମାୟାମୃଗ
ପଛରେ ଗୋଡ଼େଇବୁନି କେବେ ।
ଜାଣେନି କେବେ କେଉଁଠି
ସେ ରୁମାଲଟି ହଜିଗଲା,
ସେ ତିନି ଗାର ସମୟର ଘୂର୍ଣ୍ଣିବାୟୁରେ
ଲିଭିଗଲା, ନିଃସଙ୍ଗତା ଓଜନିଆ ହେଲା
ଅପରିଚିତା ରୂପସୀ ସଙ୍ଗେ ପ୍ରଥମ
ଦେଖାରେ
ପାଦ ଟାଣିନେଲା 'ପିଚ୍ଛିଳ ପଥରେ'
ଭୁଲି ଯାଇଥିଲି ଉପଦେଷ୍ଟା ବନ୍ଧୁଙ୍କ
ଚେ଼ହେରା
ପରିଚ଼ୟର କିଛି ଦିନ ପରେ
ବସିଥିଲୁ ଦୁହେଁ ସାଗର କୂଳରେ ।
ସୂର୍ଯ୍ୟାସ୍ତର ଅରୁଣିମା ନେଇ
ମୁହଁରେ ରକ୍ତିମ ଆଭା ଆଖି
ମୋ ଖୁଣ୍ଟଲଗା ହୃଦୟ ଅଣ୍ଡାଳୁଥିଲା ।
ଚାହିଁଲା ମୋତେ ପ୍ରଶ୍ନିଳ ଦୃଷ୍ଟିରେ
ବିନା ସଙ୍କୋଚ଼ରେ କହିଲି
ମୋ ପ୍ରଥମ ପ୍ରେମର ବ୍ୟର୍ଥତା ।
କିଛି କ୍ଷଣର ନିସ୍ତବ୍ଧତା, ସେ
ଉଚ୍ଚ ସ୍ୱରରେ ହସି ଉଠିଥିଲା,
ତା'ହସରେ ଥିଲା ନିରୁତା ଆନ୍ତରିକତା
କହିଲା ଜାଣିଚ଼, ସେ ବୟସଟା
ଗୋଟିଏ ଭ୍ରମ, ସକାଳର କୁହୁଡ଼ି ପରି,
ଆଉ ତୁମେ ଯାହାକୁ ଭାବୁଚ଼ ପ୍ରେମ
ସେ ଗୋଟିଏ ଫାଜିଲ୍ ଚୋରା
ଚ଼ଇତାଳି
ବସନ୍ତର ମୃଦୁ ମଳୟ ପବନ ନୁହେଁ ।
ଫର୍ଚ୍ଚା ଆକାଶକୁ ଦେଖ
ସେଇ ଛୋଟ କଳା ବାଦଲ
ଏଇଠି ଥିଲା, ଭାସିଗଲାଣି
କାହିଁ କେତେ ଦୂର
ଆଉ ସେ ଫେରିବନି ।
ମୋ ଛାତିରେ ମୁହଁ ଗୁଞ୍ଜି ଦେଲା
ତା ଅସ୍ତବ୍ୟସ୍ତ ଚୂର୍ଣ୍ଣକୁନ୍ତଳ
ମୁଁ ସଜାଡ଼ ଚାଲିଲି ।
ସୂର୍ଯ୍ୟ ବୁଡ଼ିଯାଇଥିଲା ପଶ୍ଚିମରେ
ସେ ବୁଡ଼ିରହିଥିଲା ମଧୁର ସ୍ୱପ୍ନରେ
ଗୋଧୂଳିର ସେଇ ଅମୃତ ଲଗ୍ନରେ
ମୁଁ ଦେଖୁଥିଲି ତା'ର ଅର୍ଦ୍ଧନିମୀଳିତ
ସ୍ୱପ୍ନଭିଜା ଆଖ ।।

**ଖାରବେଳ ନଗର,**
**ଭୁବନେଶ୍ୱର**
**ମୋ:୯୪୩୭୦୦୧୩୩୦**

# ନିରୁଦ୍ଦିଷ୍ଟ ସମୟ



**ମାନସ ଦାସ**

ଆମ ସମୟ କେମିତି ଅଲଗା ଥିଲା
ସମୟର ପରିଧୀ ଏବେ ଯେମିତି ଅଛି
ଆମ ସମୟରେ ବି ସେମିତି ଥିଲା
କିନ୍ତୁ ଆମ ସମୟ ର ନିର୍ଯ୍ୟାସ ଏମିତି ନଥିଲା...
ସୂର୍ଯ୍ୟ ଥିଲେ
କିରଣରେ ଉଷ୍ମତା ଥିଲା
କିନ୍ତୁ ଉତ୍ତାପରେ ଏମିତି
ଜଳିଗଲାପରି ତାତି ନଥିଲା...
ଆମ ସମୟରେ ଛ'ଟି ଋତୁ ଥିଲା
ଶରତ ବସନ୍ତ ଥିଲେ ବର୍ଷା ଖରା ଶୀତ ଥିଲା
କିନ୍ତୁ ତାଂକ ଯିବା ଆସିବା ଭିତରେ
ଏପରି ଉର୍ଦ୍ଧ୍ୱାଯ୍ୟ ଅନିୟମିତତା ନଥିଲା...
ଆମ ସମୟରେ ବାପା ଥିଲେ ବୋଉଥିଲା
ଆମ ଘର ଅଗଣାଥିଲା ତୁଳସୀ ଚଉରା ଥିଲା
ଜହ୍ନ ଆଲୁଅରେ ଅଗଣାରେ ସପ ପଡୁଥିଲା– କିପରି ଏକ
ଶୀତଳ ସ୍ନିଗ୍ଧତା ଥିଲା– ଆଜିପରି ବିପର୍ଯ୍ୟସ୍ତ ସଂର୍ପକ ନଥିଲା...
ଆମ ସମୟ ରେ ନିରାଡମ୍ବର ସରଳତା ଥିଲା
କିଛି ସୁବିଧା ନଥାଇ ମଧ୍ୟ ଉଦାସିନତା ନଥିଲା
ଆଜିର ଅପର୍ଯ୍ୟାପ୍ତ ପ୍ରାଚୁର୍ଯ୍ୟ ମଧ୍ୟ ରେ ବି ଯେଉଁ ବିଦ୍ୱେଷ କ୍ରୋଧ
ଓ ଅହଂକାର ରାଜୁତି କରୁଛି –ସେ ସବୁ ବିଲକୁଲ ନଥିଲା...
ସନ୍ଧ୍ୟାରେ ଦାଣ୍ଡରେ ବାପାବନ୍ଧୁମାନଙ୍କ ତାସର ଆସର ଜମୁଥିଲା
ବୋଉ କାଠୁଲିରେ ପକୁଡିଛାଣି ଦାଣ୍ଡକୁ ପଠଉଥିଲା
ମନଖୋଲି ହସିବାର ସମୟ ଥିଲା
ଆଜିପରି ସନ୍ତୁଷ୍ଟି ପାଇଁ କୁଆଡେ ଯିବାକୁ ପଡୁ ନଥିଲା...
ବେକରେ କାନିଗୁଡେଇ ବୋଉ ବୃନ୍ଦାବତୀଂକୁ ସଂଜଦେଉଥିଲା
ସୋମବାର ଗୁରୁବାର ଦିନ ବାପା ସମସ୍ତଂକୁ ପାଖରେ ବସାଇ
ଠାକୁରଘରେ ଭାଗବତ ପାଠ କରୁଥିଲେ– ଭଗବାନ ବୋଲି
ଜଣେ ଉପରେ ଅଛନ୍ତି –ଏ ବିଶ୍ୱାସ କେହି ଆମକୁ ଦେଉନଥିଲା...
ସୁଖ ସନ୍ତୋଷ ଖୋଜିଲା ବେଳେ –ହତାଶା ନଥିଲା
କାହାକୁ ସାହାଯ୍ୟ କରିବାରେ – ଅହଂକାର ନଥିଲା
ଗୁରୁଜନଂକୁ ସମ୍ମାନ ଦେବାରେ ଅବା ସମସ୍ତଂକୁ
ଭଲପାଇବାରେ – ସଂକୋଚ ନଥିଲା....
ଯେମିତି ପୃଥିବୀ ହିଁ ସ୍ୱର୍ଗ ଏବଂ ଆମ ବ୍ୟବହାର ଓ ଚିନ୍ତାରେ
ଆମେ କରିଦେଇ ପାରୁ ତାକୁ ନର୍କ...
ଏପରି ସରଳକଥାକୁ ସହଜରେ ଜାଣିହେଉଥିଲା
ଅକୃତିମ ପ୍ରୟାସ ଦ୍ୱାରା ଜୀବନକୁ ଜିଇଁ ହେଉଥିଲା...
ଆମ ପିଲା ଦିନ ସମୟର ସଂପର୍କର ଉଷ୍ମତା
ସମୟର ପାହାଚ ଡେଇଁ ଏବେ ଯେପରି ନିର୍ବାସିତ
ସମସ୍ତ ସଦଗୁଣର ବୈଭବ ଏବେ ଯେମିତି ବିପର୍ଯ୍ୟସ୍ତ
ସବୁଅଛି ଭିତରେ ଅନୁଭୁତ ହୁଏ ଯେପରି କିଛିନଥିବାର ଶୂନ୍ୟତା...

**ଚୌଧୁରୀ ବଜାର, କଟକ**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ସତ୍ୟବାଦୀ ଯୁଗ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ

**ଡ. ଅମୂଲ୍ୟ କୁମାର ପଣ୍ଡା**

ସତ୍ୟବାଦୀ–ଚେତନା ଓଡ଼ିଆ ସାହିତ୍ୟରେ ଜାତୀୟତାବାଦୀ ଭାବଧାରା ସୃଷ୍ଟି କରିବାରେ ଥିଲା ପ୍ରମୁଖ ପ୍ରେରଣା । ମାନବବନ୍ଦନା ଥିଲା ଏହାର ଅନ୍ୟତମ ଆଦର୍ଶ । ୧୯୨୧ ମସିହାରୁ ଭାରତବର୍ଷରେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଆରମ୍ଭ ହେଲା ମୁକ୍ତି ସଂଗ୍ରାମ । ଓଡ଼ିଶାରେ ମଧ୍ୟ ତାହା ପ୍ରଭାବ ବିସ୍ତାର କଲା । ଉତ୍କଳମଣି ଗୋପବନ୍ଧୁ ଦାସ ନେଲେ ତାହାର ନେତୃତ୍ୱ । ଏହି ସମୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ସାବତ ଓ ବାଞ୍ଛାନିଧି ମହାନ୍ତି ରଚନା କଲେ ଜାତୀୟ ଉଦ୍‌ବୋଧନମୂଳକ ଗୀତିକା । ସତ୍ୟବାଦୀ ପର୍ବର ଅବସାନ ନ ଘଟୁଣୁ ଓଡ଼ିଆ ସାହିତ୍ୟରେ ଆରମ୍ଭ ହେଲା ସବୁଜ ଚେତନାର ନୂତନ ପର୍ବ । ଏହି ପର୍ବର ପାଞ୍ଚ ଜଣ ତରୁଣ ଲେଖକ ହେଲେ ଅନ୍ନଦାଶଙ୍କର ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର । ଏମାନଙ୍କ ଲେଖାରେ ପ୍ରକାଶ ପାଇଲା ସ୍ୱପ୍ନ, କଳ୍ପନା, ସତ୍ ପ୍ରେମ, ଯୌବନ, ପ୍ରକୃତି ଓ ସୌନ୍ଦର୍ଯ୍ୟବୋଧର ନାନା ଭାବ ଓ ଭାବନା । ଏମାନେ ସମକାଳୀନ ସ୍ୱାଧୀନତା ସଂଗ୍ରାମ ତଥା ସତ୍ୟବାଦୀ ଚେତନା ପ୍ରତି ଅନାସକ୍ତ ରହିଲେ । କାଳିନ୍ଦୀଚରଣ ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧ, ସମାଲୋଚନା ଆଦି ରଚନା କଲେ । ୧୯୩୦ ମସିହା ପରବର୍ତ୍ତୀ ସମୟରୁ ତାଙ୍କର ସ୍ରଷ୍ଟା ମାନସ କ୍ରମଶଃ ପ୍ରଗତଶୀଳ ଭାବଧାରା ପ୍ରତି ଆକୃଷ୍ଟ ହୋଇଛି । 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ମୁକ୍ତାଗଡ଼ର କ୍ଷୁଧା' ଏବଂ 'ଅମର ଚିତା' ତାଙ୍କର ପ୍ରସିଦ୍ଧ ଉପନ୍ୟାସ । ସେ ମଧ୍ୟ ବହୁ ଗ୍ରନ୍ଥର ସ୍ରଷ୍ଟା । ବୈକୁଣ୍ଠନାଥ ଆଜୀବନ କବିତା ଲେଖିଥିଲେ । 'କାବ୍ୟ ସଞ୍ଚୟନ', 'ଉତ୍ତରାୟଣ' ଆଦି ତାଙ୍କର କବିତା ଗ୍ରନ୍ଥ । ଶରତ ଚନ୍ଦ୍ର ଓ ହରିହର ମଧ୍ୟ କେତେକ କବିତା ରଚନା କରିଥିଲେ । ସତ୍ୟବାଦୀ ଆଦର୍ଶରେ ଅନୁପ୍ରାଣିତ ରତ୍ନାକର ପତି ଥିଲେ ଜଣେ ବିଶିଷ୍ଟ ପ୍ରାବନ୍ଧିକ । ତାଙ୍କ ବ୍ୟତୀତ ମୋହିନୀ ମୋହନ ସେନାପତି, ବିପିନ ବିହାରୀ ରାୟ, ବ୍ରଜ ବିହାରୀ ମହାନ୍ତି, କପିଳେଶ୍ୱର ଦାଶ ପ୍ରମୁଖ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଜଗନ୍ନାଥ ପାଣି ଗୀତାଭିନୟ ଜଗତରେ ଯେଉଁ ଧାରା ସୃଷ୍ଟି କଲେ ସେଥିରେ ପରିବର୍ତ୍ତନ ଆଣି ବୈଷ୍ଣବ ପାଣି, ଗୋପାଳ ଦାଶ, ବାଳକୃଷ୍ଣ ମହାନ୍ତି, କୃଷ୍ଣପ୍ରସାଦ ବସୁ, କୃଷ୍ଣ ପ୍ରସାଦ ବେହେରା ନୂତନ ସ୍ୱାଦ ସୃଷ୍ଟି କଲେ । ଭିକାରୀଚରଣ ପଟ୍ଟନାୟକ, କାମପାଳ ମିଶ୍ର ପ୍ରମୁଖ ନାଟକ ରଚନା କରିଥିଲେ ମଧ୍ୟ ନାଟ୍ୟଭାରତୀ ଅଶ୍ୱିନୀ କୁମାର ଘୋଷ ସ୍ୱାଧୀନତା ଲାଭର ପୂର୍ବ ତିରିଶ ବର୍ଷ କାଳ ନାଟକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ । ତାଙ୍କ ରଚିତ 'କୋଣାର୍କ', 'କଳାପାହାଡ', 'ଗୋବିନ୍ଦ ବିଦ୍ୟାଧର', 'କେଶରୀଗଙ୍ଗ', 'ଭୀଷ୍ମ', 'ସାବିତ୍ରୀ', 'ସାଲବେଗ', 'ବନ୍ଧୁ ମହାନ୍ତି', 'ଶ୍ରୀଲୋକନାଥ', 'ତାଜମହଲ', 'ପାଇକ ପୁଅ', 'ଓଡ଼ିଆ ଝିଅ', 'କପିଳେନ୍ଦ୍ର ଦେବ', 'ରଘୁ ଅରକ୍ଷିତ', 'ଦାସିଆ ବାଉରୀ', 'ଶ୍ରୀମନ୍ଦିର', 'ଚଷାଝିଅ' ଆଦି ନାଟକାବଳୀ ଓଡ଼ିଆ ନାଟ୍ୟ ସାହିତ୍ୟର ମଧ୍ୟପର୍ବରେ ଉଲ୍ଲେଖଯୋଗ୍ୟ ସୃଷ୍ଟି ।

ଭାରତୀୟ ମୁକ୍ତି–ସଂଗ୍ରାମକୁ ଅବଲମ୍ବନ କରି ଜାତୀୟତାର ଭାବ ତରଙ୍ଗ ସମଗ୍ର ଭାରତର ଲେଖକମାନଙ୍କ ହୃଦୟରେ ତରଙ୍ଗାୟିତ ହୋଇ ଉଠିଥିଲା । ଗାନ୍ଧିବାଦ ଥିଲା ସେକାଳର ପ୍ରଧାନ ଆଦର୍ଶ । ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ଭଗବତୀ ଚରଣ ପାଣିଗ୍ରାହୀ ୧୯୩୫ ମସିହା ଡିସେମ୍ବର ମାସରେ ନବଯୁଗ ସାହିତ୍ୟ ସଂସଦ ପ୍ରତିଷ୍ଠା କଲେ ଓ ଏହି ସଂସଦ ଆନୁକୂଲ୍ୟରେ ପ୍ରକାଶ କଲେ 'ଆଧୁନିକ' ପତ୍ରିକା । ପ୍ରଗତିବାଦୀ ଆଭିମୁଖ୍ୟ ନେଇ ପତ୍ରିକାର ହେଲା ଗତି । ଭଗବତୀ ଚରଣ, ଅନନ୍ତ ପଟ୍ଟନାୟକ, ସୁନନ୍ଦ କର ପ୍ରମୁଖ ଏହି ନବଯୁଗ ସଂସଦର ସଭ୍ୟ ହେଲେ । ମାର୍କସବାଦ ଓ ପ୍ରଗତିବାଦ ଦ୍ୱାରା ଅନୁପ୍ରାଣିତ ହୋଇ ବହୁ ଲେଖକ ସାହିତ୍ୟ ସୃଷ୍ଟି କଲେ । ଭଗବତୀ ଚରଣଙ୍କର 'ଶିକାର', 'ହାତୁଡ଼ି ଓ ଦା', 'ଜୀବନର ସମାଧୁ', ଜଙ୍ଗଲୀ' ଆଦି ଗଳ୍ପ ଓ ବିବିଧ ପ୍ରବନ୍ଧ, କାଳିନ୍ଦୀ ଚରଣଙ୍କର 'ଆଗାମୀ', 'ଯାଦୁଘର', 'ମୋ କବିତା' ଆଦି କବିତା ସହିତ ଅନନ୍ତ ପଟ୍ଟନାୟକଙ୍କର 'ରକ୍ତ ଶିଖା', 'ଶାନ୍ତି ଶିଖା', 'କିଞ୍ଚିତ, 'ତର୍ପଣ' କରେ ଆଜି' ସଚ୍ଚିଦାନନ୍ଦ ରାଉତରାୟଙ୍କର 'ଅଭିଯାନ', 'ଭାନୁମତୀର ଦେଶ', 'ବାଜି ରାଉତ' ଆଦି କବିତା ପୁସ୍ତକ, ନିତ୍ୟାନନ୍ଦ ମହାପାତ୍ରଙ୍କର କାକରଢ଼ି, ରଘୁନାଥ ଦାସ, ସୁନନ୍ଦ କର ଓ ମନମୋହନ ମିଶ୍ରଙ୍କର କବିତା ଓ ଗଳ୍ପ ପ୍ରଗତିବାଦୀ ପର୍ବର ସମକାଳରେ ମାୟାଧର ମାନସିଂହ, ରାଧାମୋହନ ଗଡନାୟକ ଓ ପରେ ପରେ ବିନୋଦ ଚନ୍ଦ୍ର ନାୟକ, କୁଞ୍ଜବିହାରୀ ଦାଶ ପ୍ରମୁଖ କବିତା ରଚନା କଲେ । ମାନସିଂହଙ୍କ କବିତା ପ୍ରେମ, ପ୍ରଣୟ, ସୌନ୍ଦର୍ଯ୍ୟବୋଧ, ଜାତୀୟତାବୋଧ ଓ ମାନବ–ବନ୍ଦନାର ମାର୍ମିକ ଆଲେଖ୍ୟ । ରାଧାମୋହନ ଗଡ଼ନାୟକ ଜଣେ ବିଶିଷ୍ଟ ଗାଥା କବି । ତାଙ୍କ କବିତାରେ ମଧ୍ୟ ଜାତୀୟତାବୋଧ ଓ ମାନବ–ବନ୍ଦନା ମୁଖ୍ୟ ସ୍ଥାନ ଗ୍ରହଣ କରିଅଛି । ସଚ୍ଚିଦାନନ୍ଦ ରାଉତରାୟ ଓ କୃଷ୍ଣଚନ୍ଦ୍ର ତ୍ରିପାଠୀ ମଧ୍ୟ ସ୍ୱାଧୀନତାର ବହୁ ପୂର୍ବରୁ କବିତା ଲେଖା ଆସୁଥିଲେ । ସ୍ୱାଧୀନତା ପରେ ମଧ୍ୟ ସେମାନେ କବିତା ଲେଖିଅଛନ୍ତି । ସଚ୍ଚିଦାନନ୍ଦ ପ୍ରଗତିବାଦୀ କବିତା ରଚନାରୁ ଗତି କଲେ ପ୍ରୟୋଗବାଦୀ କବିତା ରଚନା କ୍ଷେତ୍ରକୁ । 'ପଲ୍ଲୀଶ୍ରୀ', 'ଅଭିଯାନ', 'ଭାନୁମତୀର ଦେଶ', 'ବାଜିରାଉତ', 'ପାଣ୍ଡୁଲିପି' ଆଦି ସ୍ୱାଧୀନତା ପୂର୍ବବର୍ତ୍ତୀ କବିତା ପୁସ୍ତକ ।

ସ୍ୱାଧୀନତା ପୂର୍ବରୁ କାହ୍ନୁଚରଣ ମହାନ୍ତି ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ ଆର୍ବିଭୁତ ରଚନା କଲେ – ବାଲି ରାଜା', 'ହା'ଅନ୍ନ', 'ପଳାତକ', 'ଶାସ୍ତି' ଆଦି ଉପନ୍ୟାସ । ସ୍ୱାଧୀନତା ପରେ ମଧ୍ୟ ସେ ପ୍ରକାଶ କଲେ । 'ଝଞ୍ଜା', 'ବକ୍ରବାହୁ', 'ତମସା ତୀରେ', 'ଛୁଟିଲେ ଘଟ', 'ମେଲାଣି ମାଗୁଣି' ଆଦି ଉପନ୍ୟାସ । ସ୍ୱାଧୀନତା ପୂର୍ବରୁ ରାଜକିଶୋର ରାୟ, ରାଜକିଶୋର ପଟ୍ଟନାୟକ, ପ୍ରାଣବନ୍ଧୁକର ମଧ୍ୟ ଗଳ୍ପ ରଚନା କରିଥିଲେ । ସ୍ୱାଧୀନତା ପରେ ମଧ୍ୟ ସେମାନେ ଗଳ୍ପ ରଚନା କରିଛନ୍ତି । ରାଜକିଶୋର ପଟ୍ଟନାୟକ ଜଣେ ଗାଳ୍ପିକ ଓ ଔପନ୍ୟାସିକ ଭାବରେ ପରିଚିତ । ଅନନ୍ତ ପ୍ରସାଦ ପଣ୍ଡା, ରାମ ପ୍ରସାଦ ସିଂହ, ଚକ୍ରଧର ମହାପାତ୍ର, ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଆହୁରି କେତେ ଜଣ ଗଳ୍ପ ଓ ଉପନ୍ୟାସ ଲେଖି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ । ସ୍ୱାଧୀନତା ଲାଭ ପରେ ଓଡ଼ିଆ ସାହିତ୍ୟରେ ପାଶ୍ଚାତ୍ୟ ସଂକ୍ରମଣ ଫଳରେ ଅତ୍ୟାଧୁନିକ ଯୁଗର ହେଲା ଉନ୍ମେଷ । ଏହି ସମୟରେ ସମାଜ ଅପେକ୍ଷା ବ୍ୟକ୍ତି–ମଣିଷଟି ପ୍ରାଧାନ୍ୟ ଲାଭ କଲା । ସଚ୍ଚିଦାନନ୍ଦ ରାଉତରାୟ 'ପାଣ୍ଡୁଲିପିରେ ଆଧୁନିକ ଚେତନାର ଯେଉଁ ରୂପ ଅଙ୍କନ କରିଥିଲେ ତାହା ସ୍ୱାଧୀନତା ପରବର୍ତ୍ତୀ କାଳରେ ନୂତନ ରୂପରେ ଗୁରୁପ୍ରସାଦ ମହାନ୍ତି, ବେଣୁଧର ରାଉତ, ଚିନ୍ତାମଣି ବେହେରା, କୃଷ୍ଣଚରଣ ବେହେରା, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ଦୀପକ ମିଶ୍ର, ହରିହର ମିଶ୍ର, କମଳାକାନ୍ତ ଲେଙ୍କା, ପ୍ରତିଭା ଶତପଥୀ ପ୍ରମୁଖଙ୍କ କବିତାରେ ପ୍ରକାଶ ପାଇଲା । ଅପରପକ୍ଷରେ ପ୍ରଗତିବାଦୀ ଆଭିମୁଖ୍ୟକୁ ନେଇ ଅନନ୍ତ ପଟ୍ଟନାୟକ, ରବି ସିଂହ, ବ୍ରଜନାଥ ରଥ, ରଘୁନାଥ ଦାସ ପ୍ରମୂଖ ରଚନା କଲେ କବିତା । ସ୍ୱାଧୀନତା ପୂର୍ବରୁ ଗୋପୀନାଥ ମହାନ୍ତି ଉପନ୍ୟାସ ଲେଖି ଆସୁଥିଲେ । ଆଦିବାସୀ ଜୀବନଧାରାକୁ ନେଇ ଓଡ଼ିଆ ସାହିତ୍ୟରେ ପ୍ରଥମେ ଗୋପାଳବଲ୍ଲଭ ଦାସ ରଚନା କରିଥିଲେ 'ଭୀମ, ଭୂୟାଁ ଉପନ୍ୟାସ । ଗୋପୀନାଥ ମହାନ୍ତି ସେହି ଧାରାରେ ଆପଣାର ଦକ୍ଷତା ପ୍ରଦର୍ଶନ କଲେ । ତାଙ୍କର 'ଦାଦିବୁଢ଼ା', 'ପରଜା', ଅମୃତର ସନ୍ତାନ', 'ଶିବଭାଇ', 'ଅପହଞ୍ଚ', 'ଅନାମ' ଆଦି ଆଦିବାସୀ ଜୀବନଧାରାକୁ ନେଇ ରଚିତ ଉପନ୍ୟାସ । ଏହା ବ୍ୟତୀତ 'ହରିଜନ' 'ରାହୁର ଛାୟା', 'ଦାନାପାଣି', 'ମାଟିମଟାଳ', 'ଆକାଶ ସୁନ୍ଦେରୀ', ବୃନ୍ଦାଏ ପାଣି, ଆଦି ତାଙ୍କର ଉପନ୍ୟାସ ଓ 'ଘାସ ଫୁଲ', 'ଉଡ଼ନ୍ତା ଖଇ', 'ଗୁପ୍ତଗଙ୍ଗା' ଆଦି ତାଙ୍କର ଗଳ୍ପ ପୁସ୍ତକ । ମନୋଜ ଦାସ ଓ ସୁରେନ୍ଦ୍ର ମହାନ୍ତି ମଧ୍ୟ ସ୍ୱାଧୀନତା ପୂର୍ବରୁ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ ଓ ସ୍ୱାଧୀନତା ପରେ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ ଲେଖା ଚାଲିଥିଲେ । 'ବଧୂ ଓ ପ୍ରିୟା' 'ଅନ୍ଧ ଦିଗନ୍ତ', ନୀଳଶୈଳ', 'ନୀଳାଦ୍ରି ବିଜୟ', 'କୃଷ୍ଣାବେଣୀରେ ସନ୍ଧ୍ୟା', 'ହ୍ୟସଗତି', 'କାଳାନ୍ତର', 'ସବୁଜ ପତ୍ର ଓ ଧୂସର ଗୋଲାପ', 'ମରାଳର ମୃତ୍ୟୁ', 'ମହାନିର୍ବାଣ', 'ମହାନଗରୀରେ ରାତ୍ରି', 'ଓଃ କାଲକାଟା', 'ଦୁଇ ସୀମାନ୍ତ', 'କବି ଓ ନର୍ତ୍ତକୀ', 'ରାଜଧାନୀ ଓ ଅନ୍ୟାନ୍ୟ ଗ୍ରନ୍ଥ', 'ଯଦୁବଂଶ ଓ ଅନ୍ୟାନ୍ୟ ଗଳ୍ପ' ଆଦି ତାଙ୍କର ଗଳ୍ପ ପୁସ୍ତକ । ସେ ମଧ୍ୟ ଜଣେ ସମାଲୋଚକ, ପ୍ରାବନ୍ଧିକ, ଆତ୍ମକାହାଣୀ ଓ ଭ୍ରମଣକାହାଣୀ ଲେଖକ ଭାବରେ ସୁପରିଚିତ । ସ୍ୱାଧୀନତା ପରେ ଅନ୍ୟାନ୍ୟ କଥାକାରମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ମହାପାତ୍ର, ରାଜକିଶୋର ରାୟ ଓ ବାମାଚରଣ ମିତ୍ର, କିଶୋରୀ ଚରଣ ଦାସ, ମନୋଜ ଦାସ, କୃଷ୍ଣ ପ୍ରସାଦ ମିଶ୍ର, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, ବସନ୍ତ କୁମାରୀ ପଟ୍ଟନାୟକ, ବସନ୍ତ କୁମାର ଶତପଥୀ, ଗୋବିନ୍ଦ ଦାସ, ଚନ୍ଦ୍ରଶେଖର ରଥ, ରବି ପଟ୍ଟନାୟକ, ବୀଣାପାଣି ମହାନ୍ତି, ରାମଚନ୍ଦ୍ର ବେହେରା, ବିଭୂତି ପଟ୍ଟନାୟକ ଓ ପ୍ରତିଭା ରାୟ ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ । ସ୍ୱାଧୀନତା ପରବର୍ତ୍ତୀ କାଳରେ ଭୂବନେଶ୍ୱର ବେହେରା ଜଣେ ଉଚ୍ଚକୋଟୀର ରମ୍ୟରଚକ, ଗାଳ୍ପିକ ଓ ଭ୍ରମଣ କାହାଣୀ ଲେଖକ ଭାବରେ ଆପଣାର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି । ସ୍ୱାଧୀନତା ପୂର୍ବରୁ ଉପନ୍ୟାସ ଓ କବିତା ରଚନା କରି ଯଶସ୍ୱୀ ହୋଇଥିବା ହରେକୃଷ୍ଣ ମହତାବ ସ୍ୱାଧୀନତା ପରେ ନିରବଚ୍ଛିନ୍ନ ଭାବରେ କବିତା, ଗଳ୍ପ, ଉପନ୍ୟାସ ଓ ରମ୍ୟରଚନା ଲେଖିଛନ୍ତି । 'ଝଙ୍କାର' ପତ୍ରିକା ମାଧ୍ୟମରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ନବ ନିର୍ମାଣ କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

> **ଏହି ସମୟରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ସାବତ ଓ ବାଞ୍ଛାନିଧି ମହାନ୍ତି ରଚନା କଲେ ଜାତୀୟ ଉଦ୍‌ବୋଧନମୂଳକ ଗୀତିକା । ସତ୍ୟବାଦୀ ପର୍ବର ଅବସାନ ନ ଘଟୁଣୁ ଓଡ଼ିଆ ସାହିତ୍ୟରେ ଆରମ୍ଭ ହେଲା ସବୁଜ ଚେତନାର ନୂତନ ପର୍ବ । ଏହି ପର୍ବର ପାଞ୍ଚ ଜଣ ତରୁଣ ଲେଖକ ହେଲେ ଅନ୍ନଦାଶଙ୍କର ରାୟ, କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର ।**

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ – ୮୨୪୯୫୦୨୭୭୬**

# ବୟସର ପୃଷ୍ଠଭୂମି

**ତୃପ୍ତି ପଣ୍ଡା**

ଖୁବ ଛୋଟରୁ ପୃଷ୍ଠଭୂମି ଟିଏ ସ୍ଥାପନ କରାଗଲା ସେ'ଦିନ । ବେଶ୍ ସୁନ୍ଦର ତଥା ଆନନ୍ଦ ମୁଖର ପରିବେଶ ଆତ୍ମୀୟଙ୍କ ଆତ୍ମୀୟତା ଭିତରେ ନାମକରଣର ସଂସ୍କାର ସଂପୂର୍ଣ୍ଣ ହୋଇଥିଲା । ଆୟୁଷର ଆୟୁ ଆସ୍ତେ ଆସ୍ତେ ଆଗେଇ ଚାଲିଲା ତା'ବାଟରେ । ଲାଳନ ପାଳନର ଗୁରୁ ଦାୟିତ୍ୱ, ପିତା ମାତାଙ୍କ ଆଦର ମମତା ପରିବର୍ଦ୍ଧିତ କଲା ନିଜର ପୃଷ୍ଠଭୂମିର ବୟସକୁ ।

ସେତେବେଳ ସେ କୁନି ପିଲାଟିଏ ଥିଲା । ବୁଝି ନ ଥିଲା ବୟସକୁ । ଏବେ ସେ ଆଗେଇଲା ଦୁଇ ପାଦ, ଦେଖିଲା ଦୁନିଆର ଚାକଚକ୍ୟ । ରଙ୍ଗୀନ ପ୍ରଜାପତି ପରି ଉଡ଼ିବୁଲିଲା ତା' ମନର ବୟସ । ବିନା ବନ୍ଧନ, ଅମାନିଆ ଓ ଅହଂକାର ଟାଣିନେଲା ତାକୁ ଆଉ ଏକ ଦୁନିଆକୁ । ଏବେ ଏବେ ତାକୁ ଯୌବନ ଛୁଇଁଲା । ପ୍ରଭେଦର ତାରତମ୍ୟ କାରଣରୁ ସୃଷ୍ଟି ହେଲା ଜିଜ୍ଞାସା । ଆକର୍ଷଣର ମୋହ ଟାଣିନେଲା କିଛି କ୍ଷଣ ବାସନା ଆଡକୁ । ସାଗରରେ ଉତ୍ତାଳ ତରଙ୍ଗ । ତରଙ୍ଗାୟିତ ଜୀବନର ବୟସ । ହାରମାନିଲା ମନର ବୟସ । ସେ ଝିଅ ବୋଲି ସିନା ଅନେକ ଲୋଲୁପ ଦୃଷ୍ଟିର ଶିକାର ହେଲା । ତଥାପି ବୟସ ତଥା ସୁନ୍ଦରତା ଦୃଷ୍ଟିରୁ ଦେଖାଇ ହେବାର ନିଶା ପୁଣି ଶେଷରେ ବନ୍ଧନର ଗୋଟେ ପୃଷ୍ଠଭୂମିରେ ଠିଆ ହେଲା ଜୀବନ ।

ଆରମ୍ଭ ହେଲା ପ୍ରକୃତ ଜୀବନର ମାନଦଣ୍ଡ । ଆଜି ସେ ସାଜିଛି କାହାର ବୋହୂ ଓ କାହାର ସ୍ତ୍ରୀ । ସମାଜ ସଂସ୍କାର ପୁଣି ସଂସାର ତଥା ନିଜ ଜୀବନର ସାର୍ଥକତାକୁ ପ୍ରତିପାଦନ କରିବାର ସୁବର୍ଣ୍ଣ ସୁଯୋଗ ଇଏ ।



ବଢିଲା ବୟସ ଏବେ ଆହୁରି ଆଗେଇଲା ଦୁଇପାଦ । ଢାଳି ଦେଲା ସବୁ ଭକ୍ତି, ପ୍ରତିପାଦନ କଲା ପରମାନଙ୍କୁ ଆପଣାର କରିବାର ସମସ୍ତ କଳା, ଟିକିଏ ସ୍ନେହ, ଆଦର, ମମତା ପାଇବା ପାଇଁ ଆପଣାର ନ ଥିବା ପରିବାରକୁ ସମ୍ପୂର୍ଣ୍ଣ ରୂପେ ଆପଣାଇ ନେଲା । ତଥାପି କିଛି କମ୍ ରହିଗଲା ସବୁବେଳେ । ପର ଆପଣାର ଭେଦଭାବ ପରିବାରର ଆତ୍ମୀୟତାରେ ପ୍ରତିବନ୍ଧକ ସାଜିଲା ବାରମ୍ବାର । ଡାକିଲେ ସମସ୍ତେ ଆସିବେ ନ ଡାକିଲେ କେହି ଆସିବେନି । ତଥାପି ସ୍ତ୍ରୀର ଦାୟିତ୍ୱ ଭଲପାଇବାର ମହାମନ୍ତ୍ର, ସଂପୂର୍ଣ୍ଣ ସମର୍ପିତା ସାଜିଲା ଆସକ୍ତ ବୟସ ।

ଆଜି ନାରୀ ଜୀବନର ପୂର୍ଣ୍ଣତା ତଥା ମାତୃତ୍ୱର ସ୍ପର୍ଶରେ ଅଧୀର ତଥା ଅସ୍ଥିର ତା'ର ହୃଦୟ । ଏବେ ସେ ବୁଝିଲା ତା' ପିତାମାତାଙ୍କ ଚିନ୍ତା ଓ ଚେତନା । ଲାଳନ ପାଳନ, ନିଅଣ୍ଟ ପଡ଼ିଲା ସମୟ, ନିଜ ପାଇଁ ଭାବିବାକୁ ବି ପାଇଲାନି ବେଳ । ଦିନେ ସେ ବି ହସିଥିଲା ଫୁଲ ହୋଇ ଆଜି ତା' ଅଗଣାରେ ତା' ଆତ୍ମଜାଙ୍କ କୋଳାହଳ । ଏବେ ନିମ୍ନଗାମୀ ବୟସ । ଦାୟିତ୍ୱର ଗୋଟେ ପରିପାଟୀ ଭିତରେ ଏବେ ଏବେ ଆସିଲା ବିରକ୍ତି ଭାବନା ଜୀବନ ଜଞ୍ଜାଳ ପ୍ରତି । ଅଢେଇ ଦିନର ସଂସାର ପ୍ରତି ଆଶା ଅସୁମାରୀ ସପନ ସଜାଇ ସଜାଇ ଥକିଗଲାଣି ପାଦ, ବର୍ତ୍ତମାନ ନିଜ ପାଇଁ ନୁହେଁ ଏବେ ତା'ଛୁଆ, ସଂସାର, ସ୍ୱାମୀଙ୍କ ପାଇଁ ସେ ଜୀଇଁଛି ।

ପରିପୂର୍ଣ୍ଣ ଏବେ ପରିବାର । ବାର୍ଦ୍ଧକ୍ୟ ଆଡକୁ ଅଗ୍ରସର ପାଦ ପରେ ପାଦ । ଶରୀରକୁ ଆବୁରି ବସିଲାଣି ରୋଗ । ପୁଅ ଆରମ୍ଭ କଲାଣି ତା' ପରିବାର । ନୂଆ ନୂଆ ବନ୍ଧନଟେ ସୃଷ୍ଟି ଆଶାରେ ବୋହୂ ହସୁଛି ଫୁଲ ପରି । ଯତ୍ନ ସହକାରେ ଚେଷ୍ଟିତ ଆତ୍ମୀୟତାରେ ଆପଣାଉଛି ଆମକୁ । ମାତ୍ର, ମୁଁ ଶାଶୁ । ଆଜି ମୁଁ କର୍କଶ, କଠୋର, ଗର୍ବ, ଅହଂକାର ଭିତରେ ନିଜର ନିଜତ୍ୱ ଆଗରେ ଫିକା ଲାଗୁଛି ଆତ୍ମୀୟତା । ଗୋଡେ ଗୋଡେ ତା'ବିଚାର ଧାରା ସହ ତୁଳନାତ୍ମକ ବିଶ୍ଳେଷଣ ଟାଣିନେଉଛି ମୋତେ । ପୁଅର ସ୍ନେହ ମମତା ହୋଇଗଲା ଦୁଇଭାଗ । ମୋ ପରିବାର ମୋ ଝିଅ–ଜ୍ୱାଇଁ, ପୁଅ ଏମାନେ ମୋ ପାଇଁ ନିଜର । ମାତ୍ର ବୋହୂକୁ ଗ୍ରହଣ କରିବା, ଝିଅ ପରି ମାନିନେବା ବହୁତ କଠିନ ହୋଇପଡେ ମୋ ପାଇଁ । ହାରିବାର ନାହିଁ ମୋର । ବାସ୍ ବୟସର ପାଦଚିହ୍ନ ପୃଷ୍ଠଭୂମିରେ ନିଆରା ଅନୁଭବ । ଦୂରେଇ ଯାଏ ହୃଦୟରୁ ହୃଦୟ ଅନେକ ଅଶାନ୍ତିର ବାତାବରଣ ମଧ୍ୟରେ ଭାଙ୍ଗୁଥାଏ ସଂସାର । ତଥାପି ଶାଶୁର ପଦବୀରେ ନ ଲାଗୁ କଳଙ୍କ । ନାରୀ ଜୀବନର ପାଦ ପରେ ପାଦକୁ ନେଇ ଗଢା ହୋଇଥିବା ଜୀବନର ବୟସ, ମାନସିକତାର ଉଦାହରଣ ଓ ଶେଷ ପୃଷ୍ଠଭୂମି ।

**ଗୁଣ୍ଡିଚା ବିହାର, ପୁରୀ–୨,**
**ମୋ–୭୦୦୮୯୨୪୫୪୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶୃଙ୍ଖଳା...

ଅଧିନାୟକ ଲୋକେଶ ରାହୁଲ ବିଶାଖାପାଟଣାମରେ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । କାରଣ ରାୟପୁରରେ କାକର ସମସ୍ୟା ଯୋଗୁଁ ପରାଜୟରେ ରହିଥିଲା ଦ.ଆଫ୍ରିକା । ତେଣୁ ରାହୁଲଙ୍କ ବୋଲିଂ ନିଷ୍ପତ୍ତି ନେଇ ଦ.ଆଫ୍ରିକାକୁ ଆରମ୍ଭରୁ ଚକମା ଦେଇଥିଲେ । ଦ.ଆଫ୍ରିକାର ଓପନର କ୍ୱିଣ୍ଟନ ଡିକକ୍ ୧୦୬ ରନର ଶତକୀୟ ଇନିଂସ ଖେଳିଥିବା ବେଳେ ଅଧିନାୟକ ଟେମ୍ବା ବାଭୁମା ୪୮, ମାଥ୍ୟୁ ବିଟ୍‌ଜେ ୨୪, ଡେୱାଲଡ ବ୍ରେଭିସ ୨୯, କେଶବ ମହାରାଜ ୨୦ ରନ୍ କରିଥିଲେ । ଯାହା ପୂର୍ବରୁ ଆଶା କରାଯାଉଥିଲା କର ବା ମର ମ୍ୟାଚରେ ଦ.ଆଫ୍ରିକା କିଛି କରିବ । କିନ୍ତୁ ଭାରତୀୟ ବୋଲରଙ୍କ ଶାଣିତ ବୋଲିଂ ଆଗରେ କେବଳ କ୍ୱିଣ୍ଟନ ଡିକକ ହିଁ ତିଷ୍ଠି ଥିଲେ । ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବ ୪ଟି ଲେଖାଏଁ ୱିକେଟ୍ ସଫଳତା ହାସଲ କରି ଦ.ଆଫ୍ରିକାର ବ୍ୟାଟିଂ ଦୁର୍ଗକୁ ଧ୍ୱସ୍ତ କରିଥିଲେ । ଦ୍ରୁତ ବୋଲର ଅର୍ଶଦୀପ ସିଂ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ଅକ୍ତିଆର କରି ଦ.ଆଫ୍ରିକା ଇନିଂସ ପରିସମାପ୍ତିରେ ଅଂଶୀଦାର ହୋଇଥିଲେ ।

ବିଶାଖାପାଟଣାମରେ ଭାରତ ୨୭୧ ରନର ବିଜୟଲକ୍ଷ୍ୟକୁ ପିଛା କରିଥିଲା । ଲକିଭେନ୍ୟୁ ବିଶାଖାପାଟଣାମରେ ଭାରତର ଆରମ୍ଭ ଜମାଣିଆଥିଲା । ଓପନର ଯଶସ୍ୱୀ ଜୟସ୍ୱାଲଙ୍କ ସହ ରୋହିତ ଶର୍ମା ଦଳକୁ ଫ୍ଲାଇଂଷ୍ଟାର୍ଟ ଦେଇଥିଲେ । ଉଭୟଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୧୫୧ ରନର ଭାଗିଦାରୀ ହୋଇଥିଲା । ରୋହିତ ଶର୍ମା ୭୩ ବଲର ସମ୍ମୁଖୀନ ହୋଇ ୭ଟି ଚୌକା ଓ ୩ଟି ଛକା ସହାୟତାରେ ୭୫ ରନ୍ କରିଥିଲେ । ତାଙ୍କ ୱିକେଟ୍ ପତନ ପରେ ପଡ଼ିଆକୁ ଆସିଥିଲେ ବିରାଟ କୋହଲି । କ୍ରମାଗତ ଦୁଇଟି ଶତକ ସହ ଭଲ ଫର୍ମରେ ଥିବା କୋହଲି ଆରମ୍ଭରୁ ହିଁ ଆକ୍ରମଣ କରିଥିଲେ । ପ୍ରଥମେ ଜୟସ୍ୱାଲ ଶତକ ପୂରଣ କରିଥିଲେ । ଏହାପରେ ବିରାଟ କୋହଲି ଅର୍ଦ୍ଧଶତକ ମାରି ଦଳକୁ ବିଜୟର ନିକଟତର କରାଇଥିଲେ । ଜୟସ୍ୱାଲ ୧୨୧ ବଲର ସମ୍ମୁଖୀନ ହୋଇ ୧୨ଟି ଚୌକା ଓ ୨ଟି ଛକା ସହାୟତାରେ ଅପରାଜିତ ୧୧୬ ରନ୍ କରିଥିଲେ । ସେହିଭଳି ବିରାଟ କୋହଲି ୪୫ ବଲରୁ ୬ଟି ଚୌକା ଓ ୩ଟି ଛକା ମାରି ଅପରାଜିତ ୬୫ ରନ୍ କରିଥିଲେ । ଭାରତ ୩୯.୫ ଓଭରରେ ୨୭୧/୧ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ଦ.ଆଫ୍ରିକାର କେଶବ ମହାରାଜଙ୍କ ଏକମାତ୍ର ୱିକେଟ୍ ସଫଳତା ମିଳିଥିଲା । ଭାରତ ୩ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ୨-୧ରେ କବଜା କରିନେଇଛି । ଦିନିକିଆ ଶୃଙ୍ଖଳା ଶେଷ ହୋଇଥିବା ବେଳେ ଆଗାମୀ ୯ ତାରିଖରୁ ଟି-୨୦ ଶୃଙ୍ଖଳା ବିଗୁଲ ବାଜିବ । ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ ବାରବାଟୀରେ ଖେଳାଯିବ ।

## ୨୦୩୬...

ଗବେଷକ, ଅନୁଷ୍ଠାନ ଏବଂ ବିଶ୍ୱର ଶକ୍ତି ବିଶେଷଜ୍ଞ ମାନଙ୍କୁ ଏକତ୍ରିତ କରି ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରତା ଓ ସ୍ଥାୟୀତ୍ୱ ହାସଲ କରିବା ପାଇଁ ଏକ ଅଭିନବ ପ୍ରୟାସ । ଏହା ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଏକ ସ୍ପଷ୍ଟ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମ ସର୍ବଭାରତୀୟ ପଦକ୍ଷେପ ।

ମୁଖ୍ୟମନ୍ତ୍ରୀ କହିଲେ ଯେ, ୨୦୨୪ ପୂର୍ବରୁ, ସାରା ଦେଶରେ ଉଭୟ ଗ୍ରାହକ ଏବଂ ଶିଳ୍ପକୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ଏକ ଚ୍ୟାଲେଞ୍ଜ ଥିଲା । ଘରୋଇ ଚାହିଦା ପୂରଣ କରିବା ପାଇଁ ବିଦ୍ୟୁତ୍ ଉତ୍ପାଦନ ଯଥେଷ୍ଟ ନଥିଲା । ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ସାଧାରଣ ଘଟଣା ଥିଲା । ବିଦ୍ୟୁତ୍ ଉତ୍ପାଦନରେ ହ୍ରାସ ଦେଶର ଶିଳ୍ପ ଏବଂ ବାଣିଜ୍ୟକୁ ମଧ୍ୟ ପ୍ରଭାବିତ କରୁଥିଲା । କିନ୍ତୁ, ଗତ ଦଶନ୍ଧିରେ ଏସବୁରେ ଉନ୍ନତି ଆସିଛି ଏବଂ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଶକ୍ତି ମନ୍ତ୍ରଣାଳୟର ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଦ୍ୱାରା ଏହା ସମ୍ଭବ ହୋଇଛି । ବର୍ଦ୍ଧିତ ଚାହିଦା, ଭିତ୍ତିଭୂମି ବିକାଶ ଏବଂ ପାରମ୍ପରିକ ଏବଂ ନବୀକରଣୀୟ ଶକ୍ତି ଉଭୟ ପାଇଁ ଦୃଢ଼ ନୀତିଗତ ସମର୍ଥନ ଦ୍ୱାରା ଭାରତର ଶକ୍ତି କ୍ଷେତ୍ର ଗତ ୧୧ ବର୍ଷରେ ଦୃଢ଼ ଅଭିବୃଦ୍ଧି ହାସଲ କରିପାରିଛି ।

ଯେକୌଣସି ଦେଶ, ରାଜ୍ୟ କିମ୍ବା ସମାଜର ନିରନ୍ତର ବିକାଶ ପାଇଁ ପର୍ଯ୍ୟାପ୍ତ ଶକ୍ତି ଆବଶ୍ୟକ । ବିଦ୍ୟୁତ୍ ଉତ୍ପାଦ ସହିତ, ବିଦ୍ୟୁତ୍ ଆବଣ୍ଟନ ପାଇଁ ଭିତ୍ତିଭୂମି ଗଠନ ମଧ୍ୟ ଆବଶ୍ୟକ । ବର୍ତ୍ତମାନ, ତାପଜ ଉତ୍ସରୁ ଭାରତର ବିଦ୍ୟୁତ୍ ଉତ୍ପାଦନ ମାତ୍ର ୫୧ ପ୍ରତିଶତ, ଯାହା ଆଗାମୀ କିଛି ଦିନ ମଧ୍ୟରେ ଆହୁରି ହ୍ରାସ ପାଇବ । ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସ୍ଥାୟୀ ଭାବରେ ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି । ଆମ ସରକାର ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ଏମିସନ ହାସଲ କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରିଛି ଏବଂ ଏହି ଦାୟିତ୍ୱକୁ ହାସଲ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାର ଶିଳ୍ପ ନୀତିରେ ଶକ୍ତି ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ବିଶେଷକରି ନବୀକରଣୀୟ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଏହାକୁ ଏକ ଘରୋଇ ଶିଳ୍ପ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ନବୀକରଣୀୟ ଶକ୍ତିରେ ଓଡ଼ିଶାର ପ୍ରଗତି ନିମନ୍ତେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ରାଜ୍ୟ ପାଇଁ ଦେଢ଼ ଲକ୍ଷ ସୂର୍ଯ୍ୟ ଘର ଅନୁମୋଦନ ଘୋଷଣା କରିଥିଲେ । ଯାହାଫଳରେ ରାଜ୍ୟର ସାତ ଆଠ ଲକ୍ଷ ଲୋକ ଉପକୃତ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଭାରତର ସୌରଶକ୍ତି କ୍ଷମତା ୨୦୧୪ରେ ୨.୮ ଗିଗାୱାଟରୁ ବର୍ତ୍ତମାନ ୧୩୦ ଗିଗାୱାଟକୁ ବୃଦ୍ଧି ପାଇଛି । ସେ ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସୁଦୃଢ଼ କରିବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ।

ଏହି ଅବସରରେ ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ସାର୍ ଟୋନି ବ୍ଲେୟାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମାରୋହକୁ ସମ୍ବୋଧିତ କରି ଓଡ଼ିଶାକୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଯେ ଯେତେବେଳେ ଗୋଟିଏ ସରକାର କାର୍ଯ୍ୟ କରେ ସେତେବେଳେ ଶକ୍ତି ପରିବର୍ତ୍ତନ ସଫଳ ହୁଏ ନାହିଁ, କିନ୍ତୁ ଯେତେବେଳେ ସମୟ ସହିତ ଅନେକ ସରକାର ସମାନ ଦିଗରେ କାର୍ଯ୍ୟ କରନ୍ତି ସେତେବେଳେ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଉଦ୍ୟମ ସଫଳ ହୁଏ । ଏହା ହିଁ ଜିଏଲ୍‌ଏସ୍‌ର ଉଦ୍ଦେଶ୍ୟ ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, କୋଣାର୍କ ସୂର୍ଯ୍ୟ ମନ୍ଦିର ଆମକୁ ମନେ ପକାଇ ଦିଏ ଯେ ଶକ୍ତି ସହିତ ଭାରତର ସମ୍ପର୍କ ଶତାବ୍ଦୀ ଧରି ଆମ ସଭ୍ୟତାର ଏକ ଅଂଶ ହୋଇଆସିଛି । ୨୦୩୦ ସୁଦ୍ଧା, ଆମେ ଶିଳ୍ପ ଏବଂ କୃଷିରେ ନବୀକରଣୀୟ ଶକ୍ତି ବ୍ୟବହାର କରି ବ୍ୟାପକ ପରିବର୍ତ୍ତନ ପାଇଁ ଲକ୍ଷ୍ୟ ରଖିଛୁ । ୨୦୩୬ ସୁଦ୍ଧା, ଯେତେବେଳେ ଓଡ଼ିଶା ୧୦୦ ବର୍ଷ ପୂରଣ କରିବ, ଆମେ ସ୍ୱଚ୍ଛ ଶକ୍ତି, ଉତ୍ପାଦନ ଏବଂ ସବୁଜ ହାଇଡ୍ରୋଜେନର ଅଗ୍ରଣୀ କେନ୍ଦ୍ର ହେବାକୁ ଉଦ୍ୟମ ଆରମ୍ଭ କରିଛୁ ବୋଲି ସେ କହିଥିଲେ ।

ଏହି ଅବସରରେ ଦିଲ୍ଲୀର ଶକ୍ତି ମନ୍ତ୍ରୀ ଆଶିଷ ସୁଦ, ରାଜସ୍ଥାନର ଶକ୍ତି ମନ୍ତ୍ରୀ ହୀରା ଲାଲ ନାଗର, ମୁଖ୍ୟ ଶାସନ ସଚିବ, ମନୋଜ ଆହୁଜା, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜର ବରିଷ୍ଠ ଶକ୍ତି ପରାମର୍ଶଦାତା ପିଅରେ ନୋଏଲ, ଆଇଆଇଟି କାନପୁରର ସେଣ୍ଟର ଫର ଏନର୍ଜି ରେଗୁଲେସନ୍ ଆଣ୍ଡ ଏନର୍ଜି ଆନାଲିଟିକ୍ସ ଲ୍ୟାବର ମୁଖ୍ୟ ପ୍ରଫେସର ଅନୁପ ସିଂହ ପ୍ରମୁଖ ମଞ୍ଚାସୀନ ଥିଲେ ।

## ଇଣ୍ଡିଗୋ...

ପକ୍ଷରୁ କୁହାଯାଇଛି ଯେ ଅଗ୍ରାଧିକାର ଦେଇ ସ୍ଥିତି ସ୍ୱାଭାବିକ କରିବାକୁ କୁହାଯାଇଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଇଣ୍ଡିଗୋକୁ ଗ୍ରାହକଙ୍କ ଉପରେ ପଡ଼ିଥିବା ପ୍ରଭାବ ଓ ବିମାନ ସେବାରେ ହୋଇଥିବା ତ୍ରୁଟି ଓ ଲୋକଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି କରିଥିବାରୁ ଜରିମାନା ଦେବାକୁ ପଡିପାରେ । ଇଣ୍ଡିଗୋ ସଂକଟ ଯୋଗୁଁ ବିମାନ ଯାତ୍ରୀ ଭଡା ବିଭିନ୍ନ ରାସ୍ତାରୁ ବୃଦ୍ଧି ପାଇଛି । କେନ୍ଦ୍ର ସରକାର ଏହା ଉପରେ ଅଙ୍କୁଶ ଲଗାଇଛନ୍ତି । ୫୦୦ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା ପାଇଁ ଯାତ୍ରୀ ଭଡ଼ା ୭,୫୦୦ ଟଙ୍କା, ୫୦୦ରୁ ୧୦୦୦ କିଲୋମିଟର ପାଇଁ ଯାତ୍ରୀ ଭଡ଼ା ୧୨,୦୦୦ ଟଙ୍କା, ୧୦୦୦ରୁ ୧୫୦୦ କିଲୋମିଟର ଲାଗି ୧୫୦୦୦ ଟଙ୍କା ଓ ୧୫୦୦ କିଲୋମିଟର ଦୂରତାକୁ ଉର୍ଦ୍ଧ୍ୱ ଉଡାଣ ପାଇଁ ୧୮୦୦୦ ଟଙ୍କା ଭଡା ଧାର୍ଯ୍ୟ କରାଯାଇଛି । ଇତିମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଇଣ୍ଡିକୋକୁ ନିର୍ଦ୍ଦେଶ ଦିଆଯାଇଛି ଯେ ରବିବାର ସୁଧା ବାତିଲ ହୋଇଥିବା ସବୁ ବିମାନର ଭଡ଼ା ଫେରାଅ । ୧୦୦୦ ରୁ ଉର୍ଦ୍ଧ୍ୱ ବିମାନ ବାତିଲ ହେବା ପରେ ଏହି ପଦକ୍ଷେପ ନିଆଯାଇଛି । ଏୟାରଲାଇନକୁ ଡିଜି ସିଏ ପକ୍ଷରୁ ଅନେକ ନିୟମରେ କୋହଳ କରାଯାଇଛି । ଏଥିରେ ଉଡାଣର ସମୟ ଓ ପାଇଲଟଙ୍କ ପାଇଁ ଥିବା ବ୍ୟବସ୍ଥାରେ ସରଳୀକରଣ କରାଯାଇଛି । ଇଣ୍ଡିଗୋ ପକ୍ଷରୁ କୁହାଯାଇଛି ଯେ ଡିସେମ୍ବର ୬ରୁ ୧୫୦୦ ବିମାନ ଚଳାଚଳ କରିପାରିନାହିଁ । ଏବେ ୧୩୫ଟି ବିମାନ ୧୩୮ ଟି ସ୍ଥାନରୁ ଚାଲୁଛି ।

## ବିନା...

କରିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିବା ବେଳେ ସରକାର ଏହାକୁ ମାନୁନାହାନ୍ତି । ଏହାସହ ୧୭ଟି ଜିଲ୍ଲାରେ ଅନେ୍ୱଷା ଯୋଜନା କାର୍ଯ୍ୟକାରୀ ହେବ ବୋଲି ବିଭାଗୀୟ ମନ୍ତ୍ରୀ ପତିଶ୍ରୁତି ଦେବେ କି ?

କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା କହିଥିଲେ, ଏସ୍‌ସି/ଏସ୍‌ଟିଙ୍କ ସୁରକ୍ଷା ଲାଗି ସମ୍ବିଧାନରେ ଆଇନ ଅଛି । ଏବେର ସରକାର ବିରୋଧୀ ଦଳରେ ଥିବା ବେଳେ ପେସା ଆଇନ ଲାଗୁ ହେଉ ବୋଲି କହିଥିଲେ । ହେମଗିରିରେ କୋଇଲାଚୋରି କରିଥିବା ଅଭିଯୋଗରେ ୪ଜଣ ଆଦିବାସୀଙ୍କୁ ଗରିଫ କରାଗଲା । ହେଲେ ଲକ୍ଷ ଲକ୍ଷ ମେଟ୍ରିକ ଟନ କୋଇଲା ଚୋରି କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନି । ଗ୍ରାମସଭା ବିନା ହଜାର ହଜାର ଏକର ଜମିକୁ କମ୍ପାନୀଙ୍କୁ ଟେକି ଦିଆଯାଉଛି । ଗଞ୍ଜାମରେ ଦଳିତ ଭାଇଙ୍କୁ ଡ୍ରେନ ପାଣି ପିଆଇଲେ, କିନ୍ତୁ ଦାଷୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ହୋଇନି । ଗ୍ରାମସଭାରେ କୋରମ ନଥାଇ ପାରିତ କରାଯାଉଛି । ୨୦୧୧ରୁ ଆଜି ପର୍ଯ୍ୟନ୍ତ ବାର୍ଷିକ ରିପୋର୍ଟ ରାଷ୍ଟ୍ରପତିଙ୍କୁ ପଠାଗଲା ନାହିଁ । ରାଜ୍ୟପାଳ ବି ଏ ପ୍ରସଙ୍ଗରେ ଉଦବେଗ ପ୍ରକାଶ କରିଥିଲେ ।

ବିଜେପି ବିଧାୟକ ଅଶ୍ୱିନୀ ଷଡଙ୍ଗୀ ୨୦୨୩-୨୪ରେ ଖାଦ୍ୟ ଯୋଗାଣ ପାଇଁ ୨୨୨୯ କୋଟି ଟଙ୍କା ବଜେଟ୍ ପ୍ରାବଧାନ ଥିଲା ଏବେ ଏହା ୪୩୩୫ କୋଟିରେ ପହଞ୍ଚିଛି । ଯାହା ୨୮ ପ୍ରତିଶତ ଅଧିକ । ବିଜେଡି ସରକାର ସମୟରେ ଦଳୀୟ ଭିତ୍ତିରେ ରାସନକାର୍ଡ ବଣ୍ଟାଯାଉଥିଲା । ସାଧବା ପାଉଥିଲେ ବିଧବା ଭତ୍ତା, ଯୁବକ ପାଉଥିଲେ ବାର୍ଦ୍ଧକ୍ୟ ଭତ୍ତା, ଦୁଇ ମହଲା କୋଠା ଥିବା ବ୍ୟକ୍ତି ପାଉଥିଲା ଆବାସ ଘର । ମୋହନ ସରକାର ଆସିବା ପରେ ପ୍ରକୃତ ହିତାଧିକାରୀ ରାସନକାର୍ଡ ପାଉଛନ୍ତି । ଇ-କେଓ୍ୱାଇସି ହେବା ଦ୍ୱାରା ୬ ଲକ୍ଷ ୯୩ ହଜାର ୯୯୫ ଜଣ ମୃତ ବ୍ୟକ୍ତି ଥିବା ଜଣାପଡିଥିଲା । ସେହିପରି ୨୦୭୯୮ ଜଣ ସରକାରୀ କର୍ମଚାରୀ ଚାଉଳ ମଧ୍ୟ ଉଠାଉଥିବାର ଧରାପଡିଛନ୍ତି । ୪୫୪୪୩ ଜଣ ଆୟକର ଦାତା ରାସନକାର୍ଡ ଧାରୀଙ୍କ ନାମ କଟାଯାଇଛି । ମୋଟ ୨୧୦ କୋଟି ରାଜସ୍ୱ ରକ୍ଷାଯାଇଛି । ବାହାର ରାଜ୍ୟରେ ଥିବା ୧ ଲକ୍ଷ ୪୫ ହିତାଧାରୀଙ୍କ ଇ -କେୱାଇସି ହୋଇଛି । ରାଜ୍ୟରେ ମୋଟ ୯୬% କେୱାଇସି କରାଯାଇଛି ।

ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କହିଥିଲେ, ବଳକା ଚାଉଳକୁ ଏଫ୍‌ସିଆଇ ଉଠାଣ ଲାଗି କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟ କମିଟି ଆଲୋଚନା କରନ୍ତୁ । ମିଲରମାନଙ୍କ ପାଖରେ ବଳକା ଚାଉଳ ରହିଥିବାରୁ ଧାନ ସଂଗ୍ରହରେ ବିଳମ୍ବ ହେଉଛି । କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ କହିଥିଲେ, ଯାହା ହୋଇଛି କଂଗ୍ରେସ ସରକାର ଅମଳରେ । ଗରୀର ଖଟିଖିଆ ପାଇଁ କଂଗ୍ରେସ ସରକାର ଯୋଜନା କରିଛି । ପୂର୍ବରୁ ବିଜେଡି ରଙ୍ଗ ମାରୁଥିବା ବେଳେ ଏବେର ସରକାର ରଙ୍ଗ ବଦଳାଉଛନ୍ତି । ସାଧାରଣ ଗରିବ ଲୋକ ୨୫ କେଜି ଚାଉଳ ପାଉଥିବା ବେଳେ ଅନ୍ତୋଦ୍ୱୟରେ ୩୫ ଚାଉଳ ପାଉଥିଲେ । ସରକାର ଏବେ କାହିଁକି ୫ କେଜିକୁ ଆଣିଲେ ? ଡବଲ ଇଞ୍ଜିନ ସରକାର ଗରିବ ଲୋକଙ୍କ ପାଇଁ ମୁଣ୍ଡ ପିଛା ୧୫ କେଜିରୁ ୨୦ କେଜି ଚାଉଳ କରନ୍ତୁ । ଏସ୍‌ସି/ଏସଟି ବିଭାଗ ସମ୍ପର୍କରେ ସେ କହିଥିଲେ ୨୦୨୪-୨୫ରେ ଏହି ବିଭାଗ ଅର୍ଥ ଖର୍ଚ୍ଚ କରିପାରିବେ । ବହୁ ସ୍କୁଲରେ ଶିକ୍ଷକ ପଦବୀ ଖାଲି ପଡିଛି । ଆଦିବାସୀ ଆଶ୍ରମ ସ୍କୁଲରେ ବିଜ୍ଞାନ, ଗଣିତ ବିଭାଗରେ ଶିକ୍ଷକ ନାହାଁନ୍ତି ।

ବିଜେପି ବିଧାୟକ ପ୍ରତାପ ଚନ୍ଦ୍ର ନାୟକ କହିଥିଲେ, ବିଜେପି ସରକାର ଆସିବା ପରେ ଡ୍ରପଆଉଟ ଆଦିବାସୀ ପିଲାଙ୍କ ପାଇଁ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଆରମ୍ଭ ହୋଇଛି । ଏହା ଦ୍ୱାରା ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍କୁଲ ଛାଡୁଥିବା ପିଲାମାନଙ୍କୁ ପୁଣି ଥିରେ ସ୍କୁଲକୁ ଅଣାଯାଇପାରୁଛି । ପ୍ରଧାନମନ୍ତ୍ରୀ ଜନମନ ଯୋଜନା ସମେତ ଏସସି/ଏସଟିଙ୍କ ପାଇଁ ଉର୍ଦ୍ଦିଷ୍ଟ ଯୋଜନାର ସଫଳ କାର୍ଯାନ୍ୱୟନ ହେଉଛି । ବିଧାୟାକ ପ୍ରକାଶ ଚନ୍ଦ୍ର ସେଠୀ, ରଘୁରାମ ମାଛ, ରମେଶ ଚନ୍ଦ୍ର ବେହେରା, ଦୁର୍ଗା ପ୍ରସନ୍ନ ନାୟକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଅନୁସୂଚିତ ଜାତି ଓ ଜନଜାତି ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ୧୦ ଦାଦନ...

ତଦନ୍ତ କରିଥିଲା । ଉଦ୍ଧାର ଦାଦନ ଶ୍ରମିକଙ୍କ ମଧ୍ୟରେ ୭ ଜଣ ମହିଳା, ୨ଜଣ ଯୁବକ ଓ ଜଣେ ୬ବର୍ଷର ଶିଶୁ ଥିଲେ । ଏହି ଦାଦନ ଶ୍ରମିକମାନଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ନାଇକେନପାଲି ଗ୍ରାମର ରିକୁ ପଧାନ(୩୦) ଓ ତରଭା ଥାନା ସୁଙ୍ଗବାହାଲି ଗ୍ରାମର ବିଜୟ କୁମାର ଚିନ୍ଦା(୨୭) ଇଟା ଗଢ଼ିବା ପାଇଁ ବିଜୟୱାଡା ଅଞ୍ଚଳକୁ ଚାଲାଣ କରୁଥିଲେ । ଉଦ୍ଧାର ଦାଦନ ଶ୍ରମିକମାନେ ବଲାଙ୍ଗିର ଜିଲ୍ଲାର ବୋଲି ଜଣାପଡିଥିଲା । ସମସ୍ତ ଦାଦନ ଶ୍ରମିକମାନଙ୍କୁ ଜଣ ପିଛା ୪୫ହଜାର ଟଙ୍କା ଲେଖାଏଁ ଅଗ୍ରିମ ପ୍ରଦାନ କରାଯାଇଥିବା ବେଳେ ଇଟାଭାଟିକୁ ଗଲେ ଆହୁରି ଅଧିକ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ସମସ୍ତ ଉଦ୍ଧାର ଦାଦନ ଶ୍ରମିକଙ୍କୁ ପ୍ରାଥମିକ ଚିକିତ୍ସା ସହ ଥାନାରେ ଅଧିକ ତଦନ୍ତ ପରେ ସେମାନଙ୍କୁ ନିଜ ନିଜର ଘରକୁ ପଠାଇ ଦିଆଯାଇଥିଲା । ଅଟକ ୨ଜଣ ଦାଦନ ଦଲାଲଙ୍କୁ ବାରମ୍ବାର ଜେରା ପରେ ସେମାନେ ପ୍ରଥମେ କଣ୍ଟାବାଞ୍ଜି ଓ ବେଲପଡ଼ା ଅଞ୍ଚଳର ଯେଉଁ ଦାଦନ ସର୍ଦ୍ଦାରମାନଙ୍କ ଦ୍ୱାରା ଚାଲାଣ କରୁଥିଲେ ବୋଲି କହିଥିଲେ । ସେହି ନାମରେ କୌଣସି ଦାଦନ ସର୍ଦ୍ଦାର ନ ଥିବା ପୁଲିସ ଜାଣିପାରିଥିଲା । ଫଳରେ ଉଭୟ ଦଲାଲଙ୍କ କଥାରେ ତାଳମେଳ ନ ଥିବା ଜଣାପଡିଥିଲା । ସେମାନେ କେଉଁ ମୁଖ୍ୟ ସର୍ଦ୍ଦାରମାନଙ୍କ ପାଇଁ ଦାଦନ ଶ୍ରମିକ ଚାଲାଣ କରୁଥିଲେ ଓ କାହା ଇସାରାରେ ତଥା କାହା ଘରେ ବ୍ଲକ ସଦର ମହକୁମାରେ ଆଣି ଲୁଚାଇ ରଖିଥିଲେ ତାହା ପୁଲିସ ଅଧିକ ତଦନ୍ତ କରିଥିଲା । ।

ପଡ଼ୋଶୀ ସୁବର୍ଣ୍ଣପୁର ଜିଲ୍ଲାର ଦୁଇ ଦଲାଲ ବଲାଙ୍ଗିର ଜିଲ୍ଲାର ଅନ୍ୟ ବ୍ଲକ ଅଞ୍ଚଳର ଦାଦନ ଶ୍ରମିକଙ୍କୁ ଆଣି ମୁରିବାହାଲ ବ୍ଲକ ମୁଖ୍ୟାଳୟରେ ଲୁଚାଇ ରଖିଥିବାରୁ ନିଶ୍ଚିତ ରୂପେ ଏଥିରେ ସ୍ଥାନୀୟ କେତେକ ଗ୍ରାମବାସୀ, ଦଲାଲ ଓ ସର୍ଦ୍ଦାରଙ୍କ ସମ୍ପୂର୍ଣ୍ଣ ହାତ ରହିଥିବା ପୁଲିସ ତଦନ୍ତରୁ ଜାଣିପାରିଛି । ଗିରଫ ୨ଦାଦନ ଦଲାଲ ରିକୁ ପଧାନ ଓ ବିଜୟ କୁମାର ଚିନ୍ଦାଙ୍କୁ କେଶ ନ ୨୪୩/୨୫ରେ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଏସଆଇ ଦନାର୍ଦ୍ଦନ ଓରାମ ପ୍ରକାଶ କରିଛନ୍ତି ।

## ୨୦୨୬ ମାର୍ଚ୍ଚ...

ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ, ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା (ପିଏମ-ଅଜୟ) ପାଇଁ ୨୪୦ କାଟି ୯୬ ଲକ୍ଷ ୮୨ ହଜାର ଟଙ୍କାର ବ୍ୟୟ ବରାଦ ରଖାଯାଇଥିଲା । କେନ୍ଦ୍ର ସରକାର ୨୦୨୫-୨୬ ଆର୍ଥିକ ବର୍ଷରେ ଆଦର୍ଶ ଗ୍ରାମ ପାଇଁ ନୂତନ ୪୯୭ ଗ୍ରାମକୁ ଅନ୍ତର୍ଭୁକ୍ତ କରିଛନ୍ତି । ଏତଦବ୍ୟତୀତ ସଂଶୋଧିତ ବାର୍ଷିକ କାର୍ଯ୍ୟ ଯୋଜନା ମଧ୍ୟ ଅନୁମୋଦନ କରିଛନ୍ତି । ଏଥିପାଇଁ ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ୧୭୦ କୋଟି ୮୫ ଲକ୍ଷ ୪୨ ହଜାର ଟଙ୍କା ବ୍ୟୟବରାଦ ନିମନ୍ତେ ପ୍ରସ୍ତାବ ରହିଛି । ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ପ୍ରଶାସନିକ ଖର୍ଚ୍ଚ ପାଇଁ ୩ କୋଟି ୩ ଲକ୍ଷ ୨୦ ହଜାର ଟଙ୍କା ଓ ବିଭିନ୍ନ ରାଜ୍ୟ ସ୍ତରୀୟ ଯୋଜନାର ସଫଳ ରୂପାୟନ ପାଇଁ ମୋଟ ୪୩୨୬ କୋଟି ୪୦ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି । ଚଳିତ ଡିସେମ୍ବରରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୩୦ଟି ଜିଲ୍ଲାର ଏନ୍‌ଏଫଏସ୍‌ଏ ଏବଂ ଏସ୍‌ଏଫଏସ୍‌ଏସ୍‌ର ମୋଟ ୯୯ ଲକ୍ଷ ୨୫ ହଜାର ୯୨୧ ପରିବାରର (୯୭୩୬୪୮୩ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ୧୮୯୪୩୮ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା) ହିତାଧିକାରୀମାନଙ୍କୁ ପ୍ରତି କାର୍ଡ଼ ପିଛା ମାସକୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ବଣ୍ଟନ ପାଇଁ ୮୬୪.୫୯ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥା ଯୋଜନାରେ ଉପରୋକ୍ତ ପ୍ରସ୍ତାବ ବାବଦକୁ ମୋଟ ୧୩୨୪.୯୮ କୋଟି ଟଙ୍କାର ଅତିରିକ୍ତ ପ୍ରସ୍ତାବ ଦିଆଯାଇଛ ।

ଧାନ କ୍ରୟ ନିମନ୍ତେ ଘୂର୍ଣ୍ଣନ ପାଣ୍ଠିଧାନ ସଂଗ୍ରହ ବର୍ଷ ୨୦୨୫-୨୬ର ଖରିଫ ଋତୁ ରେ ଧାନ ସଂଗ୍ରହଣପ୍ରକ୍ରିୟା କୁ ସୁବ୍ୟବସ୍ଥିତ ଓ ଚାଷୀ ଅନୁକୂଳ କରିବା ପାଇଁ ସରକାର ସଂକଳ୍ପବଦ୍ଧ । ଚାଷୀ ମାନଙ୍କୁ ସାଧାରଣ ଧାନ ପାଇଁ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନପୁଟ ସହାୟତାରାଶି କୁ ମିଶାଇ ସମୁଦାୟ ୩୧୦୦ଟଙ୍କା ପ୍ରଦାନ କରାଯାଉଛି । ୨୦୨୫ -୨୦୨୬ ଆର୍ଥିକ ବର୍ଷରେ ଧାନ କ୍ରୟରେ ସହାୟତା ନିମନ୍ତେ ସରକାର ୨୦୦୦ କୋଟି ଟଙ୍କାର ଘୂର୍ଣ୍ଣନ ପାଣ୍ଠିର ବ୍ୟୟ ବରାଦ କରିଛନ୍ତି । ଏହି ଯୋଜନାରେ ଅତିରିକ୍ତ ୩୦୦୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି । କେନ୍ଦ୍ରୀୟ ଅନୁଦାନ ପାଇବା ପରେ ଏହି ପାଣ୍ଠିକୁ ସରକାରଙ୍କ ତହବିଲକୁ ଫେରସ୍ତ କରାଯାଏ । ସେହିପରି ବୈଧାନିକ ପରିମାପ ବିଜ୍ଞାନର ସୁଦୃଢ଼ୀକରଣ ବାବଦକୁ ୯ ଲକ୍ଷ ୪୬ ହଜାର ଟଙ୍କାର ଏବଂ ସିଏସ୍‌ଓ କାର୍ଯ୍ୟାଳୟ ଗୃହ ନିର୍ମାଣ ବାବଦକୁ ୧ କୋଟି ୩୩ ଲକ୍ଷ ୪୧ ହଜାର ଟଙ୍କାର ଅତିରିକ୍ତ ପ୍ରସ୍ତାବ ଦିଆଯାଇଛି ଏବଂ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୩.୦୩ କୋଟି ଟଙ୍କାର ଅତିରିକ୍ତ ପ୍ରସ୍ତାବ ଦିଆଯାଇଛି ।

## ଓଏଫ୍‌ଏସ୍...

ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତି ସମ୍ପର୍କରେ ଆଜି ବିଧାନସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଥିଲେ । ମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ଔଷଧ ଚିକିତ୍ସା ଉପକରଣ ନୀତି ୨୦୨୫କୁ ଅନୁମୋଦନ ମିଳିଛି । ଏହି ନୀତି ସ୍ୱାସ୍ଥ୍ୟ ନିର୍ମାଣ ଏବଂ ଜୀବନ ବିଜ୍ଞାନର ପୂର୍ବ ପ୍ରବେଶ ପଥ ଭାବେ ଓଡ଼ିଶାକୁ ପ୍ରତିଷ୍ଠା କରିବା ପାଇଁ ଏକ ଯୋଜନାବଦ୍ଧ ରଣନୈତିକ ଓ କ୍ଲଷ୍ଟର ଗଠନର ରୋଡମ୍ୟାପ ପ୍ରସ୍ତୁତ କରିବ । ସଂସ୍ଥାଗତ ସ୍ଥାପତ୍ୟ ଦ୍ୱାରା ଏହାର କାର୍ଯ୍ୟକାରିତା ପରିଚାଳିତ ହେବ ଯେଉଁଥିରେ ଓଡ଼ିଶା ବିକାଶ ସେଲ୍ କ୍ଷତ୍ରୀୟ ପ୍ରମୁଖ ସଂସ୍ଥା ଭାବେ କାର୍ଯ୍ୟ କରିବ । ଇପିକଲ ଏବଂ ଇଡ୍‌କୋ ସ୍ୱଚ୍ଛ ସମୟସୀମା ବଦ୍ଧ ସୁବିଧା ଓ ଆର୍ଥିକ ପରିଚାଳନାକୁ ସୁଲଭ କରିବେ । ଓଡ଼ିଶା ସୁପରିୟର ଜୁଡିସିଆଲ ସର୍ଭିସ୍ ଓ ଓଡ଼ିଶା ଜୁଡିସିଆଲ ସର୍ଭିସ୍ ରୁଲ୍ ୨୦୦୭ର ନିୟମାବଳୀ ସଂଶୋଧନ କରାଯାଇଛି । ସଂଶୋଧନ ଅନୁଯାୟୀ ନିଯୁକ୍ତି ବର୍ଷ ପ୍ରଚଳନ ସଂଶୋଧିତ ଜିଲ୍ଲା ଜଜ୍ ନିଯୁକ୍ତିର ଅନୁପାତ, ସିଭିଲ ଜଜ୍, ବରିଷ୍ଠ ବିଭାଗ ପାଇଁ ପଦୋନ୍ନତି ଏବଂ ସିଭିଲ ଜଜ୍, କନିଷ୍ଠ ବିଭାଗ ପଦ ପାଇଁ ୩ ବର୍ଷ ଅଭ୍ୟାସ ସହ ସିଧାସଳଖ ନିଯୁକ୍ତି ପାଇଁ ଉପର ବୟସ ସୀମା ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯିବ । ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଆଗାମୀ ୫ ବର୍ଷରେ ଏହି ଯୋଜନାରେ ୨୭୪ କୋଟି ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି । ମୁଖ୍ୟମନ୍ତ୍ରୀ ବୟନଶିଳ୍ପ ଯୋଜନାକୁ ଅନୁମୋଦନ ମିଳିଛି । ଏଥିରେ ୪୯୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ବୟନଶିଳ୍ପର ଅନୁକୁଳ ପରିସ୍ଥିତିକୁ ସୁଦୃଢ଼ କରିବା ଓ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ସେହିଭଳି ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକ ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ଏକପ୍ରକାର ସଂରକ୍ଷଣ ପଦ୍ଧତି ଅନୁସରଣ କରିବା ପାଇଁ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ (ଶିକ୍ଷକ କ୍ୟାଡର ସଂରକ୍ଷଣ)କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏହି ପ୍ରସ୍ତାବରେ ଏସ୍‌ସି, ଏସ୍‌ଟି, ଏସ୍‌ଇବିସି ଓ ଅନ୍ୟାନ୍ୟ ଯୋଗ୍ୟ ବର୍ଗର ପ୍ରତିନିଧିତ୍ୱ ବୃଦ୍ଧି, ପ୍ରଶାସନୀୟ ପ୍ରଣାଳିରେ ସରଳତା ଓ ରାଷ୍ଟ୍ରୀୟ ସ୍ତରରେ ଅନୁସରିତ ନୀତି ସହ ସମନ୍ୱୟକୁ ସୁନିଶ୍ଚିତ କରିବ ।

## ନେହରୁଙ୍କୁ...

ସ୍ୱାଧୀନତା ଆନ୍ଦୋଳନ କିମ୍ବା ସମ୍ବିଧାନ ଗଠନରେ କୌଣସି ଭୂମିକା ନଥିଲା । ଏପରିକି ମହାତ୍ମା ଗାନ୍ଧିଙ୍କର ହତ୍ୟାର କାରଣ ହୋଇଥିଲା । ମୌଳବାଦୀ ଓ ସାମ୍ପ୍ରଦାୟିକ ଦୃଷ୍ଟିକୋଣ ଏହି ଶକ୍ତିଗୁଡ଼ିକୁ ପ୍ରେରଣା ଦେଉଛି । ସମାଲୋଚନା କରନ୍ତୁ କିନ୍ତୁ ଐତିହ୍ୟକୁ ନଷ୍ଟ କରନ୍ତୁ ନାହିଁ । ନେହେରୁଙ୍କୁ ବିକୃତ ବଦନାମ ଓ ନିନ୍ଦିତ କରିବା ପାଇଁ ଏକ ରୀତିମତ ଅଭିଯାନ ଆରମ୍ଭ ହୋଇଛି । ଏହାର ଲକ୍ଷ୍ୟ ହେଉଛି ବହୁମୁଖୀ ଐତିହ୍ୟକୁ ନଷ୍ଟ କରିବା । ଏହାର ସାମୁହିକ ପ୍ରତିରୋଧ ହେବା ଦରକାର । ନେହେରୁଙ୍କ ଐତିହ୍ୟକୁ ରକ୍ଷା କରିବା ଏକ ପୁରୁଣା ସ୍ମୃତି ନୁହେଁ । ବରଂ ଭାରତର ସାମ୍ବିଧାନିକ ଦୃଷ୍ଟିକୋଣ । ଯୁକ୍ତିଯୁକ୍ତ ଆଲୋଚନା ଓ ଆଧୁନିକ ଚରିତ୍ରର ପୁନରୁଦ୍ଧା କରିବା ପାଇଁ ଏକ ପ୍ରତିବଦ୍ଧତା । ଇତିହାସର ରାଜନୀତିକରଣ ଆଜି ନେହେରୁଙ୍କ ଉଦାହରଣକୁ ବିଶେଷ ଭାବରେ ପ୍ରାସଙ୍ଗିକ କରୁଛି । ନେହେରୁ ଏକ ଗଣତାନ୍ତ୍ରିକ ମନୋଭାବର ଉଦାହରଣ ଦେଇଥିଲେ । ଯାହା ଭିନ୍ନ ମତକୁ ଏକ ଗଣତାନ୍ତ୍ରିକ ଆବଶ୍ୟକତା ଭାବେ ଗ୍ରହଣ କରିଥିଲା । ଭାରତର ବିବିଧତାକୁ ଏହାର ଶକ୍ତି ଭାବେ ସ୍ୱୀକାର କରିଥିଲା । ଜବାହର ଲାଲ୍ ନେହେରୁ ସ୍ମାରକୀ ପାଣ୍ଠି ଦ୍ୱାରା ନେହେରୁଙ୍କ ମନୋନୀତ କାର୍ଯ୍ୟର ସମ୍ପ୍ରତି ଉନ୍ମୋଚିତ ଓ ଡିଜିଟାଲ ଅଭିଲେଖାଗାର ୧୯୦୩ରୁ ତାଙ୍କ ମୃତ୍ୟୁ ଦିନ ପର୍ଯ୍ୟନ୍ତ ୧୦୦ ପ୍ରକାଶିତ ଖଣ୍ଡକୁ ସାମିଲ କରିଛି । ତଥ୍ୟ ଆଧାରିତ ଜନ ବୁଝାମଣାକୁ ପ୍ରୋତ୍ସାହିତ କରିବା ଏକ ଆବଶ୍ୟକୀୟ ପ୍ରୟାସ ବୋଲି ସେ କହିଥିଲେ ।

## ଦୁଇ...

ତାଙ୍କୁ ସ୍ପେଶାଲ କ୍ରାଇମ୍‌ୟୁନିଟ୍ କାବୁ କରିନେଇଥିଲା । ଗାଡ଼ିରୁ କାର୍ବାଇନ, ବନ୍ଧୁକ ଓ ଗୁଳି ପ୍ରଭୃତି ଜବତ କରାଯିବା ସହ ଗାଡ଼ିକୁ ମଧ୍ୟ ଜବତ କରାଯାଇଛି ।

ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ ବନ୍ଧୁକ କାରବାର ହେବା ପୂର୍ବରୁ କମିଶନରେଟ୍ ପୋଲିସ ଚାଲାଣକାରୀଙ୍କୁ ଗିରଫ କରିବାରେ ସମର୍ଥ ହେଉଛି । ଏପରିକି ଜିଲ୍ଲା ବାହାରର ସୂଚନା ପ୍ରଦାନକାରୀଙ୍କଠାରୁ ସୂଚନା ପାଇ ସ୍ପେଶାଲ କ୍ରାଇମ୍‌ୟୁନିଟ୍ ସନ୍ଦିଗ୍ଧ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସମର୍ଥ ହେଉଛି । ଆବଶ୍ୟକ ଅନୁଯାୟୀ ଆନ୍ତଃ ରାଜ୍ୟ ବନ୍ଧୁକ କାରବାର ଓ ବେପାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ଚଢ଼ାଉ କରାଯାଉଛି । କମିଶନରେଟ୍ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିହାର ଗସ୍ତରେ ରହିଛି । କାରଣ ବନ୍ଧୁକଗୁଡ଼ିକ ବିହାରରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଚାଲାଣ କରାଯାଉଛି । ଏପରିକି ଚୋରା ବନ୍ଧୁକର ଷ୍ଟକିଷ୍ଟମାନେ ଡିଷ୍ଟ୍ରିବ୍ୟୁଟରଙ୍କୁ ନିଯୁକ୍ତ କରି କାରବାର ଚଳାଇଛନ୍ତି ।

ଗତ ଦୁଇମାସ ମଧ୍ୟରେ ୩୩ ବନ୍ଧୁକ ଓ ଦୁଇ କାର୍ବାଇନ ଜବତ କରାଗଲାଣି । ଯେଉଁ ବନ୍ଧୁକଗୁଡ଼ିକ ଜବତ କରାଯାଉଛି, ତାହା ମେଡ୍ ଇନ୍ ବିହାର । ବନ୍ଧୁକ କାରବାରର ମୂଳ ସ୍ଥାନରେ ପହଞ୍ଚିବାକୁ କମିଶନରେଟ୍ ପୋଲିସ ତଦନ୍ତ ଆଗକୁ ବଢ଼ାଉଥିବାବେଳେ ସବୁ ତଥ୍ୟ ଗଣମାଧ୍ୟମକୁ କହିହେଉ ନାହିଁ । କାର୍ବାଇନ କିଣିବା ପାଇଁ ସ୍ୱତନ୍ତ୍ର ବ୍ୟକ୍ତି ଉଚ୍ଚ ପରିମାଣର ଅଗ୍ରୀମ ଦେବାପରେ ତାଙ୍କୁ କାର୍ବାଇନ ଚାଲାଣକାରୀମାନ ଯୋଗଉଛନ୍ତି । ଗିରଫ ଅଭିଯୁକ୍ତମାନଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଗୋଟିଏ ପରେ ଗୋଟିଏ ବନ୍ଧୁକ କାରବାରର ପର୍ଦ୍ଦାଫାସ୍ ହେଉଛି । ନଭେମ୍ବର ୧୫ ତାରିଖରୁ ସ୍ପେଶାଲ କ୍ରାଇମ୍‌ୟୁନିଟ ଗୋଟିଏ କାର୍ବାଇନ ସହ ୮ ବନ୍ଧୁକ ଓ ଗୁଳି ଜବତ କରିଥିଲା । ବିହାରର ମୁଙ୍ଗେରରେ ତିଆରି ହେଉଥିବା ବନ୍ଧୁକ ଓଡ଼ିଶାର କଟକ, ଭୁବନେଶ୍ୱର, ଗଞ୍ଜାମ, ପୁରୀ, ନୟାଗଡ଼, ଜଗତସିଂହପୁର, ବାଲେଶ୍ୱର ସମେତ ବିଭିନ୍ନ ଜିଲ୍ଲାକୁ ଷ୍ଟକିଷ୍ଟମାନେ ଡିଷ୍ଟ୍ରିବ୍ୟୁଟର ମାଧ୍ୟରେ ପଠାଉଛନ୍ତି । ଗିରଫ ଦୁଇ ଅଭିଯୁକ୍ତ ସୁମନ୍ତ ଓ ସୌଭାଗ୍ୟକୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସୁମନ୍ତ ନାଁରେ ପୂର୍ବରୁ ବଅଁରପାଲ, କଣିହାଁ, ନାଲ୍‌କୋ, ତାଳଚେର ପ୍ରଭୃତି ଥାନାରେ ୬ଟି ମାମଲା ଥିବାବେଳେ ସୌଭାଗ୍ୟ ନାମରେ ପରଜଙ୍ଗ ଥାନାରେ ୪ଟି ମାମଲା ଥିବା ପୋଲିସ କମିଶନର ସାମ୍ବାଦିକମାନଙ୍କୁ କହିଛନ୍ତି ।

# ରାମଲୀଳାର ରାବଣ ଆଉ ନାହାନ୍ତି

କଣ୍ଟିଲୋ, (ସବ୍ୟୁ) : କଣ୍ଟିଲୋ ବାପୁଜୀ ନଗରର ଜନୈକ ରାମଲୀଳା କଳାକାର ବିଶ୍ୱନାଥ ସାହୁ (ନଣ୍ଡା)ଙ୍କ ୭୭ ବୟସରେ ପରଲୋକ ହୋଇଯାଇଛି । ଶନିବାର ସକାଳ ସମୟରେ ହଠାତ ଅସୁସ୍ଥ ଅନୁଭବ କରିଥିଲେ ଓ ତାଙ୍କ ହୃଦଘାତରେ ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ପ୍ରକାଶ । ସେ ଜଣେ ଅମାୟିକ, ଧର୍ମପ୍ରାଣ ବ୍ୟକ୍ତି ଭାବେ ପରିଚିତ ଶ୍ରୀ ସାହୁ ଉଚ୍ଚକୋଟୀର କଳାକାର ରୂପେ ଗ୍ରାମ ରାମଲୀଳାରେ ରାବଣ ଭୂମିକାରେ ଅବତୀର୍ଣ୍ଣ ହୋଇ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ । ତାଙ୍କ ଶେଷକୃତ୍ୟ ନିକଟସ୍ଥ ମହାନଦୀ କୂଳ ଶଙ୍ଖାତୋଟା ଶ୍ମଶାନ ରେ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠ ପୁତ୍ର ପ୍ରକାଶ ମୁଖାଗ୍ନି ଅର୍ପଣ କରିଥିଲେ ।


C-1697

ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି

OFFICE OF THE MUNICIPAL COUNCIL PARALAKHEMUNDI, GAJAPATI

Ph No: 06815-222052, e-Mail: parala.mply@gmail.com

'e'-Procurement Notice

Bid Identification No. 05 / PKDM - 2025-26

Letter No. 4192 Date. 04.12.2025

| | | | |
|---|---|---|---|
| 1 | Nature of the work | : | 28 (Twenty Eight) Nos Civil construction Works |
| 2 | Estimated Cost | : | Varies from Rs. 1.52 Lakhs to Rs. 12.68 Lakhs |
| 3 | Period of completion | : | Two to Three calendar months. |
| 4 | Date and time of availability of bid documents in the portal | : | From 06.12.2025 at 10.00 A.M. to 18.12.2025 at 5.00 P.M. |
| 5 | Last date / Time for receipt of bids in the portal | : | 18.12.2025 at 5.00 P.M. |
| 6 | Date and time of opening of bid | : | 19.12.2025 at 11.00 A.M. |
| 7 | Name and address of the officer Inviting Bid | : | Executive Officer, Paralakhemundi Municipality. |

Further details can be seen from the e-procurement portal "https://tendersorissa.gov.in"

Sd/- Executive Officer
Paralakhemundi Municipality

OIPR : 13145/11/0039/2526



OFFICE OF THE MUNICIPAL COUNCIL: JEYPORE

Phone No. : 06854-231098, e-Mail : ulbjeypore@gmail.com

Letter No 5096 Date - 05/12/2025

C-1707 Advertisement for Expression of Interest (EOI) for selection of Self-help grous for O&M of Serving of food and managing of two Aahaar outlets under Jeypore Municipality

Jeypore Municipality invites Expression of Interest (EoI) in the prescribed format (Annexure-I & II) in sealed cover from the intending SHGS/ ALFs for O&M of **Serving of food and managing of two Aahaar outlets situated at DHH (near medical) & SDH (near Twon hall).**

| Sl. No. | Particulars | Details |
|---|---|---|
| 1 | Availability of the EOI documents and the term and conditions | Download from www.jeyporemunicipality.in |
| 2 | EOI availability on website, Starting date, and time | 06.12.2025, 10.00 A.M. |
| 3 | Last date and time of submission of EOI | 20.12.2025 5.00 P.M. |
| 4 | Start date and time of opening of EOI and venue | At the chamber of the executive officer of Jeypore municipality |

- The authority reserves the right to reject any or all the EOIs without assigning any/reason thereof.
- Any change, correction/corrigendum in respect of the above shall be placed on the website.

Yours faithfully
Sd/- Executive Officer
Jeypore Municipality

OIPR : 13079/11/0077/2526



Govt of Odisha : OFFICE OF THE SUPERINTENDING ENGINEER.
RURAL WORKS DIVISION, NAYAGARH

At/Po-Nabaghanpur, Dist-Nayagarh, Ph-06753-252049 E-mail-nayagarhrw2006@yahoo.in

1st corrigendum to Bid Identification No.Tender Online-Division. Nayagarh-07/2025-26 dtd.25.11.2025

O-1719 : In partial modification to this office Tender Call Notice No.07/2025-26 invited vide this office Memo No.5936 dtd.25.11.2025 for 23 nos. of Building works under Non-Plan & Plan Grant of 2025-26, the online availability of tender as mentioned below have been rescheduled as follows.

| Procurement Officer | Bid Identification No. | Availability of Tender on-line for bidding was | | Now Availability of Tender on-line for bidding is rescheduled | | Date & Time of opening of Tender Bid was on | Now Date & Time of opening of Tender Bid is reschduled to |
|---|---|---|---|---|---|---|---|
| | | From | To | From | To | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer, Rural Works Division, Nayagarh | No: Tender -Online- Divn. NAYAGARH -07/2025-26 | 05.12.2025 at 10.00 A.M. | 16.12.2025 upto 5.30 P.M. | 11.12.2025 at 10.00 A.M. | 22.12.2025 upto 5.30 P.M. | 17.12.25 at 11.00 A.M. | 23.12.25 at 11.00 A.M. |

All other terms and conditions remain unchanged.

Sd/- Executive Engineer
Rural Works Divn. Nayagarh

OIPR : 25106/11/0036/2526



MM-342

ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଥିବା କାଳୁ ଜଙ୍ଗଲରୁ କାଳୁମଞ୍ଜି ୨୦୨୫-୨୬ (୨୦୨୬ ମସିହା) ସଂଗ୍ରହ କରିବା ନିମନ୍ତେ କାଳୁ ଜଙ୍ଗଲଗୁଡିକ ନିମ୍ନଲିଖିତ ତାରିଖରେ ପ୍ରକାଶ୍ୟଭାବେ ନିଲାମ କରାଯିବ । ନିଲାମ ଦିନ ବିକ୍ରୟ ହୋଇ ନଥିବା ତଥା ନାକଚ କାଜ୍ୟାପ୍ତି ଓ ଅନ୍ୟାନ୍ୟ ଲଟ୍‌ଗୁଡିକ ଅତିରିକ୍ତ ନିଲାମ ଦ୍ୱାରା ବିକ୍ରୟ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତାରିଖ ତଥା ସମୟରେ ନିମ୍ନୋକ୍ତ ପ୍ରଣାଳୀ ମାଧ୍ୟମରେ ଯୋଗଦାନ କରିପାରିବେ ।

ନିଲାମ ଠିକା ପଦ୍ଧତି ସମ୍ବନ୍ଧୀୟ ସବିଶେଷ ବିବରଣୀ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ଗୋପିନାଥପୁର, ବାଲୁଗାଁ, ଜିଲ୍ଲା–ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ପ୍ରକାଶ ହେବା ଦିନ ଠାରୁ ତାରିଖ ୦୮.୧୨.୨୦୨୫ ରିଖରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦.୩୦ ଘଟିକା ଠାରୁ ଅପରାହ୍ନ ୧.୩୦ ଘଟିକା ସମୟ ମଧ୍ୟରେ ମିଳିପାରିବ । ନିର୍ଦ୍ଧାରିତ ଅମାନତ ଜମା ଏବଂ ଗୋଟିଏ ଫଟୋଗ୍ରାଫ ତଥା ସଲ୍‌ଭେନ୍‌ସି ପ୍ରମାଣପତ୍ର ନିଲାମ ତାରିଖର ଏକ ଦିନ ପୂର୍ବରୁ ଉକ୍ତ କାର୍ଯ୍ୟାଳୟରେ ଦାଖଲ କରି ନିଲାମରେ ଅଂଶ ଗ୍ରହଣ କରିପାରିବେ ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଜଙ୍ଗଲ | ସମୟ |
|---|---|---|---|
| ତା.୦୯.୧୨.୨୦୨୫ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଗୋପିନାଥପୁର, ବାଲୁଗାଁ | ଚିଲ୍କା ବନ୍ୟପ୍ରାଣୀ ବନକ୍ଷେତ୍ର | ଦିବା ୧୧ ଘଟିକା |

ଅତିରିକ୍ତ ନିଲାମ

ବିକ୍ରୟ ହୋଇନଥିବା ତଥା ନାକଚ, କାଜ୍ୟାପ୍ତି ଓ ଅନ୍ୟାନ୍ୟ ଲଟ ମାନ ନିମ୍ନଲିଖିତ ଦିନମାନଙ୍କରେ ପ୍ରକାଶ୍ୟ ନିଲାମ କରାଯିବ ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଜଙ୍ଗଲ | ସମୟ |
|---|---|---|---|
| ତା.୧୬.୧୨.୨୦୨୫<br>ତା. ୨୩.୧୨.୨୦୨୫ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଗୋପିନାଥପୁର, ବାଲୁଗାଁ | ଚିଲ୍କା ବନ୍ୟପ୍ରାଣୀ ବନକ୍ଷେତ୍ର | ଦିବା ୧୧ ଘଟିକା |

ସ୍ୱା/- ବନଖଣ୍ଡ ଅଧିକାରୀ
ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବାଲୁଗାଁ

OIPR : 08015/11/0018/2526



OFFICE OF THE MUNICIPAL COUNCIL
KEONJHARGARH

email- keonjharm,hud@rediffmail.com

Invitation for Bids (IFB)' e' Procurement NOTICE

Bid Identification No.ODULB KGM-19/2025-26

C-1700

Letter No. 9633 / (KGM/Date. 05.12.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system .through e-Procurement

1 - Nature of work- Civil Work
2- No of Work-45 Nos
3- Value of works: Rs. 3,55,200/-to 30,48,000/-
4- Date & Time of availability of Bid document in the portal: From. 08.12.2025 at 11.00 A.M. up to 18.12.2025 at 5.30 P.M.
5- Date of Opening of bid in portal. 19.12.2025 at 11.00 A.M.
6- Name & address of the officer in Inviting Bid- EO, Keonjhargarh Municipality

Further details can be seen from Website: www.tendersorissa.gov.in

Sd/- Executive Officer,
Keonjhargarh Municipality

OIPR : 13115/11/0055/2526


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ୧୩ ତମ ସମାବର୍ତ୍ତନ ଉତ୍ସବ

# ନିଯୁକ୍ତି ପଛରେ ନପଡ଼ି ନିଯୁକ୍ତିଦାତା ହୁଅ : ରାଜ୍ୟପାଳ

ଜଟଣୀ, (ସବ୍ୟୁ): ଜଟଣୀ ଠାରେ ଅବସ୍ଥିତ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ୧୩ ତମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି । ସେଞ୍ଚୁରିଅନ୍ ଦେଶର ପ୍ରଥମ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ଦକ୍ଷତା ବିଶ୍ୱବିଦ୍ୟାଳୟ, ଶିକ୍ଷାରେ ଉତ୍କର୍ଷତା, ନୂତନତା ଓ ଦକ୍ଷତା ସମନ୍ୱିତ ପାଇଁ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି ବୋଲି ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତ ବ୍ୟକ୍ତ କରିଥିଲେ ।

ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ଯୋଗଦେଇ କହିଲେ ଯେ, ନୂତନତାକୁ ଆପଣେଇବା ଓ ବୃହତ୍ତର କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାକୁ ପଡ଼ିବ । ଆଜିର ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ । ସେମାନେ ଦେଶର ପ୍ରଯୁକ୍ତିବିଦ୍ୟା ଓ ସାମାଜିକ ଦୃଶ୍ୟପଟକୁ ଆକାର ଦେବା ପାଇଁ ନେତୃତ୍ୱ ନେବାକୁ ପଡ଼ିବ । ଛାତ୍ରଛାତ୍ରୀମାନେ ପାଠପଢ଼ା ସହ ଗବେଷଣାକୁ ଗୁରୁତ୍ୱ ଦେବା ଆବଶ୍ୟକ, ଯାହା ସମସ୍ତଙ୍କ ବିକାଶ ଓ ଅଭିବୃଦ୍ଧିରେ ସହାୟକ ହୋଇପାରିବ । ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଦକ୍ଷତା ସମନ୍ୱିତ ମଡେଲକୁ ପ୍ରଶଂସା କରି କହିଲେ, ଏହା କେବଳ ଛାତ୍ରଛାତ୍ରୀଙ୍କ ପାଇଁ ଦୃଢ଼ ଉଦ୍ୟୋଗୀ ପରିବେଶ ସୃଷ୍ଟି କରୁଛି ତା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କୁ ନୂତନ ଚିନ୍ତାଧାରା, ନିର୍ମାଣ ଓ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଉଛି ।




ବିଶ୍ୱବିଦ୍ୟାଳୟର ପ୍ରଶିକ୍ଷଣ ଇକୋସିଷ୍ଟମ୍, ଇନକ୍ୟୁବେଟର ଓ ଶିଳ୍ପ ସଂଯୁକ୍ତ ଶିକ୍ଷାଦାନ ଛାତ୍ରଛାତ୍ରୀଙ୍କୁ ଅଧିକ କ୍ୟାରିୟର ସୁଯୋଗ ସୃଷ୍ଟି କରୁଛି । ଛାତ୍ରଛାତ୍ରୀ ଉଦ୍ୟୋଗିକତା ପ୍ରତି ଆଗ୍ରହ ପ୍ରକାଶ କରନ୍ତୁ । ନିଯୁକ୍ତି ପଛରେ ନପଡି ନିଯୁକ୍ତି ପ୍ରଦାନକାରୀ ହେବାକୁ ଚେଷ୍ଟା କରନ୍ତୁ । ବିଶ୍ୱବିଦ୍ୟାଳୟ କୁଳପତି ଡ. ସୁପ୍ରିୟା ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କର ଉତ୍ସର୍ଗୀକୃତ ଭାବନା ଓ ସହନଶୀଳତା ପାଇଁ ସେମାନଙ୍କୁ ପ୍ରଶଂସା କରିଥିଲେ । ଇସ୍ରୋ, ସ୍ପେସ୍ କମିଶନ ଅଧ୍ୟକ୍ଷ ତଥା ସ୍ପେସ୍ ମନ୍ତ୍ରାଳୟର ସଚିବ ଡ. ଭି ନାରାୟଣ କହିଲେ ଯେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ତାର ଗୁଣାତ୍ମକ ଶିକ୍ଷାଦାନ ପ୍ରତି ସବୁବେଳେ ପ୍ରତିଶ୍ରୁତିବଦ୍ଧ । ନୂତନତା ଉପରେ ଗୁରୁତ୍ୱ ଦେଇ ଏକ ପ୍ରଗତିଶୀଳ ଏବଂ ପ୍ରଯୁକ୍ତିବିଦ୍ୟା ସଶକ୍ତ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଛି । ଏଠାରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟସେବା, ଉଦ୍ୟୋଗୀତା, ସାମାଜିକ ବିକାଶ କିମ୍ବା ସେମାନେ ବାଛିଥିବା ଯେକୌଣସି କ୍ଷେତ୍ରରେ- ସାର୍ଥକ ଅବଦାନ ନିଶ୍ଚିତ ଭାବେ ଦେବେ । ସମାଜ ଆମକୁ ସବୁକିଛି ପ୍ରଦାନ କରିଛି, ତେଣୁ ନିଜର କ୍ଷେତ୍ରରେ ଆଗକୁ ଯିବା ସମୟରେ ସମାଜ ପାଇଁ କିଛି କରିବାକୁ ପ୍ରତିଶ୍ରୁତିବଦ୍ଧ ରୁହ । ବର୍ତ୍ତମାନ ସମୟରେ ବିକଶିତ ଭାରତ ପାଇଁ ପ୍ରଚୁର ସୁଯୋଗ ରହିଛି । ଦେଶକୁ ଆଗକୁ ନେବା ପାଇଁ ସମସ୍ତ ଛାତ୍ରଛାତ୍ରୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ ବୋଲି କହିଛନ୍ତି । ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ଡିଆରଡିଓ) ମହାନିର୍ଦ୍ଦେଶକ ଡ. ବିକେ ଦାସ କହିଲେ ଯେ ଆମ ଦେଶ ପ୍ରତିରକ୍ଷା କ୍ଷେତ୍ରରେ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେଉଛି । ଏହା ନୂତନତା, ବିକାଶ ଏବଂ ବିଶ୍ୱ ପ୍ରଭାବରେ ଅଗ୍ରଗତି କରୁଛି । ତେଣୁ ଛାତ୍ରଛାତ୍ରୀମାନେ ଆକାଂକ୍ଷା ସହିତ ଆଗକୁ ବଢ଼, କିନ୍ତୁ ତୁମର ମୂଲ୍ୟବୋଧ, ନୈତିକତା ଏବଂ ମୂଳକୁ ନିକଟରେ ରଖ । ତୁମର କାର୍ଯ୍ୟ ମାଧ୍ୟମରେ ଜୀବନକୁ ପରିବର୍ତ୍ତନ କର । ଆତ୍ମବିଶ୍ୱାସ ରଖି ବିଶ୍ୱର ବିକାଶ ପାଇଁ କାର୍ଯ୍ୟ କର ।

ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ୩୯ ଜଣ ପିଏଚଡି ସ୍କଲାର୍ ଏବଂ ପୂର୍ବ ବ୍ୟାଚ୍‌ର ୧୮୩ ଜଣ ଛାତ୍ରଛାତ୍ରୀ ଓ ୨୦୨୫ ଗ୍ରାଜୁଏଟ ବ୍ୟାଚର ଛାତ୍ରଛାତ୍ରୀ ୩୦୫୯ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା । ଏଥିସହ ବିଟେକ୍ ଇଞ୍ଜିନିୟରିଂ (ମେରାଇନ)ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓନିନୟେ ଫ୍ରାନ୍ସିସ୍କା ଅଜାକାଙ୍କୁ ଭିଜିଟର୍ସ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଛି । ମାଷ୍ଟର ଅଫ୍ ଫାର୍ମାସିରେ ଶ୍ରେଷ୍ଠ ମହିଳା ସ୍ନାତକ ଭାବରେ ସଙ୍ଗୀତା ଘୋଷଙ୍କୁ ଧୀରେନ ପଟ୍ଟନାୟକ ସ୍ମାରକୀ ଗୋଲ୍ଡ ମେଡାଲ୍ ପ୍ରଦାନ କରାଯାଇଥିଲା । ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟରେ ସର୍ବୋତ୍ତମ ପ୍ରଦର୍ଶନ ପାଇଁ ସାକେତ ରାଜଙ୍କୁ ପିଟର ରେନଡିକ୍ ସ୍ମାରକୀ ଗୋଲ୍ଡ ମେଡାଲ୍ ଦିଆଯାଇଛି । ଆଲାଇଡ୍ ହେଲଥକେୟାର୍ ସାଇନ୍ସେସ୍‌ରେ ଶ୍ରେଷ୍ଠ ସ୍ନାତକ ପାଇଁ ଅର୍ପିତା ମହାପାତ୍ରଙ୍କୁ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଗୋଲ୍ଡ ମେଡାଲ୍‌ରେ ସମ୍ମାନିତ କରାଯାଇଛି । ଏଥିସହ ୧୭ ଜଣ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ଗୋଲ୍ଡ ମେଡାଲ୍ ଏବଂ ୩୩ ଜଣ ଛାତ୍ରଛାତ୍ରୀ ମେରିଟ୍ ଆୱାର୍ଡ ସମ୍ମାନରେ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମରେ ସେଞ୍ଚୁରିଅନର ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ମିଶ୍ର , ପ୍ରଫେସର ଡି. ଏନ୍. ରାଓ (ଉପ-ସଭାପତି), ପ୍ରଫେସର ଅନିତା ପାତ୍ର (କୁଳସଚିବ) ଓ ଡ. ବିଶ୍ୱଜିତ ମିଶ୍ର (ପ୍ରୋ-ଭାଇସ୍ ଚାନ୍ସେଲର) ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରାଉନ୍‌ସୁଗର ଜବତ : ତିନି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ତିନି ଜଣ ବ୍ରାଉନ୍‌ସୁଗର ବେପାରୀଙ୍କୁ ମୈତ୍ରୀବିହାର ଥାନା ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୧୮ ଗ୍ରାମ ବ୍ରାଉନ୍‌ସୁଗର, ପଲସର ବାଇକ୍ ଓ ଦୁଇଟି ମୋବାଇଲ ଫୋନ ଜବତ କରିଛି । ଗିରଫ ତିନିଜଣ ହେଲେ ପୁନିଆଁ ନାୟକ (୩୫), ରାଜେନ୍ଦ୍ର ବେହେରା (୨୨) ଓ ସୁରେଶ ସାହୁ (୩୨) । ଗିରଫ ତିନଜଣ ସାଲିଆ ସାହି ବାଜପେୟୀ ନଗର ଯାତ୍ରାପଡ଼ିଆରେ ପଲସର ବାଇକ୍ ଥୋଇ ବ୍ରାଉନ୍‌ସୁଗର ବିକ୍ରି କରିବା ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ମୈତ୍ରୀବିହାର ଥାନା ପୋଲିସ ଖବର ପାଇଥିଲେ । ସୂଚନା ଆଧାରରେ ଥାନାରେ ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି । ଗିରଫ ତିନିଜଣ ବାଲେଶ୍ୱର ଜଳେଶ୍ୱର ଅଞ୍ଚଳରୁ ବ୍ରାଉନ୍‌ସୁଗର ଆଣି ଭୁବନେଶ୍ୱରରେ ବିକ୍ରି କରନ୍ତି ବୋଲି ପୋଲିସ କହିଛି । ଗିରଫ ତିନିଜଣଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ପୁନିଆଁ ଘର ସହିଦନଗର ଆଖଣ୍ଡଳମଣି ବସ୍ତିରେ ହୋଇଥିବାବେଳେ ରାଜେନ୍ଦ୍ର ଘର ସହିଦନଗର ଥାନା ଅଞ୍ଚଳ ଭୋଇନଗର ବସ୍ତିରେ । ସେହିପରି ସୁରେଶ ଘର ସାଲିଆ ସାହିରେ ବୋଲି ସୂଚନା ଦେଇଛି ।

## କଟକ ଜିଲ୍ଲାରେ ଆଉ ୬୦୬ଟି ନୂତନ ମତଦାନ କେନ୍ଦ୍ର

କଟକ, (ସବ୍ୟୁ): ଜିଲ୍ଲାର ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆଉ ୬୦୬ଟି ନୂତନ ମତଦାନ କେନ୍ଦ୍ର ସ୍ଥାପନ ନିମନ୍ତେ ନିର୍ବାଚନ ଆୟୋଗ ଅନୁମତି ପ୍ରଦାନ କରିଛନ୍ତି । ଏଥସହ ଜିଲ୍ଲାର ସମୁଦାୟ ମତଦାନ କେନ୍ଦ୍ର ସଂଖ୍ୟା ୨୮୯୭ଟି ରେ ପହଂଚିଛି । ଏଥିମଧ୍ୟରେ ବଡମ୍ବା ନିର୍ବାଚନମଣ୍ଡଳୀରେ ୫୯ଟି, ଆଠଗଡ ନିର୍ବାଚନ ମଣ୍ଡଳୀରେ ୬୩ଟି, ବାଙ୍କୀ ନିର୍ବାଚନ ମଣ୍ଡଳୀରେ ୪୭ଟି, ବାରବାଟୀ କଟକ ଓ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ ୬୭ଟି ଲେଖାଏଁ, ନିଆଳି ଓ କଟକ ସଦର ନିର୍ବାଚନ ମଣ୍ଡଳୀରେ ୬୪ଟି ଲେଖାଏଁ, ସାଲେପୁର ନିର୍ବାଚନ ମଣ୍ଡଳୀରେ ୯୬ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ୭୯ଟି ନୂତନ ମତଦାନ କେନ୍ଦ୍ର ରହିଛି । ଏଥିସହ ୯ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୧ଟି ମତଦାନ କେନ୍ଦ୍ର ନାମ ପରିବର୍ତ୍ତନ କରିବା ଏବଂ ୧୬ଟି ମତଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ କରିବା ନିମନ୍ତେ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ପୂର୍ବରୁ କଟକ ଜିଲ୍ଲାରେ ମୋଟ ୨୨୯୧ଟି ମତଦାନ କେନ୍ଦ୍ର ରହିଥିଲା । କଟକ ଜିଲ୍ଲାରେ ମତଦାନ କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବା, ନାମ ପରିବର୍ତ୍ତନ କରିବା ଓ ସ୍ଥାନ ପରିବର୍ତ୍ତନ କରିବା ନିମନ୍ତେ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରସ୍ତାବ ଦାଖଲ କରାଯାଇଥଲା ।

## କିମ୍‌ସରେ ପେନ୍ ମ୍ୟାନେଜମେଣ୍ଟ ସମ୍ମିଳନୀ ଉଦ୍‌ଘାଟିତ




ଭୁବନେଶ୍ୱର, (ସବ୍ୟୁ): କିମ୍‌ସରେ ପେନ୍ ମ୍ୟାନେଜମେଣ୍ଟ ସମ୍ମିଳନୀ ଆଜି ଉଦ୍‌ଘାଟିତ ହୋଇଯାଇଛି । ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଆୟୋଜିତ ହୋଇଛି । ଇଣ୍ଡିଆନ୍ ସୋସାଇଟି ଫର୍ ଷ୍ଟଡି ଅଫ୍ ପେନ୍, ଭୁବନେଶ୍ୱର ଶାଖା ଓ କିମ୍‌ସର ଆନାସ୍ଥେସିଓଲୋଜି ସ୍ନାତକୋତ୍ତର ବିଭାଗ ଓ ପେନ୍ ମେଡିସିନ୍ ବିଭାଗ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଦୁଇ ଦିନ ଧରି ଚାଲିବ । ସମ୍ମିଳନୀର ବିଷୟବସ୍ତୁ ରହିଛି 'ସେପିଂ ଦି ଫ୍ୟୁଚର୍ ଅଫ୍ ପେନ୍ ମେଡ଼ିସିନ୍ ଇନ୍ ଓଡ଼ିଶା ଆଣ୍ଡ ବିୟଣ୍ଡ' । ଏହି ସମ୍ମିଳନୀ ଜରିଆରେ ପେନ୍ ମ୍ୟାନେଜମେଣ୍ଟ ବିଶେଷଜ୍ଞଙ୍କ ମଧ୍ୟରେ ସର୍ଜନାତ୍ମକ ଜ୍ଞାନ ଓ ସୂଚନାର ବିନିମୟ ହେବ । ଏହି ବୈଜ୍ଞାନିକ ସମ୍ମିଳନୀକୁ ଉଦଘାଟନ କରି, ଓଡ଼ିଶା ୟୁନିଭରସିଟି ଅଫ୍ ହେଲ୍‌ଥ ସାଇନ୍ସେସର କୁଳପତି ଡ ମାନସ ରଞ୍ଜନ ସାହୁ କହିଲେ, ଏହା ଏକ ପରିବର୍ତ୍ତନକାରୀ ସମ୍ମିଳନୀ । ଏଭଳି ସମ୍ମିଳନୀ ଜରିଆରେ ଓଡ଼ିଶାରେ ଯନ୍ତ୍ରଣା ଚିକିତ୍ସାର ଭବିଷ୍ୟତକୁ ଆଗେଇ ନିଆଯାଇପାରିବ । ପେନ୍ ମ୍ୟାନେଜମେଣ୍ଟ ବା ଯନ୍ତ୍ରଣା ଚିକିତ୍ସା ହେଉଛି ସକାରାତ୍ମକ ଶଲ୍ୟ ଚିକିତ୍ସାର ମୂଳ ଏବଂ ଓଡ଼ିଶା ୟୁନିଭରସିଟି ଅଫ୍ ହେଲ୍‌ଥ ସାଇନ୍ସେସ ଖୁବ୍ ଶୀଘ୍ର ଓଡ଼ିଶାରେ ଯନ୍ତ୍ରଣା ଚିକିତ୍ସା ଉପରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳନ କରିବ ବୋଲି ସେ କହିଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ କିମ୍‌ସ ଆନାସ୍ଥେସିଓଲୋଜି ବିଭାଗୀୟ ମୁଖ୍ୟ ଡା ଅମ୍ରିତା ପଣ୍ଡା କହିଲେ, ଏହି ସମ୍ମିଳନୀରେ ଯନ୍ତ୍ରଣା ଚିକିତ୍ସାର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ରୋଗୀଙ୍କ ଉତ୍ତମ ଫଳାଫଳ ପାଇଁ ସାମଗ୍ରିକ ଓ ପ୍ରମାଣ-ଆଧାରିତ ପଦ୍ଧତି ଉପରେ ଧ୍ୟାନ ଦିଆଯାଇଛି । ସେହିପରି ସମ୍ମିଳନୀର ଆୟୋଜକ କମିଟିର ସଭାପତି ତଥା କିମ୍‌ସ ଯନ୍ତ୍ରଣା ଚିକିତ୍ସା ବିଶେଷଜ୍ଞ ଡା. ରାଜେନ୍ଦ୍ର ସାହୁ ସମ୍ମିଳନୀରେ ୧୯୦ ଜଣ ପ୍ରତିନିଧି ପଞ୍ଜୀକରଣ କରିଥିବା ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ୍ ସୋସାଇଟି ଫର୍ ଷ୍ଟଡି ଅଫ୍ ପେନ୍ ଓଡ଼ିଶା ଚାପ୍ଟରର ସଭାପତି ଡା ରିତେଶ ରାୟ, ରାଷ୍ଟ୍ରୀୟ ସଭାପତି ଡା କ୍ରିଷ୍ଣା ପୋଦାର, କିମ୍‌ସ ମେଡିକାଲ୍ ଅଧୀକ୍ଷକ ଡା. ମାନସ ରଞ୍ଜନ ବେହେରା ଓ ପେନ୍ ମ୍ୟାନେଜମେଣ୍ଟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବହୁ ବିଶେଷଜ୍ଞ, ଗବେଷକ ଓ ଡାକ୍ତରୀ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପୁରୀରେ ଆୟୋଜିତ ହେଲା ଓଡ଼ିଶା-ଆସାମ ସାହିତ୍ୟ ଉତ୍ସବ

ପୁରୀ, (ସବ୍ୟୁ): ଅହୋମ କବି ସମାଜ ପକ୍ଷରୁ ପୁରୀରେ ସମନ୍ୱୟ କବି ସମାରୋହ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ଶ୍ରୀ ଶଙ୍କରଦେବ ସଂସ୍କୃତି ସମାଜ ପୁରୀ ପ୍ରକଳ୍ପ ଅହୋମ ନାମଘର ଆନୁକୂଲ୍ୟରେ ଏହା ମିଳିତ ଭାବେ ଆୟୋଜିତ ହୋଇଥିଲା । କବିୟତ୍ରୀ ଶୈଳବାଳା ମହାପାତ୍ର ଏହି ଓଡ଼ିଶା-ଆସାମ ସାହିତ୍ୟ ଉତ୍ସବକୁ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଲୋକ ସମ୍ପର୍କ ସୂଚନା ଉପ ନିର୍ଦ୍ଦେଶକ ସନ୍ତୋଷ ସେଠୀ ଯୋଗ ଦେଇଥିଲେ । ବରିଷ୍ଠ ସାହିତ୍ୟିକ ଓ ଏନବିଟିର ପୂର୍ବତନ ସଭାପତି ମାନସ ରଞ୍ଜନ ମହାପାତ୍ର ଏହାର ସଭାପତିତ୍ୱ କରିଥିଲେ । ଓଡ଼ିଶା ଓ ଆସାମ ସାହିତ୍ୟର ମିଳନ ଏଠାରେ ଦେଖିବାକୁ ମିଳିଥିଲା । ଏହି ଅନୁଷ୍ଠାନର ସଭାପତି ରାଜୀବ କୁମାର ଫୁକନ ଓ ସମ୍ପାଦକ ବର୍ଣ୍ଣାଳୀ ବୋରା ବୈଶ୍ୟ ସୁଚାରୁରୂପେ ଏହାର ପରିଚାଳନା କରିଥିଲେ । କବି ସମ୍ମିଳନୀର ଉଭୟ ଆସାମ ଓ ଓଡିଶାର ଅନେକ କବି ସ୍ୱରଚିତ କବିତା ପାଠ କରି ପରିବେଶକୁ ସାହିତ୍ୟମୟ କରିଥିଲେ ।

## ସହୀଦ ଜୟୀ ରାଜଗୁରୁଙ୍କ ୨୨୦ ତମ ମହାପ୍ରୟାଣ ଦିବସ

ପୁରୀ, (ସବ୍ୟୁ) : ସହୀଦ ଜୟୀ ରାଜଗୁରୁ ସ୍ୱାଧୀନତା ଆନ୍ଦୋଳନର ଏକ ସ୍ୱର୍ଦ୍ଧିତ ନାମ । ସାହସ, ଶୌର୍ଯ୍ୟ ଓ ଅଦମ୍ୟ ବୀରତ୍ୱର ପ୍ରତୀକ ଥିଲେ ସେ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଚିର ଅମର ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜନ୍ମ ସ୍ଥାନ ବୀର ହରେକୃଷ୍ଣପୁର ଛକ ନିକଟସ୍ଥ ପ୍ରତିମୂର୍ତ୍ତି ଓ ବୀର ହରେକୃଷ୍ଣପୁର ଗ୍ରାମରେ ଥିବା ଜୟୀ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ୨୨୦ ତମ ମହାପ୍ରୟାଣ ତିଥିରେ ସହୀଦ ଙ୍କ ମହାପ୍ରୟାଣ ଦିବସ ଅବସରରେ ପୂର୍ବାହ୍ନରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ନିକଟସ୍ଥ ପୁଷ୍କରିଣୀ ରେ ସହୀଦ ଙ୍କ ଉଦ୍ଦେଶ୍ୟ ରେ ତିଳତର୍ପଣ କରାଯାଇଥିଲା ।

ସହୀଦ ଙ୍କ ଜନ୍ମସ୍ଥାନ ବୀର ହରେକୃଷ୍ଣ ପୁର ଗ୍ରାମ ଠାରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଗୋପୀନାଥ ଦେବସ୍ଥାନ ସମିତି ଓ ସହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ଓଡିଶା ଙ୍କ ମିଳିତ ସହଯୋଗ ରେ ଆୟୋଜିତ ମହାପ୍ରୟାଣ ଦିବସ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ



ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଓ ସଦର ବିଡ଼ିଓ ସମ୍ବିତ ଶତପଥୀ ଜୟୀ ରାଜଗୁରୁ ଙ୍କ ସ୍ମୃତି ଚାରଣ କରି ସଂଗ୍ରାମୀ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜୟୀ ରାଜଗୁରୁ ଜଣେ ଦୃଢ଼ମନା, ଅଦମ୍ୟ ଦେଶପ୍ରେମୀ ଓ ସାହସୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଆଜିର ଯୁବ ପିଢ଼ି ତାଙ୍କ ବିଷୟରେ ପଢିବା, ତାଙ୍କ ଚରିତ୍ର ଓ ଆଦର୍ଶ କୁ ଅନୁସରଣ କଲେ ଏକ ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନ ହୋଇ ପାରିବ ବୋଲି ସେ କହିଥିଲେ । ସହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଜୟୀ ରାଜଗୁରୁ ଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିବା ସହ ସହୀଦ ଙ୍କ ସମ୍ପର୍କରେ ଅଧିକ ପ୍ରଚାର ପ୍ରସାର ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ସ୍ମୃତି ପରିଷଦ ର ସହଯୋଗ ରେ ଜୟୀ ରାଜଗୁରୁ ଙ୍କ ଉପରେ ପୁସ୍ତକ ପ୍ରକାଶିତ ହୋଇଛି ବୋଲି ସୂଚନା ଦେଇଥିଲେ ।

ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଜୟୀ ରାଜଗୁରୁ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବୀର ହରେକୃଷ୍ଣପୁର ଗ୍ରାମ କମିଟି ସଭାପତି ଭାସ୍କର ନାରାୟଣ ରଥ, ଉପ ସଭାପତି ପ୍ରକାଶ ଚନ୍ଦ୍ର ରଥ, ସମିତି ସଭ୍ୟ ଅଜୟ କୁମାର ପ୍ରଧାନ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଗ୍ରାମ୍ୟ କମିଟି ସଦସ୍ୟ ହରି ଶଙ୍କର ମିଶ୍ର, ଦେବୀ ପ୍ରସାଦ ମହାପାତ୍ର, ରାଜେଶ କୁମାର ରଥ, ରବି ନାରାୟଣ ମିଶ୍ର, ଆଶୁତୋଷ ମିଶ୍ର, ହିମାଂଶୁ ମିଶ୍ର, ସତ୍ୟଜିତ ତ୍ରିପାଠୀ, ବିଷ୍ଣୁ ପ୍ରସାଦ ମିଶ୍ର, ଶକ୍ତି ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ରେ ଯୋଗ ଦେଇ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ କରିଥିଲେ । ପୂର୍ବରୁ ପୁରୀ ରେଲୱେ ଷ୍ଟେସନ ଠାରେ ଥିବା ଜୟୀ ରାଜଗୁରୁ ଙ୍କ ପ୍ରତିମୂର୍ତ୍ତି ରେ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଉପ ନିର୍ଦ୍ଦେଶକ ଶ୍ରୀ ସେଠୀ ଓ ଅନ୍ୟ ମାନେ ମାଲ୍ୟାର୍ପଣ କରାଯାଇଥିଲା ।

## ସ୍ୱାସ୍ଥ୍ୟ ସେବା ଗବେଷଣା ନେଇ ସମ୍ ନର୍ସିଂ କଲେଜ ପକ୍ଷରୁ ଆନ୍ତର୍ଜାତିକ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଉତ୍ତମ ସ୍ୱାସ୍ଥ୍ୟ ସେବା ଏବଂ ଏ ଦିଗରେ ଉତ୍କର୍ଷତା ହାସଲ ନିମନ୍ତେ ସାମାଜିକ ଓ ମାନବିକ ଦୃଷ୍ଟିକୋଣରୁ ଗବେଷଣାର ଆବଶ୍ୟକତା ରହିଛି ବୋଲି ଆଇଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଆଶିଷ ଘୋଷ



କହିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ଆୟୋଜିତ 'ଏଭିଡେନ୍ସ ବେସ୍‌ଡ ପ୍ରାକ୍ଟିସ୍ ଆଣ୍ଡ ଇନୋଭେସନ ଇନ୍ ହେଲ୍‌ଥ କେୟାର ରିସର୍ଚ୍ଚ: ଅପ୍ଟିମାଇଜିଂ କ୍ୱାଲିଟି ଆଣ୍ଡ ଏକ୍ସିଲେନ୍ସ' ଶୀର୍ଷକ ଆର୍ନ୍ତଜାତିକ କର୍ମଶାଳାରେ ପ୍ରଫେସର ଘୋଷ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଲୋଚନାଚକ୍ରରେ ରୋଗୀକୁ କଷ୍ଟମୁକ୍ତ କରିବା ନେଇ ଚିକିତ୍ସା ଆବଶ୍ୟକ ବୋଲି କହିଥିଲେ ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବହୁ ବିଷୟକ ଦୃଷ୍ଟିକୋଣରୁ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡିଚରଣ ରଥ ଯୋଗ ଦେଇ ଗବେଷଣାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏସଏଚଏସ୍‌ଆରସି, ଓଡ଼ିଶାର ଟିମ ଲିଡର ଡକ୍ଟର ଦୀନବନ୍ଧୁ ସାହୁ ମଧ୍ୟ ସମ୍ମିଳନୀରେ ବକ୍ତବ୍ୟ ରଖିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ସୋମି ଓଡ଼ିଶା ଶାଖାର ଉପଦେଷ୍ଟା ତଥା ବ୍ରହ୍ମପୁର ସରକାରୀ ନର୍ସିଂ କଲେଜର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଅମ୍ରିତା ଲେଙ୍କା ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମରେ ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର ସସ୍ମିତା ଦାସ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଏବଂ ନର୍ସ ମାନଙ୍କର ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଥିବା ବେଳେ ଏସ୍‌ଏନ୍‌ସିର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ସମ୍ମିଳନୀର ପ୍ରସଙ୍ଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମିଳନୀରେ ଏସ୍‌ଏନ୍‌ସିର ଆଡିସ୍‌ନାଲ ଡିନ୍ ପ୍ରଫେସର ତପତୀ ଶାହା, କାର୍ଯ୍ୟକ୍ରମର ସଂଯୋଜିକା ଆସୋସିଏଟ ପ୍ରଫେସର ଦେବଯାନୀ ନାୟକ, ସହସଂଯୋଜିକା ତଥା ଆସୋସିଏଟ୍ ପ୍ରଫେସର ମଧୁସ୍ମିତା ନାୟକ, ପ୍ରତିଭା ଖୋସ୍‌ଲା ଓ ରୁବି ପ୍ରଧାନ ବକ୍ତବ୍ୟ ରଖିଥିଲେ ।

## ବାବାସାହେବଙ୍କ ସମ୍ବିଧାନରେ ବସୁଧୈବ କୁଟୁମ୍ବକମ୍ ନିହିତ

ଭୁବନେଶ୍ୱର, (ସବ୍ୟୁ) : ଡିସେମ୍ବର-୬ ମହାନ ଭାରତୀୟ ସମ୍ବିଧାନର ପ୍ରଣେତା ତଥା ସାମାଜିକ ନ୍ୟାୟର ପ୍ରତିଷ୍ଠାତା ଭାରତରନି ଡ. ଭୀମ ରାଓ ଆମ୍ବେଦକରଙ୍କ ପୂଣ୍ୟତିଥିରେ କଂଗ୍ରେସ ଭବନ ପରିସରରେ ଏକ ବିରାଟ ସାମାଜିକ ନ୍ୟାୟ ସମାବେଶ ଆୟୋଜିତ ହୋଇଥିଲା । ସମାବେଶରେ ଆଲୋଚନାର ବିଷୟବସ୍ତୁ ସାମାଜିକ ନ୍ୟାୟ ଓ ଓଡ଼ିଶା ଥିଲା । କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ କଂଗ୍ରେସ ଦଳର ସମସ୍ତ ବରିଷ୍ଠ ନେତୃବୃନ୍ଦ ଏବଂ କର୍ମକର୍ତ୍ତା ଯୋଗଦାନ କରିଥିଲେ । ସମାବେଶକୁ ସମ୍ବୋଧିତ କରି ପିସିସି ସଭାପତି ଶ୍ରୀ ଦାସ ଆମ୍ବେଦକରଙ୍କୁ ଏକ ଗୀତ ମାଧ୍ୟମରେ ନିଜ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ଏବଂ କହିଥିଲେ ଯେ, ଭାରତର ସଭ୍ୟତା, ସଂସ୍କୃତି, ବେଦ ଏବଂ ପ୍ରତ୍ୟେକ ଧର୍ମ, ଜାତି, ପ୍ରତ୍ୟେକ ବ୍ୟକ୍ତି ଜଳ, ବାୟୁ, ଆକାଶ ପ୍ରତ୍ୟେକ ଜୀବ ଓ ପ୍ରକୃତିକୁ ନେଇ ବାବା ସାହେବ ସମ୍ବିଧାନର ରଚନା କରିଛନ୍ତି । ଏହି ସମ୍ବିଧାନ ବସୁଧୈବ କୁଟୁମ୍ବକମ ଦ୍ୱାରା ପ୍ରଭାବିତ । ପୀଡ଼ିତଙ୍କ ଉତଥାନ ପଛୁଆବର୍ଗଙ୍କ ନ୍ୟାୟ ପାଇଁ ପ୍ରେରିତ । କିନ୍ତୁ ଦୁଃଖର କଥା ଏହି ମହାନ ସମ୍ବିଧାନକୁ ବିଜେପି ଖଣ୍ଡ ଖଣ୍ଡ କରି ଖତମ କରିବାପାଇଁ ଚାହୁଁଛି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମ୍ମାନହାନୀ କରାଯାଉଛି । ଓଡ଼ିଶା ବିଧାନସଭାରେ ସାମ୍ବିଧାନିକ ରୂପେ ନିର୍ବାଚିତ ପ୍ରତିନିଧି ଗାନ୍ଧୀଙ୍କ ସମ୍ମାନହାନୀ କରିବାକୁ ପଛାଉ ନାହାନ୍ତି ଏହା ଲୋକସଭାରେ ମଧ୍ୟ କରାଯାଉଛି । ଭୋଟ ଚୋରୀ ଦ୍ୱାରା ଗଣତାନ୍ତ୍ରିକ ଅଧିକାରର ଲୁଟ କରାଯାଉଛି । ସମ୍ବିଧାନକୁ ବଞ୍ଚାଇବା ବର୍ତ୍ତମାନ କଂଗ୍ରେସର ପରମ କହିଲେ ଯେ ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ ସାମାଜିକ ନ୍ୟାୟ ଆନ୍ଦୋଳନ ଆରମ୍ଭ କରିଥିଲେ । ଯାହା ଆମ୍ବେଦକରଙ୍କ ସମ୍ବିଧାନ, ସାମାଜିକ ନ୍ୟାୟ ପ୍ରଦାନ କରିଥିଲା । ଆଜି ଧର୍ମ, ଜାତିକୁ ନେଇ ଦେଶ ବିରୋଧି ଶକ୍ତି ଦେଶକୁ ଖଣ୍ଡ କରିବାକୁ ଯାଉଛନ୍ତି ।



କର୍ତ୍ତବ୍ୟ । ଗାଁ ଗାଁରେ ପଦଯାତ୍ରା କରି ଜନତାଙ୍କ ଅଧିକାର ବିଷୟରେ ସଚେତନ କରିବାକୁ ପଡ଼ିବ । ଆଗାମୀ ଦିନରେ ସାମାଜିକ ନ୍ୟାୟକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ ବିରାଟ ଆନ୍ଦୋଳନ କରିବ । ସମ୍ବିଧାନ ଅନୁସାରେ ସାମାଜିକ ନ୍ୟାୟ ଲଢ଼େଇ କରିବ । ସମାଜର ସମସ୍ତ ଉପେକ୍ଷିତ ବର୍ଗଙ୍କ ପାଇଁ ଲଢ଼େଇ ହେବ । ସରକାରଙ୍କୁ ନିଶ୍ଚୟ ଆଗେଇବାକୁ ପଡ଼ିବ । ଜନତାଙ୍କ ସାମ୍ବିଧାନିକ ଅଧିକାରକୁ ନଷ୍ଟ ହେବାକୁ ଦିଆଯିବ ନାହିଁ ବୋଲି ଶ୍ରୀ ଦାସ ଦୃଢ଼ତାର ସହିତ କହିଥିଲେ । ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ସରକାର ସମୟରେ ସମାଜରେ ସମତା ଆଣିବାପାଇଁ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ କରିଥିଲା । ଏପରିକି ଚାକିରି କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ଦେଲା । ବର୍ତ୍ତମାନ କିନ୍ତୁ ବିପରୀତ ଦିଗରେ ପବନ ବହୁଛି । ସମାଜରେ ବିଭେଦ ସୃଷ୍ଟିକରିବା ଚେଷ୍ଟା କରାଯାଉଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ, ଆମ୍ବେଦକର ଏକ ଗରିବ ପରିବାରରେ ଜନ୍ମ ହୋଇଥିଲେ କିନ୍ତୁ ସେ କେବଳ ଗୋଟିଏ ବର୍ଗପାଇଁ ଚିନ୍ତା କରିନଥିଲେ । ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଲେ କଂଗ୍ରେସ ଉପରେ ମିଥ୍ୟା ଆରୋପ କରାଯାଉଛି । ପୂର୍ବତନ ବିଧାୟକ ଶରତ ରାଉତ କହିଲେ ସମ୍ବିଧାନକୁ ସୁରକ୍ଷା ବର୍ତ୍ତମାନ ମୁଖ୍ୟ ପ୍ରସଙ୍ଗ । ଆମ ନେତା ରାହୁଲ ଗାନ୍ଧୀ ସମ୍ବିଧାନର ସୁରକ୍ଷା ପାଇଁ ସମଗ୍ର ଭାରତ ଯାତ୍ରା କରୁଛନ୍ତି । ଯଦି ଆମେ ସୁରକ୍ଷା ଦେଇ ପାରିବା ନାହିଁ, ତେବେ ଦେଶ ଭୁଷୁଡି ଯିବ ଏବଂ ଏକଛତ୍ରବାଦ ପ୍ରତିଷ୍ଠା ହେବ । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଲେ ସାମାଜିକ ଭେଦଭାବର ମୁଁ ବ୍ୟକ୍ତିଗତ ଶିକାର ହୋଇଛି । ପ୍ରାଥମିକ ସ୍କୁଲରେ ପିଲାବେଳେ ଛୁଆଁ ଅଛୁଆଁର ଶିକାର ହୋଇଛି । ବିଧାନସଭା ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ କହିଲେ ବାବା ସାହେବ ସମସ୍ତ ବର୍ଗର ଲୋକଙ୍କ ପାଇଁ ସମ୍ବିଧାନ ତିଆରି କରିଥିଲେ ଏବଂ ଏଥିରେ ଆଦିବାସୀ ଦଳିତ ପଛୁଆବର୍ଗଙ୍କ ପାଇଁ ବିଶେଷ ପ୍ରାବଧାନ ଅଛି । କିନ୍ତୁ ସରକାର ଗୁଡିକ କାର୍ଯ୍ୟକାରୀ କରୁନାହାନ୍ତି । ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଲେ ସାମାଜିକ ନ୍ୟାୟ ସକାଶେ କଂଗ୍ରେସକୁ ତୃଣମୂଳ ସ୍ତରକୁ ଯାଇ ସଚେତନତା ମାଧ୍ୟମରେ ଆନ୍ଦୋଳନ କରିବାକୁ ପଡିବ । ପୂର୍ବତନ ସାଂସଦ ଅନନ୍ତପ୍ରସାଦ ସେଠୀ ସାମାଜିକ ନ୍ୟାୟ ସମାବେଶର ସଭାପତିତ୍ୱ କରିଥିଲେ ।

## ଗୃହ ପାଳିତ ପଶୁଙ୍କ ପାଇଁ ସ୍ୱର ଉଠାଇଲେ ଇରାଶିଷ

ଭୁବନେଶ୍ୱର, (ସବ୍ୟୁ) : ଗୃହ ପାଳିତ ପଶୁଙ୍କୁ ଆମେ ଘରେ ରଖୁଛେ । ଗାଈଙ୍କ ସମେତ ବିଭିନ୍ନ ଗୃହ ପାଳିତ ପଶୁର ଶରୀର ଅସୁସ୍ଥ ହେଉଛି । ସେମାନଙ୍କ ଔଷଧ ଖର୍ଚ୍ଚ ଗରିବ ଲୋକ ବହନ କରିପାରୁ ନାହାଁନ୍ତି । ତେଣୁ ପ୍ରତି ବ୍ଲକରେ ପଶୁମାନଙ୍କ ପାଇଁ ଏକ ଜେନେରିକ୍ ଔଷଧ ଦୋକାନ ଖୋଲାଯାଉ । ଫଳରେ ଔଷଧ ଖର୍ଚ୍ଚ ବାବଦ ଅର୍ଥ କମ୍ ହେବ ବୋଲି ଶୂନ୍ୟକାଳରେ ବିଜେପି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏହି ପ୍ରସଙ୍ଗ ଉଠାଇଛନ୍ତି ।

## ଜିଲ୍ଲା ସ୍ତରରେ ପ୍ଲାନିଂ କମିଟି ପୁନଃଗଠନ ହେଉ

ଭୁବନେଶ୍ୱର, (ସବ୍ୟୁ) : ସମ୍ବିଧାନରେ ବ୍ୟବସ୍ଥା ପ୍ରତି ଅଣଦେଖା କରାଯାଉଛି । ନୂଆ ସରକାର ଆସିବା ପରେ ପ୍ଲାନିଂ କମିଟି ବସିନି । ନୂଆ କମିଟି ଅଧ୍ୟକ୍ଷ ମଧ୍ୟ ଚୟନ କରାଯାଇନି । ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ଅର୍ଥ ଖର୍ଚ୍ଚ ହୋଇନି । ଜିଲ୍ଲା କମିଟିକୁ ପୁନଃଗଠନ କରାଯାଉ ବୋଲି ବିଧାୟକ ଗଣେଶ୍ୱର ବେହେରା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଛନ୍ତି ।

# ଜାନୁଆରୀରେ "ପରୀକ୍ଷା ପେ ଚର୍ଚ୍ଚା'ର ୯ମ ସଂସ୍କରଣ

## ମାଇଗଭ ପୋର୍ଟାଲରେ ୧୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ପଞ୍ଜୀକରଣ ଖୋଲା ରହିବ

ନୂଆଦିଲ୍ଲୀ:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ମତବିନିମୟ କାର୍ଯ୍ୟକ୍ରମ, ପରୀକ୍ଷା ପେ ଚର୍ଚ୍ଚା (ପିପିସି), ଏହାର ୯ମ ସଂସ୍କରଣ ସହିତ ଫେରିଛି । ନୂଆ ସଂସ୍କରଣ ଜାନୁଆରୀ ୨୦୨୬ରେ ଅନୁଷ୍ଠିତ ହେବ, ଯେଉଁଠାରେ ଭାରତ ଏବଂ ବିଦେଶର ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନେ ତାଙ୍କ ସହିତ ପରୀକ୍ଷା ଚାପ, ପରୀକ୍ଷାକୁ ଏକ ଉତ୍ସବ ଏବଂ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ କିପରି ବ୍ୟବହାର କରିବେ ସେ ବିଷୟରେ ଆଲୋଚନା କରିବେ ।

ଏହି କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀମାନଙ୍କୁ ଚୟନ କରିବା ପାଇଁ, ଡିସେମ୍ବର ୧, ୨୦୨୫ରୁ ଜାନୁଆରୀ ୧୧, ୨୦୨୬ ପର୍ଯ୍ୟନ୍ତ ମାଇଗଭ୍ ପୋର୍ଟାଲରେ ଏକ ଅନଲାଇନ୍ ଏମସିକ୍ୟୁ-ଆଧାରିତ ପ୍ରତିଯୋଗିତା ଆୟୋଜନ କରାଯାଉଛି । ଯେଉଁଥିରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଏବଂ ଅଭିଭାବକମାନେ



ଅଂଶଗ୍ରହଣ କରିପାରିବେ । ଏହି କାର୍ଯ୍ୟକଳାପ ସମାପ୍ତ କରୁଥିବା ସମସ୍ତ ପଞ୍ଜିକୃତ ଅଂଶଗ୍ରହଣକାରୀମାନଙ୍କୁ ମାଇଗଭରୁ ଏକ ଅଂଶଗ୍ରହଣ ପ୍ରମାଣପତ୍ର ମଧ୍ୟ ମିଳିବ । ପରୀକ୍ଷା ପେ ଚର୍ଚ୍ଚାର ଅଷ୍ଟମ ସଂସ୍କରଣ ୧୦ ଫେବୃଆରୀ, ୨୦୨୫ରେ ପ୍ରସାରିତ ହୋଇଥିଲା । ଏହି ଆଲୋଚନା ଏକ ନୂତନ ଏବଂ ଅଭିନବ ଢାଞ୍ଚାରେ ନୂଆଦିଲ୍ଲୀର ସୁନ୍ଦର ନର୍ସରୀରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସରକାରୀ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ସ୍କୁଲ, ଏକଲବ୍ୟ ମଡେଲ ଆବାସିକ ସ୍କୁଲ, ସିବିଏସଇ-ସମ୍ବନ୍ଧିତ ସ୍କୁଲ ଏବଂ ନବୋଦୟ ବିଦ୍ୟାଳୟ ସମେତ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୩୬ ଜଣ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ପ୍ରେରଣା ଆଲୁମନି ଏବଂ କଳା ଉତ୍ସବ ଏବଂ ବୀର ଗାଥାର ବିଜେତାମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ । ଏହି ସଂସ୍କରଣରେ କ୍ରୀଡା ଏବଂ ଶୃଙ୍ଖଳା ଓ ମାନସିକ ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ପୁଷ୍ଟିସାର, ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଥିକ, ତଥା ସୃଜନଶୀଳତା ଏବଂ ସକାରାତ୍ମକତା ପର୍ଯ୍ୟନ୍ତ ସାତଟି ଭିନ୍ନ ଏପିସୋଡ୍ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା, ଯେଉଁଥିରେ ଜଣାଶୁଣା ବ୍ୟକ୍ତିତ୍ୱଙ୍କ ପ୍ରେରଣାଦାୟକ ପରାମର୍ଶ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା ।

୨୦୨୫ ମସିହାରେ ପରୀକ୍ଷା ପେ ଚର୍ଚ୍ଚା ୨୪୫ରୁ ଅଧିକ ଦେଶର ଛାତ୍ରଛାତ୍ରୀ, ୧୫୩ଟି ଦେଶର ଶିକ୍ଷକ ଏବଂ ୧୪୯ ଟି ଦେଶର ଅଭିଭାବକଙ୍କ ଅଂଶଗ୍ରହଣ ସହିତ ଏକ ବିରଳ ଗିନିଜ୍ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲା । ବିଗତ କିଛି ବର୍ଷରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟାରେ ଏକ ଅଭୂତପୂର୍ବ ବୃଦ୍ଧି ଘଟିଛି । ୨୦୧୮ ମସିହାରେ ପ୍ରଥମ ସଂସ୍କରଣରେ ମାତ୍ର ୨୨,୦୦୦ ଅଂଶଗ୍ରହଣକାରୀ ଥିବାବେଳେ ୨୦୨୫ରେ ଅଷ୍ଟମ ସଂସ୍କରଣରେ ଏହା ୩୫.୬ ନିୟୁତ ପଞ୍ଜୀକରଣରେ ପହଞ୍ଚିଥିଲା । ଏହି ବିପୁଳ ଅଂଶଗ୍ରହଣ ଏହାର ପ୍ରାସଙ୍ଗିକତା ଏବଂ ଲୋକପ୍ରିୟତାକୁ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରୁଛି । ଏହା ସହିତ, ପରୀକ୍ଷା ପେ ଚର୍ଚ୍ଚା ୨୦୨୫ ସହିତ ଜଡିତ ଦେଶବ୍ୟାପୀ ଜନ ଆନ୍ଦୋଳନମୂଳକ କାର୍ଯ୍ୟକଳାପଗୁଡ଼ିକରେ ପ୍ରାୟ ୧.୫୫ କୋଟି ଲୋକ ଅଂଶଗ୍ରହଣ କରିଥିଲେ । ଫଳରେ ଏଥିରେ ମୋଟ ଅଂଶଗ୍ରହଣ ପ୍ରାୟ ୫ କୋଟିକୁ ବୃଦ୍ଧି ପାଇଛି ।

## ଭାରତକୁ କ୍ଷମା ମାଗନ୍ତୁ ଟ୍ରମ୍ପ

# ମୁନିରଙ୍କୁ ଜେଲଦଣ୍ଡ ପାଇଁ ବଢ଼ିଲା ଚାପ

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଅନେକ ନୀତି ପ୍ରତିକୂଳ ମନେହେଉଛି । ଗୋଟିଏ ପଟେ ସେ ଶୁଳ୍କ ଲାଗୁ କରି ଅନେକ ଦେଶର ଅସନ୍ତୋଷର କାରଣ ହୋଇଛନ୍ତି । ଅନ୍ୟପଟେ, ପାକିସ୍ତାନ ପ୍ରତି ତାଙ୍କର ପ୍ରେମ ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ସମ୍ପ୍ରତି ୪୪ ଜଣ ସିନେଟର ଅସୀମ ମୁନିରଙ୍କ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରି ବିଦେଶ ସଚିବ ମାର୍କୋ ରୁବିଓଙ୍କୁ ଚିଠି ଲେଖିଛନ୍ତି । ଏବେ ଟ୍ରମ୍ପଙ୍କୁ ଭାରତକୁ କ୍ଷମା ମାଗିବାକୁ ପରାମର୍ଶ ଦିଆଯାଉଛି । ପୂର୍ବତନ ପେଣ୍ଟାଗନ ଅଧିକାରୀ ମାଇକେଲ ରୁବିନ୍ ପାକିସ୍ତାନ ପ୍ରତି ଟ୍ରମ୍ପଙ୍କ ପ୍ରେମକୁ ଅର୍ଥହୀନ ବୋଲି କହିଛନ୍ତ । ସେ ଅସୀମ ମୁନିରଙ୍କ ପ୍ରକୃତ ପରିଚୟ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ, ତାଙ୍କ ଦେଶକୁ ଆତଙ୍କବାଦୀ ସଂଗଠନ ଘୋଷଣା କରାଯିବା ଉଚିତ ।

ଟ୍ରମ୍ପ ପାକିସ୍ତାନକୁ ଏକ ପ୍ରମୁଖ ଅଣ-ନାଟୋ ସହଯୋଗୀ ଘୋଷଣା କରିଥିଲେ । ଯାହାର ପ୍ରତିକ୍ରିୟାରେ ପୂର୍ବତନ ପେଣ୍ଟାଗନ ଅଧିକାରୀ ମାଇକେଲ ରୁବିନ୍ କହିଥିଲେ ଯେ, ଆମେରିକାର ପାକିସ୍ତାନକୁ ଆଲିଙ୍ଗନ ରଣନୈତିକ ଭାବରେ ନିରର୍ଥକ । ପାକକୁ ତୁରନ୍ତ ଆତଙ୍କବାଦୀ ଦେଶ ଘୋଷଣା କରାଯିବା ଉଚିତ । ପାକିସ୍ତାନର ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ହ୍ୱାଇଟ୍ ହାଉସ ଗସ୍ତକୁ ରୁବିନ୍ ବିରୋଧ କରିଥିଲେ । ଏକ ରିପୋର୍ଟ ଅନୁଯାୟୀ, ରୁବିନ୍ କହିଛନ୍ତି,ଯଦି ଅସୀମ ମୁନିର ଆମେରିକା ଆସନ୍ତି ତେବେ ତାଙ୍କୁ ସମ୍ମାନିତ କରିବା ପରିବର୍ତ୍ତେ ଗିରଫ କରାଯିବା ଉଚିତ ।

ରୁବିନ୍ ଏହା ମଧ୍ୟ କହିଛନ୍ତି ଯେ, ଭାରତ ପ୍ରତି ଖରାପ ବ୍ୟବହାର ପାଇଁ ଆମେରିକା କ୍ଷମା ମାଗିବା ଉଚିତ । ବିଶେଷକରି, ଅଗଷ୍ଟରେ ରୁଷରୁ ତେଲ କିଣିବା ପାଇଁ ଭାରତୀୟ ଆମଦାନୀ ଉପରେ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ



ଲଗାଇବାର ଅବାନ୍ତର ନିଷ୍ପତ୍ତି କ୍ଷମା ମାଗିବା ଉଚିତ । ସେ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମା ମାଗିବାକୁ ପସନ୍ଦ କରନ୍ତି ନାହିଁ । କିନ୍ତୁ ଆମେରିକାର ସ୍ୱାର୍ଥ ତାଙ୍କ ବ୍ୟକ୍ତିଗତ ଅହଂକାର ଉପରେ । ରୁବିନ୍ ଶାନ୍ତିପୂର୍ଣ୍ଣ କୂଟନୀତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଗତ ବର୍ଷ ଧରି ଆମେ ଭାରତ ପ୍ରତି ଯେଉଁଭଳି ବ୍ୟବହାର କରିଛୁ ସେଥିପାଇଁ ଆମେରିକାକୁ କ୍ଷମା ମାଗିବା ଆବଶ୍ୟକ ।

## ସେନା ହାତକୁ ଆସିବ ଇସ୍ରାଏଲର ଘାତକ ଅସ୍ତ୍ର

ନୂଆଦିଲ୍ଲୀ: ଆତଙ୍କବାଦ ବିରୋଧୀ ଅଭିଯାନରେ ଭାରତୀୟ ସେନାର ଶକ୍ତି ଆହୁରି ବଢିବାକୁ ଯାଉଛି । କାରଣରୁ ଇସ୍ରାଏଲରୁ ଆସୁଛି ଏକ ସ୍ୱତନ୍ତ୍ର ଧରଣର ହାଲକା ମେସିନ ଗନ (ଏଲଏମଜି ) ସିକ୍ୟୁବି କାର୍ବାଇନ୍ । ଆସନ୍ତା ବର୍ଷ ପ୍ରଥମଭାଗରେ ପ୍ରାୟ ୪୦ ହଜାର ଏଲଏମଜି ଆସିବ ବୋଲି ଜଣାପଡ଼ିଛି । ଇସ୍ରାଏଲର ପ୍ରମୁଖ ପ୍ରତିରକ୍ଷା କମ୍ପାନୀ ଇସ୍ରାଏଲ ୱେପନ୍ ଇଣ୍ଡଷ୍ଟ୍ରିଜ୍ କହିଛି ଯେ ଏହା ଆସନ୍ତା ବର୍ଷ ଆରମ୍ଭରୁ ଭାରତକୁ ପ୍ରଥମ ଦଫାରେ ୪୦ ହଜାର ଏଲଏମଜିର ଯୋଗାଣ କରିବାକୁ ଯାଉଛି । ଏହା ସହିତ, ପ୍ରାୟ ୧.୭ ଲକ୍ଷ ନୂତନ ପିଢ଼ିର କ୍ଲୋଜ୍ କ୍ୱାର୍ଟର ବ୍ୟାଟେଲ୍ କାର୍ବାଇନ୍ ରାଇଫଲ୍ ଯୋଗାଣ ପାଇଁ ଚୁକ୍ତି ସ୍ୱାକ୍ଷର ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ଆଇଡବ୍ଲୁଆଇର ସିଇଓ ଶୁକି ସ୍ୱାର୍ଜ୍ କହିଛନ୍ତି ଯେ ତାଙ୍କ କମ୍ପାନୀ ପିସ୍ତଲ, ରାଇଫଲ୍ ଏବଂ ମେସିନ୍ ଗନ୍ ସମେତ ଏହାର ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ଗୃହ ମନ୍ତ୍ରଣାଳୟର ବିଭିନ୍ନ ଏଜେନ୍ସି ସହିତ କାମ କରୁଛି । ସେ କହିଛନ୍ତି, ଆମେ ବର୍ତ୍ତମାନ ତିନୋଟି ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଅଛୁ । ପ୍ରଥମଟି ହେଉଛି ଗତ ବର୍ଷ ସ୍ୱାକ୍ଷରିତ ୪୦,୦୦୦ ହାଲୁକା ମେସିନ୍ ଗନ୍ ପାଇଁ ଚୁକ୍ତି । ସମସ୍ତ ପରୀକ୍ଷଣ ଏବଂ ସରକାରୀ ଯାଞ୍ଚ ସମାପ୍ତ ହୋଇଛି । ଆମେ ଉତ୍ପାଦନ ଲାଇସେନ୍ସ ମଧ୍ୟ ପାଇଛୁ । ନୂତନ ବର୍ଷର ପ୍ରାରମ୍ଭରେ ଆମେ ପ୍ରଥମ କନସାଇନମେଣ୍ଟ ଯୋଗାଣ କରିବାକୁ ଚାହୁଁଛୁ । ଏଲଏମଜିର ସମ୍ପୂର୍ଣ୍ଣ ଯୋଗାଣ ୫ ବର୍ଷ ମଧ୍ୟରେ ସମାପ୍ତ ହେବ, କିନ୍ତୁ ଆମେ ଏହାକୁ ଆହୁରି ଶୀଘ୍ର କରିପାରିବୁ । ପ୍ରଥମ କନସାଇନମେଣ୍ଟ ଜାନୁଆରୀ-ଫେବୃଆରୀରେ ହିଁ ଆସିବ ।

# ପାକିସ୍ତାନ ସିଡିଏଫଙ୍କୁ ଟାର୍ଗେଟ କଲେ ଜୟଶଙ୍କର

ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ସମ୍ପର୍କ ଏବଂ ପାକିସ୍ତାନର ପ୍ରତିରକ୍ଷା ବାହିନୀର ମୁଖ୍ୟ (ସିଡିଏଫ) ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି । ଜୟଶଙ୍କର କହିଛନ୍ତି ଯେ ଯେପରି ଭଲ ଆତଙ୍କବାଦୀ ଏବଂ ଖରାପ ଆତଙ୍କବାଦୀ ଅଛନ୍ତି, ସେହିପରି ଭଲ ସାମରିକ ନେତା ଏବଂ କମ୍ ଭଲ ସାମରିକ ନେତା ମଧ୍ୟ ଅଛନ୍ତି ।

ଶନିବାରଏକ ସାକ୍ଷାତକାର ସମୟରେ ଜୟଶଙ୍କର କହିଛନ୍ତି, ପାକିସ୍ତାନୀ ସେନାର ବାସ୍ତବତା ସର୍ବଦା ଭାରତ ପାଇଁ ସ୍ପଷ୍ଟ, ଏବଂ ଆମର ଅନେକ ସମସ୍ୟା ଏଥିରୁ ଉତ୍ପନ୍ନ ହୋଇଥାଏ । ଭାରତର



କୂଟନୀତିକ ଗତିରୋଧ ସମ୍ପର୍କରେ, ଜୟଶଙ୍କର କହିଛନ୍ତି, ପାକିସ୍ତାନର ପରିସ୍ଥିତି, ଏହାର ପାର୍ଥକ୍ୟ, ଏହାର କ୍ଷମତା ଏବଂ ଏହାର ପ୍ରତିଷ୍ଠା ଦେଖନ୍ତୁ । ଆମେ ଏଥିରେ ନିଜକୁ ଅତ୍ୟଧିକ ଜଡିତ କରିବା ଉଚିତ ନୁହେଁ । ଅପରେସନ୍ ସିନ୍ଦୁର ସମୟରେ ଭାରତର ଭିନ୍ନ ରଣନୀତି ବ୍ୟବହାର ବିଷୟରେ, ଜୟଶଙ୍କର କହିଛନ୍ତି, ଆମେ ଯେଉଁ ପ୍ରକାରର ଦେଶ, ସେଥିପାଇଁ ଆମକୁ କିଛି ନିୟମ ଏବଂ ମାନଦଣ୍ଡ ପାଳନ କରିବାକୁ ପଡିବ । ସେ କହିଥିଲେ, ମୁଁ ଏହାକୁ ଦୁଇଟି ଉପାୟରେ ଦେଖୁଛି । ଯେପର୍ଯ୍ୟନ୍ତ ଭାରତ ବିଷୟରେ କଥା ଆସୁଛି, ଆମେ କିଛି କାମ କରୁ ଏବଂ କିଛି କରୁନାହ । ସେଥିପାଇଁ ଆମେ ଭାରତ । ଆମର ନିୟମ ଅଛି, ଆମର ମାନଦଣ୍ଡ ଅଛି । ଯଦି ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ, ତେବେ ଏହି ଦେଶରେ ଆମେ ଜନସାଧାରଣ, ଗଣମାଧ୍ୟମ ଏବଂ ନାଗରିକ ସମାଜ ପ୍ରତି ଉତ୍ତରଦାୟୀ ହେବୁ ।

# ଭାରତ ଛାଡିବାକୁ ଶେଖ ହସିନାଙ୍କୁ ବାଧ୍ୟ କରାଯିବନି:ଜୟଶଙ୍କର

ନୂଆଦିଲ୍ଲୀ: ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଶନିବାର କହିଛନ୍ତି ଯେ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଭାରତରେ ରହିବାର ନିଷ୍ପତ୍ତି ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ।ଦେଶ ଛାଡିବାକୁ ବାଧ୍ୟ କରିଥିବା ପରିସ୍ଥିତି ଯୋଗୁଁ ସେ ଭାରତ ଆସିଥିଲେ । ପ୍ରକୃତରେ ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ ହସିନା ଗତ ବର୍ଷ ଢାକାରେ ଛାତ୍ର ବିଦ୍ରୋହ ସମୟରେ ଦେଶ ଛାଡି ଭାରତ ପଳାଇ ଆସିଥିଲେ । ଗତ ମାସରେ, ଢାକାର ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ୭୮ ବର୍ଷୀୟ ହସିନାଙ୍କୁ ତାଙ୍କ ମୃତ୍ୟୁଦଣ୍ଡ ଶୁଣାଇଥିଲେ ।

ଯେତେବେଳେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କୁ ପଚରାଗଲା ଯେ ଶେଖ ହସିନା ଯେତେଦିନ ପର୍ଯ୍ୟନ୍ତ ଇଚ୍ଛା ଭାରତରେ ରହିପାରିବେ କି, ସେ ଉତ୍ତର ଦେଇଥିଲେ, ଏହା ଏକ ପୃଥକ ପ୍ରସଙ୍ଗ ।ସେକିଛି ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଏଠାକୁ ଆସିଥିଲେ, ଏବଂ ମୁଁ ଭାବୁଛି ଯାହା ତାଙ୍କ ସହିତ ଯାହା ଘଟିଲା ସେଥି ପାଇଁ ସେ ଭାରତ ଆସିବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ପୁଣିଥରେ, ଏହା ଏପରି ଏକ ବିଷୟ ଯାହା ବିଷୟରେ ତାଙ୍କୁ ନିଷ୍ପତ୍ତି ନେବାକୁ ପଡିବ ।

# ଭାରତୀୟ ରେଳବାଇ ଚଳାଇବ ୮ ୯ଟି ସ୍ୱତନ୍ତ୍ର ଟ୍ରେନ୍

ମୁମ୍ବାଇ, ଦିଲ୍ଲୀ, ପୁଣେ, ହାଓଡ଼ା, ହାଇଦ୍ରାବାଦ ଇତ୍ୟାଦି ବଡ଼ ବଡ଼ ସହରରେ ଆସୁଥିବା ଏବଂ ବାହାରକୁ ଯାଉଥିବା ଯାତ୍ରୀଙ୍କ ଭିଡ଼କୁ କମ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଉତ୍ତର ପୂର୍ବ ରେଳବାଇ ଦିଲ୍ଲୀ ଏବଂ ମୁମ୍ବାଇ ମଧ୍ୟରେ ୬ଟି ଯାତ୍ରା ଚଲାଇବ । ବ୍ୟାପକ ବିମାନ ବାତିଲ ଏବଂ ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ସୁଗମ ଯାତ୍ରାକୁ ସମର୍ଥନ କରିବା ଆରମ୍ଭ କରିଛି । ଆଜିଠାରୁ ବିଭିନ୍ନ ଜୋନରେ ୮ ୯ଟି ସ୍ୱତନ୍ତ୍ର ଟ୍ରେନ୍ ସେବା (୧୦୦ ରୁ ଅଧିକ ଯାତ୍ରା) ଆଗାମୀ ତିନି ଦିନରେ ଚାଲିବ । ଏହା ସୁଗମ ଯାତ୍ରାକୁ ସମର୍ଥନ କରିବା ଏବଂ ରେଳ ଯାତ୍ରାର ବର୍ଦ୍ଧିତ ଚାହିଦା ମଧ୍ୟରେ ପର୍ଯ୍ୟାପ୍ତ ସଂଯୋଗୀକରଣ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ ।ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ କେନ୍ଦ୍ରୀୟ ରେଳବାଇ ୧୪ଟି ସ୍ୱତନ୍ତ୍ର ଟ୍ରେନ୍ ସେବା ପରିଚାଳନା କରିବ । ଦକ୍ଷିଣ ପୂର୍ବ ରେଳବାଇ ସମ୍ପ୍ରତି ଉଡ଼ାଣ ବାତିଲ ହେବା ପରେ ଚାହିଦା ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଯୋଜନା କରିଛି । ଏଥିରେ ଟ୍ରେନ୍ ନଂ ୦୮୦୭୩/୦୮୦୭୪ ସାନ୍ତ୍ରାଗାଛି-ଯେଲାହଙ୍କା-ସାନ୍ତ୍ରାଗାଛି ଅନ୍ତର୍ଭୁକ୍ତ, ଯାହା ୭ ଡିସେମ୍ବରରେ ସାନ୍ତ୍ରାଗାଛିରୁ ୦୮୦୭୩ ଛାଡିବ ଏବଂ ୯ ଡିସେମ୍ବରରେ ଯେଲାହଙ୍କାରୁ ଫେରୁଥିବା



୦୮୦୭୪ ଅନ୍ତର୍ଭୁକ୍ତ । ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ପରିଚାଳନା କରିବା ପାଇଁ, ଦକ୍ଷିଣ କେନ୍ଦ୍ରୀୟ ରେଳବାଇତିନୋଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରୁଛି । ପୂର୍ବ ରେଳବାଇ ହାଓଡ଼ା, ସିଆଲଦା ଏବଂ ପ୍ରମୁଖ ସ୍ଥାନଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ସେବା ପରିଚାଳନା କରିବ । ବର୍ଦ୍ଧିତ ଯାତ୍ରା ଚାହିଦା ପୂରଣ କରିବା ପାଇଁ ପଶ୍ଚିମ ରେଳବାଇ ସାତଟି ସ୍ୱତନ୍ତ୍ର ଟ୍ରେନ୍ ପରିଚାଳନା କରିବ । ଏଥିମଧ୍ୟରେ ଟ୍ରେନ୍ ନମ୍ବର ୦୯୦୦୧/୦୯୦୦୨ ମୁମ୍ବାଇ ସେଣ୍ଟ୍ରାଲ୍ - ଭବାନୀ ସୁପରଫାଷ୍ଟ ସ୍ପେସିଆଲ୍ (ଦ୍ୱି-ସାପ୍ତାହିକ) ଅନ୍ତର୍ଭୁକ୍ତ । ମୁମ୍ବାଇ ସେଣ୍ଟ୍ରାଲରୁ ୮ ରୁ ୨୯ ଡିସେମ୍ବର ପର୍ଯ୍ୟନ୍ତ ଏବଂ ବୁଧବାର ଏବଂ ଶନିବାର ବ୍ୟତୀତ ପ୍ରତିଦିନ ଶାକୁର ବସ୍ତିରୁ ୯ ରୁ ୩୦ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ, ମୋଟ ୩୨ ଟ୍ରିପ୍ ହେବ, ଏବଂ ବୁକିଂ ୬ ଡିସେମ୍ବରରେ ଖୋଲିବ । ଯାତ୍ରୀଙ୍କ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି, ଭାରତୀୟ ରେଳବାଇ ଗୋରଖପୁରରୁ ଅତିରିକ୍ତ ସେବା ପରିଚାଳନା କରିବ ।

ବିହାରରୁ ଶୀତକାଳୀନ ଯାତ୍ରାକୁ ସୁଗମ କରିବା ପାଇଁ, ପୂର୍ବ କେନ୍ଦ୍ରୀୟ ରେଳବାଇ ପାଟନା ଏବଂ ଦରଭଙ୍ଗାରୁ ଆନନ୍ଦ ବିହାର ଟର୍ମିନାଲକୁ ସ୍ୱତନ୍ତ୍ର ଟ୍ରେନ ପରିଚାଳନା କରିବ ।

# ବନାସ ଡାଏରୀର ବାୟୋ-ସିଏନଜି ଓ ସାର କାରଖାନାକୁ ଉଦଘାଟନ କଲେ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଗୁଜରାଟର ଭାବ-ଥାରାଡ଼ ଜିଲ୍ଲାରେ ବନାସ ଡାଏରୀ ଦ୍ୱାରା ନବନିର୍ମିତ ବାୟୋ-ସିଏନଜି ଏବଂ ସାର କାରଖାନାକୁ ଉଦଘାଟନ କରିଛନ୍ତି ଏବଂ ୧୫୦ ଟନ୍ ଗୁଣ୍ଡଦୁଗ୍ଧ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଗୁଜରାଟ ବିଧାନସଭା ବାଚସ୍ପତି ଶଙ୍କର ଚୌଧୁରୀ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷନ ପାଲ ଗୁର୍ଜର ଏବଂ ଶ୍ରୀ ମୁରଲୀଧର ମୋହୋଲ, କେନ୍ଦ୍ର ସମବାୟ ସଚିବ ଡ. ଆଶିଷ କୁମାର ଭୁଟାନୀଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ଶାହ କହିଥିଲେ ଯେ, ବନାସକାରେ ବନାସ ଡାଏରୀ ପ୍ରତିଷ୍ଠା କରିଥିବା ଗାଲବାଭାଇ ନାନଜିଭାଇ ପଟେଲଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଏହି ଯାତ୍ରା ଧୀରେ ଧୀରେ ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ, ଆଜି ଏହି ଡାଏରୀର କାରବାର ୨୪,୦୦୦ କୋଟି ଟଙ୍କାରେ ପହଞ୍ଚିଛି । ସାରା ଦେଶରେ ଯେଉଁଠାକୁ ବି ଯାଆନ୍ତି, ଗର୍ବର ସହ ଘୋଷଣା କରନ୍ତି ଯେ ଗୁଜରାଟର ଗ୍ରାମଗୁଡ଼ିକୁ ସମୃଦ୍ଧ କରିବାର କାର୍ଯ୍ୟ ରାଜ୍ୟର ମାଆ ଓ ଭଉଣୀମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଏହି ଅଞ୍ଚଳର କୃଷକମାନେ, ବିଶେଷ କରି ସମବାୟ ଆନ୍ଦୋଳନର ଅଗ୍ରଦୂତ, ଗ୍ରାମ



ସ୍ତରୀୟ ଦୁଗ୍ଧ ସମିତିର ଅଧ୍ୟକ୍ଷ ଏବଂ ବନାସ ଡାଏରୀର ନିର୍ଦ୍ଦେଶକମାନେ, ସେମାନେ କେତେ ବଡ଼ ଚମତ୍କାର କରିଛନ୍ତି, ତାହା ହୁଏତ ଜାଣିନଥିବେ । ୨୪,୦୦୦ କୋଟି ଟଙ୍କାର କମ୍ପାନୀ ନିର୍ମାଣ କରିବା ଏପରି ଏକ କାର୍ଯ୍ୟ ଯାହା ସବୁଠାରୁ ବଡ଼ କର୍ପୋରେଟ ହାଉସର ମଧ୍ୟ ଝାଳ ବୁହାଇ ଦେବ, ତଥାପି ବନାସକାର ମହିଳା ଏବଂ କୃଷକମାନେ ଆଖି ପିଛୁଳାକେ ୨୪,୦୦୦ କୋଟି ଟଙ୍କାର କମ୍ପାନୀ ନିର୍ମାଣ କରିପାରିଛନ୍ତି ।

ଶ୍ରୀ ଶାହ କହିଛନ୍ତି ଯେ, ଆଜି ସେ ଭାରତୀୟ ସଂସଦର ଉଭୟ ଗୃହ-ଲୋକସଭା ଏବଂ ରାଜ୍ୟସଭାର ସାଂସଦମାନଙ୍କୁ ତାଙ୍କ ସହିତ ଆଣିଥିଲେ । ଆଗାମୀ ଜାନୁଆରୀରେ, ସାରା ଦେଶରୁ ଡାଏରୀର ପ୍ରାୟ ୨୫୦ ଜଣ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଏହି ସମବାୟ ଦୁଗ୍ଧ କ୍ଷେତ୍ରରେ ଘଟିଥିବା ଚମତ୍କାରକୁ ବ୍ୟକ୍ତିଗତ ଭାବେ ଦେଖିବା ପାଇଁ ବନାସକା ଆସୁଛନ୍ତି । ଯେତେବେଳେ ସେ '୧୯୮୫-୮୭ ର ମରୁଡ଼ି ପରେ ଏହି ଅଞ୍ଚଳ ପରିଦର୍ଶନ କରୁଥିଲେ ଏବଂ କୃଷକମାନଙ୍କୁ ପଚାରୁଥିଲେ, ସେମାନେ କହୁଥିଲେ ଯେ ସେମାନେ ବର୍ଷସାରା କେବଳ ଗୋଟିଏ ଫସଲ ଉତ୍ପାଦନ କରିପାରିବେ । କିନ୍ତୁ ବର୍ତ୍ତମାନ, ବନସକାର କୃଷକ ବର୍ଷକୁ ତିନୋଟି ଫସଲ ଉତ୍ପାଦନ କରନ୍ତି-ଚିନାବାଦାମ, ଆଳୁ, ମିଲେଟ (ବାଜରା) ଗ୍ରୀଷ୍ମ ଋତୁରେ, ଏବଂ ଖରିଫ ଫସଲ ମଧ୍ୟ ଅମଳ କରନ୍ତି । ମାତ୍ର ପଚିଶ ବର୍ଷ ପୂର୍ବେ, ବନାସକାରେ ତିନୋଟି ଫସଲ ଚାଷ କରିବା ଏକ ସ୍ୱପ୍ନ ବ୍ୟତୀତ ଆଉ କିଛି ନଥିଲା ।

## "ବାବ୍ରୀ ମସଜିଦ' ଶୈଳୀରେ ମସଜିଦ ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ

କୋଲକାତା:ତୃଣମୂଳ କଂଗ୍ରେସରୁ ନିଲମ୍ବିତ ବିଧାୟକ ହୁମାୟୁନ କବିର ଶନିବାର ପଶ୍ଚିମବଙ୍ଗର ମୁର୍ଶିଦାବାଦର ବେଲଡଙ୍ଗାରେ ବାବ୍ରୀ ମସଜିଦ ଶୈଳୀରେ ଏକ ମସଜିଦ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସୂଚନାଯୋଗ୍ୟ, ୧୯୯୨ ମସିହା ଡିସେମ୍ବର ୬ରେ ଅଯୋଧ୍ୟାରେ ବାବ୍ରୀ ମସଜିଦ ଭଙ୍ଗା ଯାଇଥିଲା ।

ହଜାର ହଜାର ଲୋକଙ୍କ ସହିତ ସାଉଦି ଆରବରୁ ଆସିଥିବା ଦୁଇ ଜଣ ମୌଲବୀଙ୍କ ଉପସ୍ଥିତିରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ପୂର୍ବରୁ ବିଧାୟକ ହୁମାୟୁନ କବିରଙ୍କ ସମର୍ଥକମାନେ ମୁଣ୍ଡରେ ଇଟା ବୋହି ନେଉଥିବା ଦେଖିବାକୁ ମିଳିଥିଲା । କୌଣସି ପ୍ରକାର ଅଘଟଣ ଆଶଙ୍କା କରି ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଯୋଗୁ ଯେପରି ରାସ୍ତାଘାଟ ଜାମ୍ ନହେବ ସେଥିପାଇଁ ଆୟୋଜକଙ୍କ ପକ୍ଷରୁ ୩୦୦୦ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଇଥିଲା ବୋଲି ଦାବି କରାଯାଇଛି । ସେହିପରି ୪୦ ହଜାର ଅତିଥିଙ୍କ ସହିତ ସ୍ଥାନୀୟ ୨୦ ହଜାର ଲୋକଙ୍କ ପାଇଁ ବିରିୟାନୀ ପ୍ରସ୍ତୁତ କରିବାକୁ ୭ଟି କ୍ୟାଟରିଂ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଥିଲା ବୋଲି ଜଣାପଡ଼ିଛି । ତୃଣମୂଳ କଂଗ୍ରେସରୁ ନିଲମ୍ବିତ ହୁମାୟୁନ କବିରଙ୍କ ଜଣେ ଘନିଷ୍ଠ ସହଯୋଗୀଙ୍କ ବୟାନକୁ ଉଦ୍ଧାର କରି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି ଯେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ପାଇଁ ମୋଟ୍ ବଜେଟ ୭୦ ଲକ୍ଷ ଟଙ୍କା ରହିଥିଲା । ସେଥିରୁ କେବଳ ଖାଦ୍ୟ ବାବଦକୁ ୩୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲା । ବାବ୍ରୀ ମସଜିଦ ଶୈଳୀରେ ମୁର୍ଶିଦାବାଦର ବେଲଡଙ୍ଗାରେ ଏକ ମସଜିଦ ନିର୍ମାଣ ହେବ ବୋଲି କହି ବିଧାୟକ ହୁମାୟୁନ କବିର ବିବାଦୀୟ ହେବା ପରେ ତୃଣମୂଳ କଂଗ୍ରେସ ପକ୍ଷରୁ ଦୁଇ ଦିନ ତଳେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ବିଜେପି ଆଇଟି ସେଲ ମୁଖ୍ୟ ଅମିତ ମାଲବୀୟ କହିଛନ୍ତି, ଏହି ତଥାକଥିତ ମସଜିଦ ଏକ ଧାର୍ମିକ ପ୍ରୟାସ ନୁହେଁ । ଏହା ପଛରେ ରାଜନୀତି ରହିଛି । ଲୋକଙ୍କ ଭାବନା ସହିତ ଖେଳି ଭୋଟ୍ ହାତେଇବାକୁ ଏଭଳି କରାଯାଉଛି ।

## ସାଓମି ଇଣ୍ଡିଆ ରେଡମି ୧୫ସି ୫ଜିର ଶୁଭାରମ୍ଭ

ନୂଆଦିଲ୍ଲୀ : ସାଓମି ଇଣ୍ଡିଆ ପକ୍ଷରୁ ରେଡମି ୧୫ସି ୫ଜିର ଶୁଭାରମ୍ଭ କରାଯାଇଛି । ଏହି ସ୍ମାର୍ଟଫୋନରେ ଆକର୍ଷଣୀୟ ଡିଜାଇନ ସହ ୧୭.୫୩ ସେ.ମି. ଇମର୍ସିଭ ଡିସପ୍ଲେ ରହିଛି । ରେଡମି ୧୫ସି ୫ଜି ରେ ସ୍ଲିମ୍ ଏବଂ ଆକର୍ଷଣୀୟ ବଡି, ୩ଡି କ୍ୱାଡ୍-କଭର ବ୍ୟାକ ଡିଜାଇନ ରହିଛି । ଏଥିରେ ବିଶେଷ "ଫ୍ଲୋଟିଂ କ୍ରାଟେର କ୍ୟାମେରା ଡିଜାଇନ୍ ମଧ୍ୟ ରହିଛି । ଏହି ସ୍ମାର୍ଟଫୋନଟି ମୁନଲାଇଟ ବ୍ଲୁ, ଡସ୍କ ପର୍ପଲ ଏବଂ ମିଡ ନାଇଟ ପର୍ପଲ ରଙ୍ଗରେ ଉପଲବ୍ଧ । ମୁନଲାଇଟ ବ୍ଲୁ ରଙ୍ଗଟିକୁ ବିଶେଷ ଡୁଆଲ୍-କଲର୍ ମ୍ୟାଗ୍ନେଟିକ୍ ଇଙ୍କ୍ ପ୍ରୋସେସ୍ ଦ୍ୱାରା ତିଆରି କରାଯାଇଛି । ଏହା ସହିତ ୧୭.୫୩ ସିଏମ ଏଚଡି ଡିସପ୍ଲେ ସହ ୧୨୦ ଏଚଜେଡ ଆଡପଟିଭ ସିଙ୍କ ସରଳ ଏବଂ ପ୍ରତିକ୍ରିୟାଶିଳ ଛବି ପ୍ରଦାନ କରେ । ଏହି ଶୁଭାରମ୍ଭ ଅବସରରେ ସାଓମି ଇଣ୍ଡିଆର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଅନୁଜ ଶର୍ମା କହିଛନ୍ତି ଯେ, ରେଡମି ୧୫ସି ୫ଜି ସହିତ, ଆମର ଲକ୍ଷ୍ୟ ଥିଲା ଏମିତି ଏକ ଫୋନ୍ ତିଆରି କରିବା, ଯାହା ପ୍ରତିଦିନ ବ୍ୟବହାରକାରୀଙ୍କ ହାତରେ ସହଜ ଏବଂ ସ୍ୱାଭାବିକ ଲାଗିବ ।

## ଆଣ୍ଡାମାନରେ ଉନ୍ମୋଚିତ ହେବ ସାଭରକରଙ୍କ ବିଶାଳ ପ୍ରତିମୂର୍ତ୍ତି

ମୁମ୍ବାଇ: ସାଗର ପ୍ରାଣ୍ ତାଲାମାଲାଲା ...... ଏହି କାଳଜୟୀ ପଂକ୍ତିଗୁଡିକ ଅଗଣିତ ଭାରତୀୟଙ୍କ ହୃଦୟରେ ଦେଶପ୍ରେମର ଅଗ୍ନି ପ୍ରଜ୍ୱଳିତ କରିଛି । ସ୍ୱତନ୍ତ୍ରବୀର ବିନାୟକ ଦାମୋଦର ସାଭରକର ୧୧୬ ବର୍ଷ ପୂର୍ବେ ଏହି କିମ୍ବଦନ୍ତିକବିତାର ରଚନା କରିଥିଲେ । ଏହି ଐତିହାସିକ ଅବସରକୁ ପାଳନ କରି ଭାଲ୍ୟୁବଲ ଗ୍ରୁପ ପକ୍ଷରୁ ଆସନ୍ତା ୧୨ରେ ଆଣ୍ଡାମାନର ଶ୍ରୀବିଜୟ ପୁରମଠାରେ "ସାଗର ପ୍ରାଣ୍ ତାଲାମାଲାଲା' ଶୀର୍ଷକ ଏକ ବିଶାଳ ସ୍ମାରକୀ କାର୍ଯ୍ୟକ୍ରମର ଆୟୋଜନ ହେବାକୁ ଯାଉଛି । ଏହି ଅବସରରେ ବେଓଦାନାବାଦଠାରେ ସମୁଦ୍ର ଉପକୂଳରେ ସ୍ୱତନ୍ତ୍ରବୀର ବିନାୟକ ଦାମୋଦର ସାଭରକରଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବ । ଏହି ଉନ୍ମୋଚନ କାର୍ଯ୍ୟକ୍ରମକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ଆରଏସଏସର ସରସଂଘଚାଳକ ଡଃ ମୋହନ ଭାଗବତ ପରିଚାଳନା କରିବେ । ଏହି ବିଶାଳ ସମାରୋହରେ ସ୍ୱତନ୍ତ୍ର ଅତିଥି ଭାବେ ମହାରାଷ୍ଟ୍ରର ସାଂସ୍କୃତିକ ବ୍ୟାପାର ଓ ଆଇଟି ମନ୍ତ୍ରୀ ଆଡଭୋକେଟ ଆଶିଷ ସେଲାରଙ୍କ ସମେତ ପଦ୍ମଶ୍ରୀ ପଣ୍ଡିତ ହୃଦୟନାଥ ମଙ୍ଗେସକର, ଉଷା ମଙ୍ଗେସକର, ରଣଦୀପ ହୁଡା, ଡକଫର ବିକ୍ରମ ସମ୍ପଥ ଓ ଶରଦ ପୋଙ୍କସେଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।ଏହି ପ୍ରତିମୂର୍ତ୍ତିକୁ ମୁମ୍ବାଇସ୍ଥିତ ଭାଲ୍ୟୁବଲ ଗ୍ରୁପର ପ୍ରତିଷ୍ଠାତା, ଅମିୟ ହେଟେ ପରିକଳ୍ପନା କରିବା ସହ ତାହାକୁ ଜୀବନ୍ତ ରୂପ ଦେଇଛନ୍ତି । ଏହି ପ୍ରତିମୂର୍ତ୍ତି ସାଭରକରଙ୍କ ଅଟଳ ଜାତୀୟତାବାଦ, ତ୍ୟାଗ ଓ ନିର୍ଭୀକ ଚିନ୍ତାଧାରାର ଏକ ଜୀବନ୍ତ ପ୍ରତୀକ ଭାବେ ଉଭା ହେବ ।ଏହି ପ୍ରତିମୂର୍ତ୍ତିକୁ ନିକଟରେ ମହାରାଷ୍ଟ୍ର ଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିବା ଶ୍ରୀ ରାମ ସୁତାର ନିର୍ମାଣ କରିଛନ୍ତି । ଏସମ୍ପର୍କରେ ଭାଲ୍ୟୁବଲ ଗ୍ରୁପର ପ୍ରତିଷ୍ଠାତା ହେଟେ କହିଛନ୍ତି, ଏହି ସମାରୋହ କେବଳ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରେରଣାଦାୟୀ ଇତିହାସ ପ୍ରତି ଏକ ବିନମ୍ର ସଲାମ ।ଭବିଷ୍ୟତ ପିଢିଙ୍କ ହୃଦୟରେ ଦେଶପ୍ରେମର ଜ୍ୱାଳା ପ୍ରଜ୍ୱଳିତ କରିବା ପାଇଁ ଏହା ଏକ ପ୍ରୟାସ ଅଟେ ।

# ମସ୍କଙ୍କୁ ଇୟୁ ଝଟକା : ଗଣିବେ ୧୨ ହଜାର କୋଟିର ଜରିମାନା


ନୂଆଦିଲ୍ଲୀ: ଆଜିୟୁରୋପର ବଡ ବଡ ଦେଶ,ୟୁରୋପୀୟ ସଂଘ, ଏଲୋନ ମସ୍କଙ୍କ କମ୍ପାନୀ ଏକ୍ସ ଉପରେ ଏକ ବଡ଼ ଜରିମାନା ଲଗାଇଛି । ଏହି ଜରିମାନା ପ୍ରାୟ ୧୨୦ ନିୟୁତୟୁରୋ, ବା ପ୍ରାୟ ୧୨ ହଜାର କୋଟି ଟଙ୍କା ହେବ । ଏହା ପ୍ରଥମ ଥର ପାଇଁୟୁରୋପୀୟ ସଂଘ ଏହାର ନୂତନ ଆଇନ, ଡିଜିଟାଲ୍ ସେବା ଆଇନ ବ୍ୟବହାର କରି କୌଣସି କମ୍ପାନୀକୁ ଦଣ୍ଡ ଦେଇଛି । ୨୦୨୨ରେ, ଏଲୋନ ମସ୍କ ଟ୍ୱିଟରକୁ ଅଧିଗ୍ରହଣ କରିଥିଲେ । ତା'ପରେ ସେ ପ୍ଲାଟଫର୍ମରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଥିଲେ । ସବୁଠାରୁ



ବଡ଼ ଥିଲା ବ୍ଲୁ ଚେକମାର୍କ ସିଷ୍ଟମର ପ୍ରଚଳନ । ପୂର୍ବରୁ, ଏହି ଚେକମାର୍କ କେବଳ ପ୍ରସିଦ୍ଧ ଏବଂ ଠିକ ଲୋକଙ୍କୁ ଦିଆଯାଇଥିଲା, କିନ୍ତୁ ମସ୍କ ଘୋଷଣା କରିଥିଲେ ଯେ ଯେକେହି ଏବେ ଦେୟ ଦେଇ ଏହି ବ୍ୟାଜ୍ ପାଇପାରିବେ ।ୟୁରୋପୀୟ ସଂଘ ଏହାକୁ ଅନୁମୋଦନ କରିନଥିଲା ।

୨୦୨୩ ରେ, ୟୁରୋପୀୟ ସଂଘ ଘୋଷଣା କରିଥିଲା, ଏହା ଠକେଇ । ଲୋକମାନେ ଭାବିବେ ଯେ ନୀଳ ଚେକମାର୍କ ଥିବା ଆକାଉଣ୍ଟ ସତ, କିନ୍ତୁ ବାସ୍ତବରେ, ଯେକୌଣସି ଠକ ବ୍ୟକ୍ତି ଦେୟ ଦେଇ ଏହା ପାଇପାରିବେ । ଏହା ବ୍ୟବହାରକାରୀଙ୍କ ଦ୍ୱାରା ଠକେଇ, ନକଲି ଆକାଉଣ୍ଟ ଏବଂ ଖରାପ ବ୍ୟକ୍ତିଙ୍କ ଶିକାର ହେବାର ଆଶଙ୍କା ବୃଦ୍ଧି କରେ ।ଏହା ବ୍ୟତୀତ ଏହାର ବିଜ୍ଞାପନ ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିନଥିଲା ।ୟୁରୋପୀୟ ସଂଘ ସ୍ୱୀକାର କରିଥିଲା ଯେ ଏହା ସ୍ୱଚ୍ଛତା ନିୟମ ଉଲ୍ଲଂଘନ କରୁଛି ଏବଂ ଏକ ତଦନ୍ତ ଆରମ୍ଭ କରିଥିଲା । ତେବେ, ଗୋଟିଏ ବର୍ଷରୁ ଅଧିକ ସମୟ ବିତିଗଲା ଏବଂ ତଦନ୍ତ ସ୍ଥଗିତ ଥିବା ପରି ମନେ ହେଉଥିଲା । ଶେଷରେ, ଡିସେମ୍ବର ୬, ୨୦୨୫ରେ,ୟୁରୋପୀୟ ୟୁନିୟନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜରିମାନା ଲଗାଇଛି । ୟୁରୋପୀୟ ୟୁନିୟନର ଟେକ୍ନୋଲୋଜି କମିଶନର ହେନା ଭିର୍କକୁନେନ୍ ସ୍ପଷ୍ଟ କରିଛନ୍ତି ଯେ, ଏହି ନିଷ୍ପତ୍ତି ଏକ୍ସର ସ୍ୱଚ୍ଛତା ସହିତ ଜଡିତ । ଏଥିରେ ସେନସରସିପର କୌଣସି ପ୍ରଶ୍ନ ଉଠେ ନାହିଁ ।

# ଦିନିକିଆରେ ଜୟଶ୍ୱାଲଙ୍କ ପ୍ରଥମ ଶତକ, ପଡ଼ିଲା ୧୨ ବର୍ଷ ମରୁଡିରେ ପୂର୍ଣ୍ଣଚ୍ଛେଦ




ବିଶାଖାପଟନମ,୬।୧୨(ଏଜେନ୍ସି): ତୃତୀୟ ଦିନିକିଆରେ ଶତକୀୟ ପାଳି ଖେଳିଛନ୍ତି ଓପନର ଯଶସ୍ୱୀ ଜୟଶ୍ୱାଲ। ଦିନିକିଆରେ ବିଶେଷ ସୁଯୋଗ ପାଇନଥିବା ଜୟଶ୍ୱାଲଙ୍କ ଏହା ହେଉଛି ପ୍ରଥମ ଦିନିକିଆ ଶତକ। ଆଉ ଏହି ମ୍ୟାଚ ଭାରତ ଜିତିବା ସହ ୨-୧ରେ ଶୃଙ୍ଖଳା ବିଜୟୀ ହୋଇଛି। ଏହି ମ୍ୟାଚକୁ ମିଶାଇ ଜୟଶ୍ୱାଲ ମାତ୍ର ୩ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ପୂର୍ବରୁ ସେ ଅର୍ଦ୍ଧଶତକ କରିନଥିଲେ। ଶନିବାର ବିଶାଖାପଟନମରେ ପ୍ରଥମ ଅର୍ଦ୍ଧଶତକ ଓ ପରେ ଏହି ଇନିଂସକୁ ଶତକରେ ପରିଣତ କରିନେଥିଲେ। ଜୟଶ୍ୱାଲ ୧୧୧ ବଲରୁ ୧୦୦ ରନ୍ କରିଥିଲେ। ଏଥିରେ ୧୦ଟି ଚୌକା ଓ ୧ଟି ଛକା ଥିଲା। ଶେଷ ପର୍ଯ୍ୟନ୍ତ ସେ ଅପରାଜିତ ରହି ୧୨୧ ବଲରୁ ୧୧୬ ରନ୍ କରିଥିଲେ। ଏହି ଇନିଂସରେ ୧୨ଟି ଚୌକା ଓ ଗୋଟିଏ ବିଶାଳ ଛକା ରହିଛି। ତାଙ୍କ ବ୍ୟତୀତ ରୋହିତ ଶର୍ମା ୭୫ ରନ୍ କରି ଆଉଟ୍ ହେବା ସହ ଦିନିକିଆରେ ୬୧ ତମ ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ସହିତ ଅନ୍ତର୍ଜାତୀୟ କ୍ରିକେଟରେ ୨୦,୦୦୦ ରନ୍ ପୂରଣ କରିଛନ୍ତି।

ଏହି ମ୍ୟାଚରେ ଆଉ ଏକ ରେକର୍ଡ ହୋଇଛି। ଶତକୀୟ ପାଳି ଖେଳି ୧୨ ବର୍ଷ ମରୁଡିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଭାରତୀୟ। ଏହି ରେକର୍ଡ ଓପନିଂ ପାଟନରସିପରେ ହୋଇଛି। ଶେଷଥର ୨୦୧୩ ଚାମ୍ପିଅନ୍ସ ଟ୍ରଫିରେ ରୋହିତ ଶର୍ମା ଓ ଶିଖର ଧାୱନଙ୍କ ମଧ୍ୟରେ ୧୨୭ ରନର ଶତକୀୟ ପାର୍ଟନରସିପ୍ ହୋଇଥିଲା। ଏହାର ୧୨ ବର୍ଷ ପରେ ରୋହିତ ଓ ଜୟଶ୍ୱାଲଙ୍କ ମଧ୍ୟରେ ପ୍ରଥମ ୱିକେଟ୍ ପାଇଁ ୧୫୫ ରନର ପାର୍ଟନରସିପ୍ ହୋଇଛି। ଦ.ଆଫ୍ରିକାର ଭାରତୀୟ ଓପନିଂ ପାଟନରସିପ୍। ୨୦୦୧ରେ ଜୋହାନ୍ସବର୍ଗରେ ମ୍ୟାଚରେ ଅନୁଷ୍ଠିତ ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲିଙ୍କ ମଧ୍ୟରେ ୧୯୩ ରନର ପାର୍ଟନର ହୋଇଥିଲା। ରୋହିତ ଦିନିକିଆରେ ପ୍ରଥମ ୱିକେଟ୍ ପାଇଁ ୩୫ଥର ୧୦୦ରୁ ଅଧିକ ରନର ପର୍ଟନରସିପ୍ କରିଛନ୍ତି। ତାଙ୍କ ଉପରେ କେବଳ ସଚିନ ତେନ୍ଦୁଲକର ୪୦ଥର ପାର୍ଟନରସିପ୍ ରେକର୍ଡ କରିଛନ୍ତି। ଏତଦ ବ୍ୟତୀତ ରୋହିତ ଶର୍ମା ଅନ୍ତର୍ଜାତୀୟରେ କ୍ରିକେଟରେ ୨୦,୦୦୦ ରନ୍ ପୂରଣ କରିବାରେ ଚତୁର୍ଥ ଭାରତୀୟ ବ୍ୟାଟର ହୋଇଛନ୍ତି।

## ୨୦ ମ୍ୟାଚ ପରେ ଟସ୍ ଜିତିଲା ଭାରତ

ବିଶାଖାପଟନମ,୬।୧୨(ଏଜେନ୍ସି): ବିଶାଖାପଟନମରେ ଟିମ୍ ଇଣ୍ଡିଆର ଅଲୋଡା ରେକର୍ଡ ଭାଙ୍ଗିଛି। କ୍ରମାଗତ ଭାବେ ୨୦ଟି ମ୍ୟାଚରେ ଟସ ହାରିଥିବା ଭାରତ ଶେଷରେ ଏହି ଲଜ୍ଜାରୁ ମୁକୁଳିଛି। ଦ.ଆଫ୍ରିକା ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚରେ ଅଧିନାୟକ ଲୋକେଶ ରାହୁଲ ଟସ ଜିତିବା ସହ ଏହି ଅଲୋଡା ରେକର୍ଡରେ ପୂର୍ଣ୍ଣଚ୍ଛେଦ ପଡିଛି। ଟସ ଜିତି ଲୋକେଶ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦ୍ୱିତୀୟ ଇନିଂସରେ କାକର ପଡୁଥିବାରୁ ରନକୁ ପିଛା କରୁଥିବା ଦଳ ପାଇଁ ଅଧିକ ସୁବିଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ଟସ ଜିତି ଲୋକେଶ ରାହୁଲ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ।

# ୧୧ରୁ ସତ୍ୟବ୍ରତ-ତପନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ




ଭୁବନେଶ୍ୱର,୬।୧୨(ସବ୍ୟୁ): ରାଜ୍ୟର ପୁରାତନ ଅଗ୍ରଣୀ ଫୁଟବଲ ଅନୁଷ୍ଠାନ 'କ୍ଲବ୍-୭୩' ପକ୍ଷରୁ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ସତ୍ୟବ୍ରତ-ତପନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଗାମୀ ୧୧ ତାରିଖରୁ ଆରମ୍ଭ ହେବାକୁଯାଉଛି। ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ

- ୫୨ ବର୍ଷରେ କ୍ଲବ-୭୩
- ଫାଇନାଲରେ ଦିଆଯିବ ୫୨ ବଲ
- ବିଜେତା ଦଳର କୋଚ ପାଇବେ ୧୦,୦୦୦
- ନୂଆ ଦଳ ଝାରସୁଗୁଡା

ଏହି ପ୍ରତିଯୋଗିତା ଆୟୋଜିତ ହେବ। ୧୪ ତାରିଖରେ ମହାଲଢ଼େଇ ହେବ। ଏହି ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଶ୍ରେଷ୍ଠ ୮ ଦଳ ଅଂଶଗ୍ରହଣ କରିବେ। ଦଳ ଗୁଡିକ ହେଲେ ଫାଓ-୧୧, ସନରାଇଜ କ୍ଲବ୍ ମଙ୍ଗଳା କ୍ଲବ୍, ଇଣ୍ଡିପେଣ୍ଡଣ୍ଟ କ୍ଲବ, ସମ୍ବଲପୁର ଫୁଟବଲ ଏକାଡେମୀ, ଝାରସୁଗୁଡା, ୟୁନିଟ-୬ ଏବଂ କିଶୋର କ୍ଲବ୍ ଏଥର ଝାରସୁଗୁଡା ଦଳ ନୂଆ କରି ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ପ୍ରତିଦିନ ଦୁଇଟି ମ୍ୟାଚ ଦିବାରାତ୍ର ଖେଳାଯିବ। ଦିନ ୩ଟାରୁ ମ୍ୟାଚ ଆରମ୍ଭ ହେବ। ୮ଟି ଦଳ ସିଧାସଳଖ କ୍ୱାର୍ଟରଫାଇନାଲରେ ଅବତୀର୍ଣ୍ଣ ହେବେ। ପରାଜିତ ଦଳ ବିଦାୟ ନେବେ। ତେବେ ଚଳିତ ବର୍ଷ କ୍ଲବ-୭୩ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ପାଇଁ ଏକାଧିକ ପୁରସ୍କାର ରାଶି ଘୋଷଣା କରାଯାଇଛି। ଗତବର୍ଷ ତୁଳନାରେ ଏଥର ସମସ୍ତ ପୁରସ୍କାର ରାଶିକୁ ଦ୍ୱିଗୁଣିତ କରାଯାଇଛି। ମୋଟ୍ ଉପରେ ୪,୫୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ପ୍ରଥମ କରି ଚାମ୍ପିଅନ ଦଳର କୋଚଙ୍କୁ ୧୦,୦୦୦ ଟଙ୍କା ପୁରସ୍କାର ଦେବାକୁ କ୍ଲବ ପକ୍ଷରୁ ଘୋଷଣା କରାଯାଇଛି। ଏଥର ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳ ୨ ଲକ୍ଷ ଟଙ୍କା, ରନର୍ସ ଅପ୍ ଦଳ ୧ ଲକ୍ଷ ଟଙ୍କା, ସେମିଫାଇନାଲରେ ପରାଜିତ ଦଳ ୨୫,୦୦୦, ମ୍ୟାନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ୨୦,୦୦୦, ବେଷ୍ଟ ଫରୱାର୍ଡ ୧୦,୦୦୦, ବେଷ୍ଟ ମିଡ଼ଫିଲ୍ଡର ୧୦,୦୦୦, ବେଷ୍ଟ ଡିଫେଣ୍ଡର ୧୦,୦୦୦, ବେଷ୍ଟ ଗୋଲକିପର ୧୦,୦୦୦, ମ୍ୟାନ୍ ଅଫ୍ ଦ ମ୍ୟାଚ ୫୦୦୦, ମ୍ୟାନ୍ ଅଫ୍ ଦ ଫାଇନାଲ ୧୦,୦୦୦ ଏବଂ ମ୍ୟାନ୍ ଅଫ୍ ଦ ସିରିଜ୍ ଫାଇନାଲ ୭,୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଶନିବାର କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କ୍ଲବ୍-୭୩ର ଅଧ୍ୟକ୍ଷ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସାଧାରଣ ସମ୍ପାଦକ ସୁବ୍ରତ ପଟ୍ଟନାୟକ ଉପସ୍ଥିତ ରହି ପ୍ରତିଯୋଗିତା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ।

୧୯୭୩ ମସିହାରେ ସ୍ଥାପିତ କ୍ଲବ୍-୭୩ ଓ ୫୨ ବର୍ଷ ପୂରିଛି। ଏଦୃଷ୍ଟିରୁ ଚଳିତ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ୫୨ଟି ଫୁଟବଲ ଗ୍ୟାଲେରୀରେ ଉପସ୍ଥିତ ଥିବା ଭାଗ୍ୟଶାଳୀ ଦର୍ଶକଙ୍କୁ ପ୍ରଦାନ କରାଯିବ ବୋଲି କ୍ଲବର ଅଧ୍ୟକ୍ଷ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କହିଛନ୍ତି।

## ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି

# ଆସାମକୁ ଧରାଶାୟୀ କଲା ଓଡ଼ିଶା



ଲକ୍ଷ୍ନୌ,୬।୧୨(ଏଜେନ୍ସି): ବିସିସିଆଇର ଘରୋଇ ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକଅଲ୍ଲୀ ଟ୍ରଫିରେ ଶନିବାର ଓଡ଼ିଶା ଦଳ ୭୩ ରନ୍ ବ୍ୟବଧାନରେ ଆସାମକୁ ଧରାଶାୟୀ କରି ତୃତୀୟ ବିଜୟଲାଭ କରିଛି। ଏହି ମ୍ୟାଚରେ ଓଡ଼ିଶା ଦଳ ୨୦ ଓଭରରେ ୪ ୱିକେଟ୍ ହରାଇ ୧୭୧ ରନ୍ କରିଥିଲା। ବିପ୍ଳବ ସାମନ୍ତରାୟ ୪୩ ଓ ଆଶୀର୍ବାଦ ସ୍ୱାଇଁ ୫୧ ରନର ଅପରାଜିତ ଇନିଂସ ଖେଳିଥିଲେ। ଜବାବରେ ଆସାମ ୧୬ ଓଭରରେ ୯୮ ରନ୍ କରି ଅଲଆଉଟ୍ ହୋଇଥିଲା। ଓଡ଼ିଶାର ବିପ୍ଳବ ସାମନ୍ତରାୟ ୩ଟି, ବାଦଲ ବିଶ୍ୱାଳ ୨ଟି, ରାଜେଶ ମହାନ୍ତି, ସୌମ୍ୟ ଲେଙ୍କା, ସର୍ବେଶ୍ୱର ମହାନ୍ତି ଓ ପ୍ରୟାସ ସିଂ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ବିଜୟ ସହ ଓଡ଼ିଶା ୧୨ ପଏଣ୍ଟ ଲାଭ କରି ପଞ୍ଚମ ସ୍ଥାନକୁ ଉଠିଛି। ୫୧ ରନର ଇନିଂସ ଖେଳିଥିବା ଆଶୀର୍ବାଦ ସ୍ୱାଇଁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

# କଳିଙ୍ଗରେ ଏସଏଆଇ ପକ୍ଷରୁ ବୋନ ମିନେରାଲ ଡେନସିଟି କ୍ୟାମ୍ପ

ଭୁବନେଶ୍ୱର,୬।୧୨(ସବ୍ୟୁ): ଯୁବ ଆଥଲେଟଙ୍କ ପାଇଁ ପ୍ରଥମଥର କଳିଙ୍ଗ ଷ୍ଟାଡିୟମରେ ବୋନ ମିନେରାଲ ଡେନସିଟି ଶିବିର ଆୟୋଜନ ହୋଇଛି। ଷ୍ଟାଡିୟମରେ ତାଲିମ ନେଉଥିବା ରାଜ୍ୟର ୧୫୦ ଜଣ ଉଦୀୟମାନ ଆଥଲଟଙ୍କ ଠାରେ ବୋନ ମିନେରାଲ ଅଭାବ ଠାବ କରିବା ଏହି ପ୍ରୟାସର ଉଦ୍ଦେଶ୍ୟ। ଆରମ୍ଭରୁ ଜଣାପଡିଲେ କ୍ରୀଡାବିତଙ୍କ ଆଘାତ ନିବାରଣରେ ସହାୟକ ହୋଇପାରିବ। ଏହି ଶିବିର କ୍ରୀଡା ବିଜ୍ଞାନ ବିଶାରଦ ଡକ୍ଟର ସାର୍ଥକ ପଟ୍ଟନାୟକଙ୍କ ଦ୍ୱାର ପ୍ରତିଷ୍ଠିତ ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ ପକ୍ଷରୁ ଆୟୋଜିତ ହୋଇଛି। ଶିବିରରେ ସ୍ଥାନାନ୍ତରଣ ଯୋଗ୍ୟ ସ୍କାନର ଆଥଲେଟଙ୍କର ବୋନ ମିନେରାଲ ଡେନ ସିଟି ଆକଳନ କରାଯାଇଥିଲା। ବିନା ଅସ୍ତ୍ରୋପଚାରରେ ପରୀକ୍ଷାନିରୀକ୍ଷା କରି ଅସ୍ଥିର ସାମର୍ଥ୍ୟ ଓ ହାଡ ଭିତରେ ଥିବା ବୋନ ମ୍ୟାରୋରେ ଖଣିଜସ୍ତରରେ ତଥ୍ୟ ମିଳିଥିଲା।

ଆମରଲକ୍ଷ୍ୟ ହେଉଛି, ତୃଣମୂଳସ୍ତରର କ୍ରୀଡାବିତଙ୍କୁ ପ୍ରୋତ୍ସାହିତ କରିବା । ଏହି ଧରଣର ପରୀକ୍ଷାନିରୀକ୍ଷା ଦ୍ୱାରା ଆଥଲେଟମାନେ ଉପକୃତ ହୋଇପାରିବେ। ଇଞ୍ଜୁରୀ ପୂର୍ବରୁ ସଜାଗ ରଖିପାରିବେ ବୋଲି ଡାକ୍ତର ସାର୍ଥକ ପଟ୍ଟନାୟକ କହିଥିଲେ। ଚିଫ୍ ରିପୋଟିଂ ଅଫିସର ଦିନେଶ ସୁରି କହିଛନ୍ତି କ୍ରୀଡା ଓ ଯୁବସେବା ବିଭାଗ ଦ୍ୱାରା ପରିଚାଳିତ ଏହି ପ୍ରୟାସ ବେଶ ଗୁରୁତ୍ୱପୂର୍ଣ୍ଣ। କାରଣ ଅନେକ ସମୟରେ ଯୁବକ୍ରୀଡାବିତ ନିଜ ଅସ୍ଥିର ସାମର୍ଥ୍ୟ ଯାଞ୍ଚ କରନ୍ତି ନାହିଁ। ପ୍ରତିଷ୍ଠିତ ଆଥଲେଟମାନେ ଏଭଳି ପରୀକ୍ଷାନିରୀକ୍ଷା କରାଇଥାନ୍ତି। କିନ୍ତୁ ଆରମ୍ଭ ଅବସ୍ଥାରେ ଏଭଳି ଯାଞ୍ଚ କରିବା ଦ୍ୱାରା ନିଜସ୍ୱ ଫାଇଦା ରହିଛି। ନିମ୍ନସ୍ତରର ବିଏମଡିକୁ ଅନେକ ସମୟରେ ଅଣଦେଖା କରାଯାଏ। କିନ୍ତୁ ଚାପ ଜନୀତ ଫାକ୍ଟର, ବିଶେଷକରି ଉଚ୍ଚପ୍ରଭାବୀ କ୍ରୀଡାକ୍ଷେତ୍ରରେ ଏଭଳି ସମସ୍ୟା ଆଶଙ୍କ ଅଧିକ ଥାଏ। ତେଣୁ ଆମେ



ହାଡର ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବା। ତେବେ ଯାଏଁ ଆଥଲେଟ ନିଜକୁ ଇଞ୍ଜୁରୀମୁକ୍ତ ରଖିପାରିବେ ବୋଲି ଦିନେଶ୍ୱରୀ କହିଛନ୍ତି।

# ମନୋରଞ୍ଜନ-ବବୁଲ ସ୍ମାରକୀ ଫୁଟବଲ: ସଞ୍ଜୟନଗର -ଧର୍ମଶାଳା ଫାଇନାଲ

ଚଣ୍ଡିଖୋଲ,୬।୧୨(ସବ୍ୟୁ): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଇରା ଖେଳ ପଡିଆରେ ରାଜିବ ମେମୋରିଆଲ ୟୁଥକ୍ଲବ ଦ୍ୱାରା ଆୟୋଜିତ ମନୋରଞ୍ଜନ ବବୁଲ ସ୍ମାରକି ଫୁଟବଲ ଟୁର୍ନାମେଣ୍ଟରେ ଆଜି ଦୁଇଟି ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ ସଂଜୟନଗର ଓ ଦାନଗଦି ସ୍ପୋର୍ଟକ୍ଲବ ମଧ୍ୟରେ ହୋଇଥିଲା। ପ୍ରଥମାର୍ଦ୍ଧରେ ସଞ୍ଜୟନଗର ଗୋଟିଏ ଗୋଲରେ ଅଗ୍ରଣୀ ରହି ଦ୍ୱିତୀୟାର୍ଦ୍ଧରେ ପୁଣି ଦୁଇଟି ଗୋଲ ଦେଇ ୩-୦ ଗୋଲରେ ବିଜୟୀ ହୋଇଥିଲା। ଏହି ଖେଳରେ ସଞ୍ଜୟନଗର ଟିମର ସୁନୀଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ମୁଗୁପାଳ ଓ ଧର୍ମଶାଳା ସ୍ପୋର୍ଟକ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ପ୍ରଥମାର୍ଦ୍ଧ ଖେଳ ଅମିମାସିତ ଭାବେ ଶେଷ ହୋଇଥିଲା ବେଳେ ଦ୍ୱିତୀୟାର୍ଦ୍ଧରେ ଧର୍ମଶାଳା ଟିମ ଦୁଇଟି ଗୋଲକରି ବିଜୟୀ ହୋଇଥିଲା। ଧର୍ମଶାଳା ଟିମର ବିନୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚକୁ ବଡ଼ଚଣା ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ଭବନାଥପ୍ରଶାଦ ବସ୍ତିଆ ଉଦଘାଟନ କରିଥିଲେ।

# ହୋଲିଜେସସ ସ୍କୁଲରେ ଇଣ୍ଟର ହାଉସ କ୍ରିକେଟ ପ୍ରତିଯୋଗିତା : ଗ୍ରୀନ ହାଉସ ଟିମ ଚାମ୍ପିଅନ




ଚଣ୍ଡିଖୋଲ,୬।୧୨(ସବ୍ୟୁ): ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଧାନମଣ୍ଡଳ ସ୍ଥିତ ହୋଲି ଜେସସ ସ୍କୁଲରେ ଇଣ୍ଟର ହାଉସ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୪ଟି ଦଳ ଯଥା ରେଡ,ଗ୍ରୀନ,ଏଲୋ ଓ ବ୍ଲୁ ଟିମ ଭାଗ ନେଇଥିଲେ। ତେବେ ଫାଇନାଲ ମ୍ୟାଚ ଗ୍ରୀନ ଓ ନୀଳ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମୁକାବିଲାରେ ଗ୍ରୀନ ହାଉସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ୱିକେଟ୍ ହରାଇ ୮୮ରନ କରିଥିଲା ବେଳେ ବ୍ଲୁ ହାଉସ ୧୨ଓଭର ଖେଳି ୮୪ରନ କରି ପରାଜିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ କାମିନୀ ନାୟକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବରେ ପ୍ରଫେସର ଦିଲ୍ଲୀପକୁମାର ନାୟକ,ପ୍ରଫେସର ତପନକୁମାର ଜେନା ଓ ସମାଜସେବୀ ସୁରେଶଚନ୍ଦ୍ର ବରାଳ ଯୋଗଦେଇ ପ୍ରତିଯୋଗି ମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଓ ରନର୍ସଅଫ ଦଳକୁ ଟ୍ରଫି ପ୍ରଦାନକରି ପୁରସ୍କୃତ କରିଥିଲେ। ଏହି ପ୍ରତିଯୋଗିତାରେ ଅଷ୍ଟମ ଶ୍ରେଣୀର ଛାତ୍ର ବିନିତ ଚୋପ୍ରା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲା ବେଳେ ସାଇଲ ରାଜ ଶ୍ରେଷ୍ଠ ବୋଲର ଭାବେ ଆତିଫ୍ ଇକବାଲ୍ ପୁରସ୍କାର ପାଇଥିଲେ। ହିମାଂସୁ ନାଏକ ଓ ସଞ୍ଜୟ ରାଉତ ଖେଳ ପରିଚାଳନା କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃକଲେଜ କରାଟେ

# ରିତେଶ, ଦିବ୍ୟଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର,୬।୧୨(ସବ୍ୟୁ): ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଆନ୍ତଃକଲେଜ କରାଟେ ଓ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଏକାମ୍ର କଲେଜର ରିତେଶ ମହାନ୍ତି ଓ ଦିବ୍ୟ ପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । କରାଟେ ପୁରୁଷ ୫୫ କିଲୋ ବର୍ଗରେ ରିତେଶ ଓ ୮୪ କିଲୋରୁ ଉର୍ଦ୍ଧ୍ୱ ବର୍ଗରେ ଦିବ୍ୟ ପ୍ରଥମ ସ୍ଥାନ ହାସଲ କରିଥିଲେ । ଦୁଇ କରାଟେକାଙ୍କ ଏହି ସଫଳତା ପାଇଁ ଏକାମ୍ର କଲେଜର ଅଧ୍ୟକ୍ଷା ଡ. ରାଜଶ୍ରୀ ମହାନ୍ତି ଅଭିନନ୍ଦନ ଜଣାଇବା ସହ ସେମାନେ ଭବିଷ୍ୟତରେ ଆହୁରି ସଫଳତା ହାସଲ କରନ୍ତୁ ସେନେଇ ଶୁଭେଚ୍ଛା ଜଣାଇଛନ୍ତି । ଏହି ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲରେ ଆଜି ଆୟୋଜିତ ହୋଇଥିଲା । ମନୋଜ କୁମାର ମହାପାତ୍ର ଏକାମ୍ର ଦଳର ମ୍ୟାନେଜର ଥିଲେ ।

# ବିଜେଇଏମ୍ ସ୍କୁଲ୍-୨ର ୧୮ ତମ ବାର୍ଷିକ କ୍ରୀଡ଼ା ଉତ୍ସବ 'ୟୁଏଗୋ' ଉଦଯାପିତ




ଭୁବନେଶ୍ୱର,୬।୧୨(ସବ୍ୟୁ): ଭୁବନେଶ୍ୱର ଉପକଣ୍ଠସ୍ଥ ସତ୍ୟଭାମାପୁରସ୍ଥିତ ବିଜେଇଏମ୍ ସ୍କୁଲ୍-୨ର ବାର୍ଷିକ କ୍ରୀଡ଼ା ଉତ୍ସବ 'ୟୁଏଗୋ' ଗତ ଦୁଇ ଦିନଧରି ମହାଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କେ.ରବି କୁମାର (ଅର୍ଜୁନ ପୁରସ୍କାର ବିଜେତା) ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିବା ସହିତ ଜୀବନରେ କ୍ରୀଡ଼ାର ଭୂମିକା ଉପରେ ମହତ୍ତ୍ୱପୂର୍ଣ୍ଣ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଦୁଇଦିନ ଧରି ଚାଲିଥିବା ଉକ୍ତ କ୍ରୀଡ଼ା ଉତ୍ସବ ରେ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର, ଉପସଭାପତି ଡଃ ନିରଞ୍ଜନ ସାହୁ ,ପରିଚାଳକ ଶିଶିର ରାଓ, ସହ ପରିଚାଳକ ନମିତା ରାଉତ, ବିଜେ ଶିକ୍ଷା ପରିଷଦର ସମ୍ପାଦକ ପ୍ରତାପ କୁମାର ଜେନା, ଅଧ୍ୟକ୍ଷ ବରଦା ପ୍ରସାଦ ପାଇକରାୟ, ଉପାଧ୍ୟକ୍ଷ ଡଃ ମନୋରଞ୍ଜନ ବେଜ ସମସ୍ତ ପ୍ରଶାସନିକ ପର୍ଯ୍ୟବେକ୍ଷକ ଏବଂ ବି.ଜେ.ଶିକ୍ଷା ପରିଷଦର ବରେଣ୍ୟ ସଦସ୍ୟ ଗଣ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ମାନଙ୍କ ପାଇଁ ମଧ୍ୟ ବିଭିନ୍ନ ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶ୍ୟାମସୁନ୍ଦର ସାହୁ, ଅନସୂୟା ମହାରଣା, ଅଜୟ ସରକାର, ନୀଳିମା ମହାନ୍ତି ଓ ବସନ୍ତ କୁମାର ପ୍ରଧାନ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବଳିଷ୍ଠ ସହଯୋଗରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୨୦୨୫ ବାର୍ଷିକ କ୍ରୀଡ଼ା ଉତ୍ସବରେ ସିନିୟର ବର୍ଗରେ ଏକାଦଶ ଶ୍ରେଣୀର ଛାତ୍ର ରାଜେଶ କୁମାର ସାଥୁଆ , ଦ୍ୱାଦଶ ଶ୍ରେଣୀର ଛାତ୍ରୀ ବି.ଏସ.ସ୍ୱର୍ଣ୍ଣ ସିଦ୍ଧା ଚାମ୍ପିୟନ ହୋଇଥିବା ବେଳେ ସବ୍ ସିନିୟର ବର୍ଗରେ ଦଶମ ଶ୍ରେଣୀର ଛାତ୍ର ପ୍ରିୟ ରଞ୍ଜନ ସାହୁ ଓ ନବମ ଶ୍ରେଣୀର ଛାତ୍ରୀ ସ୍ୱର୍ଣ୍ଣ ପ୍ରଭା ରାଉତ ଚାମ୍ପିଅନ୍ ହୋଇଥିଲେ । ଜୁନିୟର ବର୍ଗରେ ଅଷ୍ଟମ ଶ୍ରେଣୀର ଛାତ୍ର ରାକେଶ ସାଥୁଆ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀ ଆୟେଶା ଦାସ ଚାମ୍ପିଅନ ହୋଇଥିଲେ।

## ୩୭ତମ ସବ ଜୁନିଅର ଜାତୀୟ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ ଉଦଯାପିତ

# ତନଭି ପତ୍ରିଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୬।୧୨(ସବ୍ୟୁ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରସ୍ଥ ଡାଲମିଆ ଭାରତ ଗୋପିଚାନ୍ଦ ବ୍ୟାଡ଼ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ)ରେ ଆୟୋଜିତ ୩୭ତମ ଜାତୀୟ ସବ ଜୁନିଅର ବ୍ୟାଡ଼ମିଣ୍ଟନ ଚାମ୍ପିୟାନସିପ ଉଦଯାପିତ ହୋଇଯାଇଅଛି । ଚୂଡାନ୍ତ ଦିବସ ରେ ଖେଳାଯାଇଥିବା ୧୫ ଓ ୧୭ ବର୍ଷ ରୁ କମ ଉଭୟ ବିଭାଗ ରେ ଓଡ଼ିଆ ଖେଳାଳି ତନଭି ପତ୍ରି ବିଜୟୀ ହୋଇ ଦ୍ୱିମୁକୁଟ ଲାଭ କରିଛନ୍ତି।

୧୫ବର୍ଷ ରୁ କମ ବୟସ ବର୍ଗ ର ଫାଇନାଲ ରେ ତନଭି ତେଲେଙ୍ଗାନା ର ଅବନୀ ବିକ୍ରମ ଗୋବିନ୍ଦ ଙ୍କୁ ୨୧-୯ ଓ ୨୧-୧୩ପଏଣ୍ଟର ଦୁଇଟି ଗେମ ରେ ପରାଜିତ କରି ଚାମ୍ପିଅନ ହୋଇଥିବାବେଳେ , ୧୭ ବର୍ଷ ରୁ କମ ବାଳିକା ସିଙ୍ଗଲ ଫାଇନାଲ ରେ ତନଭି ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରି ତାମିଲନାଡୁ ଖେଳାଳୀ ଦୀକ୍ଷା ଏସ. ଆର ଙ୍କୁ ୨୦-୨୨ , ୨୧-୧୭ ଓ ୨୨-୨୦ ପଏଣ୍ଟରେ ହରାଇ ଚାମ୍ପିଅନ ହୋଇଛନ୍ତି । ବାଳକ୨୫ବର୍ଷ ରୁ କମ ବିଭାଗ ର ଫାଇନାଲ ଲଢେଇରେ କର୍ଣ୍ଣାଟକ ର ପୁଷ୍କର ଦିଲ୍ଲୀ ର ହର୍ଷିତ ଖତ୍ରୀଙ୍କୁ ୨୧-୧୭, ୨୧-୧୨ ପଏଣ୍ଟର ଦୁଇଟି ଗେମ ରେ ହରାଇ ଚାମ୍ପିଅନ ହୋଇଛନ୍ତି । ୧୫ବର୍ଷ ରୁ କମ ବାଳିକା ଡବଲସ ଫାଇନାଲ ରେ ଓଡ଼ିଆ ଯୋଡି ସ୍ୱାତି ନାୟକ ଓ ନିମିଶା ଓଝା ମହାରାଷ୍ଟ୍ର ଯୋଡି ସରାୟୁ ରଞ୍ଜନ ଓ ସୋୟାରା ସେଲାର ଙ୍କ ଠାରୁ ୧୫-୨୧,୧୪-୨୧ ପଏଣ୍ଟ ରେ ହାରି ରନର୍ସ ଅପ ରେ ସନ୍ତୁଷ୍ଟ ହୋଇଛନ୍ତି।

୧୭ ବର୍ଷ କମ ବାଳକ ବିଭାଗ ରେ ଟପ ସିଡ ଜଗସେର ସିଂ ଖାଙ୍ଗୁରା ନିଜ ରାଜ୍ୟ ର ବିରାଜ ଶର୍ମା ଙ୍କୁ ୨୧-୧୨ ,୨୧-୧୩ ର ଦୁଇଟି ଗେମ ରେ ହରାଇ ଚାମ୍ପିଅନ ହୋଇଛନ୍ତି । ୧୫ ବର୍ଷ କମ ଡବଲ ବାଳକ ଫାଇନାଲ ରେ ପଶ୍ଚିମବଙ୍ଗ ଉତ୍ତରାଖଣ୍ଡ ଯୋଡି ସ୍ୱର୍ଣ୍ଣମଦ୍ୟୁତି ଘୋଷ ଓ ସୌର୍ଯ୍ୟ ସିଂ ରଣା ହରିୟାଣା ଦିଲ୍ଲୀ ଯୋଡି ଜୟବର୍ଦ୍ଧନ ହୁଡା ଓ ହର୍ଷିତ ଖତ୍ରୀ ଙ୍କୁ ୨୧-୧୮ ,୧୯-୨୧ ଓ ୨୧-୧୪ ର ତିନୋଟି ଗେମ ରେ ହରାଇ ଚାମ୍ପିଅନ ହୋଇଛନ୍ତି ।୧୫ ବର୍ଷ ରୁ କମ ମିକ୍ସଡ଼ ଡବଲସ ଫାଇନାଲ ରେ ତାମିଲନାଡୁ ଆନ୍ଧ୍ର ଯୋଡି ନିଥିନ୍ ପ୍ରକାଶ ଓ ବିଜୟ ତେଜସ୍ୱିନୀ ପଶ୍ଚିମ ବଙ୍ଗ ତାମିଲନାଡୁ ଯୋଡିସ୍ୱର୍ଣ୍ଣମଦ୍ୟୁତି ଘୋଷ ଓ ନେହା ଏସ ଙ୍କୁ ୨୧-୧୧,୧୯-୨୧ଓ ୨୧-୧୩ ପଏଣ୍ଟ ରେ ହରାଇ ଚାମ୍ପିଅନ ହୋଇଛନ୍ତି।

୧୭ ବର୍ଷ ରୁ କମ ମିକ୍ସଡ଼ ଡବଲ ଫାଇନାଲ ରେ କର୍ଣ୍ଣାଟକ ଯୋଡି ପୁନିଥ ଏସ ଓ ଦୀପକ ରାଜ ଅଦିତି ରାଜସ୍ଥାନ ତାମିଲନାଡୁ ଯୋଡି ଅର୍ଣ୍ଣବ ଶର୍ମା ଓ ଅଞ୍ଜନା ମାଣିକନ୍ଦନ ଙ୍କୁ ୨୧-୧୬, ୨୧-୧୪ରେ ହରାଇ ଚାମ୍ପିୟନ ହୋଇଛନ୍ତି ।




ବାଳକ ଡବଲସ ୧୭ ବର୍ଷ ରୁ କମ ଫାଇନାଲ ରେ କର୍ଣ୍ଣାଟକ ଯୋଡି ପବନ ଏସ ଓ ପୁନିଥ ଏସ ଚାମ୍ପିଅନ ହୋଇଥିବା ବେଳେ ବାଳିକା ରେ ଦୀପକ ରାଜ ଅଦିତି ଓ ପୋନ୍ନାମ୍ମା ବି. ଭି. ଭି. ଚାମ୍ପିଅନ ହୋଇଛନ୍ତି ।

ଜାତୀୟ ଚାମ୍ପିଅନସିପ ର ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟସରକାରଙ୍କ ଉନ୍ନୟନ ସଚିବ ଅନୁ ଗର୍ଗ, କ୍ରୀଡା ଓ ଯୁବ ସେବା ସଚିବ ସଚିନ ଯାଦବ, ଓସବା ସଭାପତି ରାଜେଶ ପ୍ରଭାକର ପାଟିଲ, ଶିକ୍ଷ ବିଭାଗ ନିର୍ଦ୍ଦେଶକ ଆବୋଲି ସୁନୀଲ ନର୍ବୋଣେ, ବାଇ ଉପସଭାପତି ତଥା ଟୁର୍ଣ୍ଣାମେଣ୍ଟ କମିଟୀ ଅଧ୍ୟକ୍ଷ ଶେଖର ବିଶ୍ୱାସ, ଟୁର୍ଣ୍ଣାମେଣ୍ଟ. କେ.ଶର୍ମା, ଓସବା ସମ୍ପାଦକ ତଥା ଆୟୋଜନ କମିଟି ସମ୍ପାଦକ ନିଳିନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଓସବା ତରଫରୁ ଚାମ୍ପିଅନ ଖେଳାଳି ତନଭି ପତ୍ରି ଙ୍କୁ ପାଞ୍ଚ ଲକ୍ଷ ଓ ଡବଲସ ରନର୍ସ ଅପ ହୋଇଥିବା ନିମିଶା ଓଝା ଓ ସ୍ୱାତି ନାୟକ ଙ୍କୁ ଅଢେଇ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ବୋଲି ଓସବା ସଭାପତି ତଥା ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ ଘୋଷଣା କରିଥିଲେ। ଏହି ଜାତୀୟ ଚାମ୍ପିଅନସିପର ପୁରସ୍କାର ରାଶି ୪୦ ଲକ୍ଷ ଟଙ୍କା ଯାହାକି ଚାମ୍ପିଅନ ଓ ରନର୍ସ ଉପ ଖେଳାଳି ମାନଙ୍କୁ ବଣ୍ଟନ କରାଯାଇଥିଲା ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି